# କୋରେଇ ଅଞ୍ଚଳରେ କାଳବୈଶାଖୀ ତାଣ୍ଡବ


କାଳବୈଶାଖୀରେ ଘର ଉପରେ ଭାଙ୍ଗିପଡ଼ିଛି ଗଛ ଓ ବିଦ୍ୟୁତ୍ ଖୁଣ୍ଟ।


ରାସ୍ତାକଡ଼ରେ ଥିବା କ୍ୟାବିନ୍ ଓଲଟି ପଡ଼ିଛି।


ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ରାସ୍ତା ଉପରେ ପଡ଼ିଛି।

**କୋରେଇ,୧୬।୪(ଚନ୍ଦ୍ରକାନ୍ତ ପତି):**

- ଭାଙ୍ଗିଲା ୪୦ରୁ ଊର୍ଦ୍ଧ୍ୱ ବିଦ୍ୟୁତ୍ ଖୁଣ୍ଟ
- ଉପୁଡ଼ିଲା ପୁରୁଣା ଗଛ

କୋରେଇ ଅଞ୍ଚଳରେ ମଙ୍ଗଳବାର ଅପରାହ୍ଣରେ କାଳବୈଶାଖୀ ତାଣ୍ଡବ ରଚିଛି। ଏଥିରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଜଣାପଡ଼ିଛି। ବ୍ଲକ ଅଧୀନ ପାଟରଙ୍ଗା ପଞ୍ଚାୟତ ପାଟରଙ୍ଗା ଗ୍ରାମରେ ଅନେକ ଘର ଭାଙ୍ଗିବା ସହ ଗଛ ଓ ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ପଡ଼ିଛି। ଅପରାହ୍ଣ ପ୍ରାୟ ୩ଟାରେ ହଠାତ୍ ପ୍ରବଳ ବେଗରେ ପବନ ବହିବା ସହ ଘଡ଼ଘଡ଼ି ବିଜୁଳି ମାରି ବର୍ଷା ଆରମ୍ଭ ହୋଇଥିଲା। ପବନର ବେଗ ଏତେ ମାତ୍ରାରେ ଥିଲା ଯେ ୩/୪ଟି କ୍ୟାବିନକୁ ପାଖାପାଖି ୨ରୁ୩ଶହ ମିଟର ପର୍ଯ୍ୟନ୍ତ ଉଡାଇ ନେଇଥିଲା। ୪୦ରୁ ଊର୍ଦ୍ଧ୍ୱ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ଘର ଓ ରାସ୍ତା ଉପରେ ପଡ଼ିଥିଲା। ସେହିପରି ଅନେକ ଗଛ ଡାଳ ଭାଙ୍ଗି ଘର ସହିତ ରାସ୍ତା ଉପରେ ପଡ଼ିଥିଲା। ଖବର ପାଇ ଯାଜପୁର ରୋଡ୍ ଦମକଳ ବାହିନୀ ପହଞ୍ଚି ଗଛଗୁଡ଼ିକୁ କାଟି ସଫା କରିଥିଲେ। ସଫେଇ କାର୍ଯ୍ୟରେ ତ୍ରିଲୋଚନ ପାତ୍ର, ଚନ୍ଦ୍ରକାନ୍ତ ଭୂୟାଁ, ନିତ୍ୟାନନ୍ଦ ବେହେରା, ବୀରକିଶୋର ଦାସ ଓ ଅଭିଳାଷ ବାରିକ ପ୍ରମୁଖ ଯୁବକମାନେ ସହଯୋଗ କରିଥିଲେ। ଗ୍ରାମର ଚନ୍ଦ୍ରକାନ୍ତ ଭୂୟାଁ, ନିରଞ୍ଜନ ରାଉତ, ବାବାଜୀ ବାରିକ, ରାମଚନ୍ଦ୍ର ଦାସ, ବାବାଜୀ ବେହେରା, ଦିନବନ୍ଧୁ ପାତ୍ର, ଦିନବନ୍ଧୁ ପୃଷ୍ଟି ଆଦି ବହୁ ଲୋକଙ୍କର ଘର ଭାଙ୍ଗି ଯିବା ସହିତ ବ୍ୟାପକ କ୍ଷତି ଘଟିଛି। ପ୍ରଶାସନ କ୍ଷତିଗ୍ରସ୍ତଙ୍କୁ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

## କଳିଙ୍ଗନଗରର ବିଭିନ୍ନ ସ୍ଥାନରେ କାଳବୈଶାଖୀ

**କଳିଙ୍ଗନଗର,୧୬।୪(ଶୁଭାଶିଷ ରାଉତ):**

କଳିଙ୍ଗନଗରର ବିଭିନ୍ନସ୍ଥାନରେ ମଙ୍ଗଳବାର କାଳବୈଶାଖୀ ତାଣ୍ଡବ ରଚିଛି। ଅପରାହ୍ଣ ପ୍ରାୟ ୩ଟାରେ ଆକାଶରେ କଳାବାଦଲ ଘୋଟିଆସିବା ସହ କ୍ଷୀପ୍ର ଗତିରେ ପବନ ବହିବାକୁ ଲାଗିଥିଲା। ପବନର ମାତ୍ରା ଏତେ ଅଧିକ ଥିଲା ଯେ ଚାହୁଁଚାହୁଁ ସବୁକିଛି ସରିଯାଇଥିଲା। ତ୍ରିଜଙ୍ଗା ବିସ୍ଥାପିତ କଲୋନୀରେ ରାସ୍ତା ଉପରେ ଦୁଇଟି ଗଛ ଭାଙ୍ଗି ପଡ଼ିଥିଲା। ଫଳରେ ବିଦ୍ୟୁତ୍ ତାର ସବୁ ଛିଡ଼ି ପଡ଼ିଥିଲା। ଅପରାହ୍ଣ ୩ଟାଠାରୁ କଲୋନୀକୁ ବିଦ୍ୟୁତ୍ ସରବରାହ ବନ୍ଦ ହୋଇଯାଇଥିଲା। ସେହିପରି ଦାନଗଦି ବଜାରର ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ତାର ସବୁ ପବନରେ ଛିଡ଼ି ପଡ଼ିଥିଲା। ସିଙ୍ଗାଡ଼ିଆଠାରେ ବଡ଼ଗଛ ସବୁ ଭାଙ୍ଗିଯାଇଥିଲା। ରଗଡ଼ାଠାରେ ନିର୍ମାଣାଧୀନ ଇନ୍ଦୋର ଷ୍ଟାଡିୟମର ପ୍ରାୟ ୧୨୦ ଫୁଟ ପାଚେରି ଭାଙ୍ଗିଯାଇଥିଲା। ତେବେ ନିମ୍ନମାନର କାମ ଯୋଗୁ ପବନରେ ପାଚେରି ଟଳି ପଡ଼ିଥିବା ସ୍ଥାନୀୟ ଲୋକେ କହିଛନ୍ତି। ସେହିପରି ଦାନଗଦି ବଜାରର ବହୁ ସ୍ଥାନରେ ଦୋକାନ ଉପରେ ଥିବା ହୋଡ଼ିଂ ସବୁ ଭାଙ୍ଗିଯାଇଛି।


କାଳବୈଶାଖୀରେ ଘରର ଆଜବେଷ୍ଟସ ଉଡ଼ିଯାଇଛି।

## ବରୁଣାଡ଼ିହାରେ ମେଗା ରକ୍ତଦାନ ଶିବିର

**ରାଜକନିକା,୧୬।୪(ରବୀନ୍ଦ୍ର କୁମାର ଦାସ)**

ରାଜକନିକା ବରୁଣାଡିହା ହାଇସ୍କୁଲରେ ମଙ୍ଗଳବାର ହନୁମାନ ପୂଜା କମିଟି ପକ୍ଷରୁ ଏକା ମେଗା ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଏହାକୁ ମୁଖ୍ୟଅତିଥି ଭାବେ ଶକ୍ତିମନ୍ତ୍ରୀ ପ୍ରତାପ ଦେବ ଯୋଗଦେଇ ଉଦ୍‌ଘାଟନ କରି ସ୍ୱେଚ୍ଛାକୃତ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡିର ଯୁବ ସଙ୍ଗଠକ ପବିତ୍ର ରାଉତ, ଜିଲା ପରିଷଦ ସଭ୍ୟ ପ୍ରତାପ ବେହେରା, ପ୍ରଫୁଲ୍ଲ ରାଉତ, ପ୍ରଦୀପ୍ତ ରାଉତ, ଉତ୍ତମ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ରକ୍ତଦାନ ଶିବିରରେ ମୋଟ ୫୦ୟୁନିଟ ରକ୍ତ ସଂଗ୍ରହ କରାଯାଇ କଟକ ରକ୍ତ ଭଣ୍ଡାରକୁ ପଠାଯାଇଥିବା କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଶିବିରକୁ ହନୁମାନ ପୂଜା କମିଟିର ଧୀରେନ୍ଦ୍ର ବେହେରା, ମନୋରଞ୍ଜନ ନାୟକ, ବିପିନ ବେହେରା, ପ୍ରଭାତ ବେହେରା, ମାନସ ବେହେରା, ରଜନୀକାନ୍ତ ମହାନ୍ତି, ଅଜିତ ମହାନ୍ତି, ମାନସ ରଞ୍ଜନ ବିଶ୍ୱାଳ, ଅମିତ ମଲ୍ଲିକ, ବିନୋଦ ନାୟକ, ମୁକେଶ ଶତପଥୀ ସହଯୋଗ କରିଥିବା ଦେଖିବାକୁ ମିଳିଥିଲା।

# ଭାଜପାରୁ ସରପଞ୍ଚ, ସମିତି ସଭ୍ୟଙ୍କ ଇସ୍ତଫା

**ବାଲିଚନ୍ଦ୍ରପୁର,୧୬।୪ (ଗିରିଜା ପ୍ରସାଦ ସାହୁ):**

ବଡ଼ଚଣା ନିର୍ବାଚନମଣ୍ଡଳୀରୁ ଭାଜପା ଅମର ନାୟକଙ୍କୁ ପ୍ରାର୍ଥୀ ଘୋଷଣା କରିଛି। ଅମରଙ୍କ ନେତୃତ୍ୱକୁ ବିରୋଧ କରି ମଙ୍ଗଳବାର କେତେଜଣ ସରପଞ୍ଚ, ସମିତିସଭ୍ୟାସଭ୍ୟ ଓ ଦଳୀୟ କାର୍ଯ୍ୟକର୍ତ୍ତା ଇସ୍ତଫା ଦେଇଛନ୍ତି। ବାଲିଚନ୍ଦ୍ରପୁର ଠାରେ ଏକ ଖବରଦାତା ସମ୍ମିଳନୀ କରି ସେମାନେ ଏହି ସୂଚନା ଦେଇଛନ୍ତି। ବାଲିଚନ୍ଦ୍ରପୁର ମଣ୍ଡଳ ସଭାପତି ଦେବେନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ଭାଜପା ନେତା ତଥା ସରପଞ୍ଚ ଜ୍ଞାନରଞ୍ଜନ ସାହୁ, ଇଂ. ଯଶୋଦୀପ୍ତ ସାମଲ, ଉତ୍କଳ କେଶରୀ ସାମଲ ପ୍ରମୁଖ ଯୋଗଦେଇ ଅମରଙ୍କ ଉପରେ ବର୍ଷିଛନ୍ତି। ଅମର ଦଳୀୟ କର୍ମୀଙ୍କୁ ଅଣଦେଖା କରି ବ୍ୟକ୍ତିଗତ ସଂଗଠନ କରି ଦଳୀୟ କାର୍ଯ୍ୟକ୍ରମକୁ ଉପେକ୍ଷା କରୁଥିବା ସେମାନେ ଅଭିଯୋଗ ଆଣିଛନ୍ତି। ଅମରଙ୍କ କାର୍ଯ୍ୟରେ କର୍ମକର୍ତ୍ତା ଅଣନିସ୍ୱାଶୀ ହୋଇ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିବା ଘୋଷଣା କରିଛନ୍ତି। ଏକ ଇସ୍ତଫାପତ୍ର ଯାଜପୁର ଜିଲା ଭାଜପା ସଭାପତି ଓ ରାଜ୍ୟ ସଭାପତିଙ୍କୁ ପ୍ରଦାନ କରିଛନ୍ତି ବୋଲି ସୂଚନା ଦେଇଛନ୍ତି। ସମ୍ମିଳନୀରେ ଗୋପାଳପୁର ସରପଞ୍ଚ ଗୋଦାବରୀ ଶାନ୍ତି, ସମିତି ସଭ୍ୟା ପୁଷ୍ପଲତା ସାମଲ, କୋଲଗିରି ସମିତିସଭ୍ୟ ନିରଞ୍ଜନ ମହାନ୍ତି, ପଞ୍ଚାୟତ ପ୍ରମୁଖ ପର୍ଶୁରାମ ଦାସ ଓ ସରପଞ୍ଚଙ୍କ ପ୍ରତିନିଧି ଚିନ୍ମୟ ଶାନ୍ତି ପ୍ରମୁଖ ଅନେକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଏନେଇ ଅମରଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।


ଭାଜପାରୁ ଇସ୍ତଫା ଦେଇଥିବା ସରପଞ୍ଚ, ସମିତି ସଭ୍ୟ ଓ ଅନ୍ୟମାନେ।

## ଟ୍ରକ୍-ପିକ୍‌ଅପ୍ ଭ୍ୟାନ୍ ଧକ୍କା: ଡ୍ରାଇଭର ମୃତ

**ଧର୍ମଶାଳା,୧୬।୪(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥର ରଥିଆ ଛକ ନିକଟରେ ସୋମବାର ରାତିରେ ଟ୍ରକ ଓ ପିକଅପଭ୍ୟାନ ମଧ୍ୟରେ ଧକ୍କା ହୋଇଛ। ଏଥିରେ ପିକଅପଭ୍ୟାନ ଡ୍ରାଇଭରଙ୍କ ମୃତ୍ୟୁ ହୋଇଛି। ସୂଚନା ମୁତାବକ, ପରିବା ବୋଝେଇ ଏକ ପିକଅପଭ୍ୟାନ ଚଣ୍ଡିଖୋଲ ପଟୁ ଭଦ୍ରକ ଆଡକୁ ଯାଉଥିବାବେଳେ ଆଗରେ ଭଦ୍ରକ ଆଡକୁ ଯାଉଥିବା ଏକ ଟ୍ରକ ପଛପଟେ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ପିକ୍‌ଅପ ଭ୍ୟାନ ଡ୍ରାଇଭରଙ୍କ ମୃତ୍ୟୁ ହୋଇଥିଲା। ମୃତ ଡ୍ରାଇଭର ଭଦ୍ରକ ଥାନା ପୁରୁଣାବଜାର ଅଲାରପୁର ଗ୍ରାମର ଇବ୍ରାହିମ ରସିଦ ଖାଁଙ୍କ ପୁଅ ଜାବେଦ ଖାଁ (୩୫) ବୋଲି ଜଣାପଡିଛି। ଧର୍ମଶାଳା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଦୁର୍ଘଟଣାଗ୍ରସ୍ତ ଟ୍ରକ ଓ ପିକଅପ୍ ଭ୍ୟାନକୁ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଏନେଇ ଥାନାରେ ନଂ.୨୮୪।୨୪ରେ ଏକ ମାମଲା ରୁଜୁ ହୋଇଛି।

## ଚଣ୍ଡିଖୋଲ ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ଜଳଛତ୍ର


ଚଣ୍ଡିଖୋଲ ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ଜଳ ବଣ୍ଟନ କରାଯାଉଛି।

**ବଡ଼ଚଣା,୧୬।୪ (ଦିଲୀପ କୁମାର ମହାନ୍ତି):**

ଚଣ୍ଡିଖୋଲ ଘରୋଇ ବସ ମାଲିକ ସଂଘ ତରଫରୁ ଚଣ୍ଡିଖୋଲ ଛକଠାରେ ଜଳଛତ୍ର କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ସଂଘ ସଭାପତି ଅମରେନ୍ଦ୍ର ନାୟକ, ସମ୍ପାଦକ ଦିଲୀପ କୁମାର ଚୌଧୁରୀ, ଦୀପକ କୁମାର ମିଶ୍ର, ପୁଷ୍ପରାଜ ନାୟକ, କିଶୋର ପଲେଇ, ରତିକାନ୍ତ ସ୍ୱାଇଁ, ସୁନୀଲ ନାୟକ, ସୌମ୍ୟରଞ୍ଜନ ନାୟକ, ହୃଷୀକେଶ ସାମଲ ଓ ଶାନ୍ତନୁ ଖିଲାର ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମ ୨ ମାସ ଚାଲିବ ବୋଲି ସଂଘ ପକ୍ଷରୁ କୁହାଯାଇଛି।

# ଲୋକଙ୍କ ସେବା ଆମ ଦଳର ପ୍ରାଥମିକତା: ପ୍ରମିଳା


କର୍ମୀ ସମ୍ମିଳନୀରେ ପ୍ରମିଳା ମଲ୍ଲିକ ଉଦ୍‌ବୋଧନ ଦେଉଛନ୍ତି।

**ସିଂହପୁର,୧୬।୪(ଅନଙ୍ଗ ଉଦୟ ବେଉରିଆ):**

**ଶର୍ମିଷ୍ଠା ଓ ପ୍ରମିଳାଙ୍କ ମିଳିତ ପ୍ରଚାର**

ବିଞ୍ଝାରପୁର ନିର୍ବାଚନମଣ୍ଡଳୀରେ ବିଜେଡି ଲୋକସଭା ପ୍ରାର୍ଥୀ ଶର୍ମିଷ୍ଠା ସେଠୀ ଓ ବିଞ୍ଝାରପୁର ବିଧାନସଭା ବିଜେଡି ପ୍ରାର୍ଥୀ ପ୍ରମିଳା ମଲ୍ଲିକ ମିଳିତ ଭାବେ ପ୍ରଚାର ମୈଦାନକୁ ଓହ୍ଲାଇଛନ୍ତି। ବିଭିନ୍ନ ସ୍ଥାନରେ ଦଳୀୟ କର୍ମୀମାନଙ୍କୁ ନେଇ କର୍ମୀ ସମ୍ମିଳନୀରେ ନିର୍ବାଚନ ପାଇଁ ରଣନୀତି ପ୍ରସ୍ତୁତ କରୁଛନ୍ତି। ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ବାଙ୍ଗରା, ଜରି, ଅରେଇ ଆଦି ପଞ୍ଚାୟତରେ ବିଜେଡି ପକ୍ଷରୁ ଆୟୋଜିତ କର୍ମୀ ସମ୍ମିଳନୀରେ ଉଭୟେ ଯୋଗଦେଇ ବିଜେଡି ବିଞ୍ଝାରପୁର ନିର୍ବାଚନମଣ୍ଡଳୀରେ ବିକାଶର ସ୍ରୋତକୁ ଅବ୍ୟାହତ ରଖିଛି। ଅଭାବ, ଅନାଟନ, ଦୁଃଖ, କଷଣର ବିଞ୍ଝାରପୁର ଆଜି ରାଜ୍ୟର ପ୍ରଗତୀର ଅନ୍ୟତମ ଉଦାହରଣ ପାଲଟିଛି। ଏଠାରେ କଳକାରଖାନା ନ ଥିଲେ ମଧ୍ୟ ଶିକ୍ଷା, କୃଷି, ବାଣିଜ୍ୟ, ସ୍ୱାସ୍ଥ୍ୟ ଆଦି କ୍ଷେତ୍ରରେ ଅହେତୁକ ବିକାଶ କେବଳ ବିଜେଡି ଦ୍ୱାରା ହୋଇଛି। ଅନ୍ୟ ଦଳର ନେତାନେତ୍ରୀ କେବଳ ମିଛ ପ୍ରତିଶ୍ରୁତି ଦେଇ ବିଞ୍ଝାରପୁରବାସୀଙ୍କୁ ଠକିଥିବା ବେଳେ ବିଜେଡି ସଭାପତି ନବୀନ ପଟ୍ଟନାୟକ ଲୋକଙ୍କ ସେବାକୁ ପ୍ରାଥମିକତା ପ୍ରଦାନ କରିଛନ୍ତି ବୋଲି ପ୍ରମିଳା ମତବ୍ୟକ୍ତ କରିଛନ୍ତି। ଏହି କର୍ମୀ ସମ୍ମିଳନୀରେ ବିଞ୍ଝାରପୁର ବିଜୁ ଜନତା ଦଳ ସଭାପତି ନନ୍ଦକିଶୋର ସାମଲ, ପଞ୍ଚାୟତ ସମିତି ଅଧ୍ୟକ୍ଷା ରଂଜିତା ଦାସ, ଜରି ସରପଞ୍ଚ ନନ୍ଦକିଶୋର ମଲ୍ଲିକ, ଉମେଶ ଚନ୍ଦ୍ର ଦାସ, ପ୍ରଦ୍ୟୁମ୍ନ ପାତ୍ର, ପ୍ରତାପ ପାତ୍ର, ମନୋଜ ସାମଲ, ପ୍ରମୋଦ ସାମଲ, ସୁବ୍ରତ ସାମଲ, ଅମର ମଲ୍ଲିକ, ଅନୁସୂୟା ମଲ୍ଲିକ, ବିଷ୍ଣୁ ମଲ୍ଲିକ, ମୁନା ମଲ୍ଲିକ ଓ ଅରୁଣ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ।

## ବଳାତ୍କାର ମାମଲାରେ ଗୁଣନିଧିଙ୍କୁ ୧୦ ବର୍ଷ ଜେଲ

**କେନ୍ଦ୍ରାପଡ଼ା, ୧୬।୪ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ସଦର ଥାନା ଅଞ୍ଚଳର ୨୦୧୯ରେ ହୋଇଥିବା ଏକ ବଳାତ୍କାର ମାମଲାର ରାୟ ମଙ୍ଗଳବାର ପ୍ରକାଶ ପାଇଛି। ଫାଷ୍ଟ ଟ୍ରାକ୍ ଆଡହକ କୋର୍ଟର ଅତିରିକ୍ତ ଜିଲା ଜଜ୍ ତ୍ରିବିକ୍ରମ କେଶରୀ ଚିନରା ଚକଡା ଗ୍ରାମର ଗୁଣନିଧି ମଲ୍ଲିକଙ୍କୁ ଏହି ମାମଲାରେ ଦୋଷୀ ଭାବେ ୧୦ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏଥିସହିତ ଜରିମାନା ବାବଦ ୩୧ ହଜାର ଟଙ୍କା କରିଛନ୍ତି । ଟଙ୍କା ଅନାଦାୟେ ୧ ବର୍ଷ ଅଧିକ ଜେଲରେ ରହିବେ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ଏ ସମ୍ପର୍କରେ ସରକାରୀ ଓକିଲ ସଞ୍ଜୟ କୁମାର ଜେନା ସୂଚନା ଦେଇଛନ୍ତି ଯେ, ଗତ ୨୦୧୯ ଜୁନ ୧୬ ରାତିରେ ସଦର ଥାନା ଅଞ୍ଚଳର ଜଣେ ମହିଳା ଘରେ ଏକାକୀ ଥିଲେ। ଏହାକୁ ଏକ ସୁଯୋଗ ଭାବି ଗୁଣନିଧି ଉକ୍ତ ମହିଳାଙ୍କୁ ବଳାତ୍କାର କରିଥିଲେ। ଏଥିସହ ଘଟଣା ସମ୍ପର୍କରେ କାହାକୁ ଜଣାଇଲେ ଜୀବନରୁ ମାରି ଦେବେ ବୋଲି ଧମକ ଦେଇଥିଲେ। ଏହି ଘଟଣା ସମ୍ପର୍କରେ ମହିଳାଙ୍କ ସ୍ୱାମୀ ଥାନାରେ ଏକ ଅଭିଯୋଗପତ୍ର ଦେଇଥିଲେ। ଅଭିଯୋଗକୁ ଭିତ୍ତିକରି ଥାନାରେ ନଂ. ୧୦୫/୧୯ରେ ମାମଲା ରୁଜୁ ହୋଇଥିଲା ବୋଲି ସରକାରୀ ଓକିଲ ଜେନା ସୂଚନା ଦେଇଛନ୍ତି।



## ରାଜକନିକାରେ ପୋଲିସର ଫ୍ଲାଗ୍‌ମାର୍ଚ୍ଚ

**ରାଜକନିକା,୧୬।୪(ସଞ୍ଜୟ କୁମାର ଦାଶ)**

ଜୁନ ୧ରେ କେନ୍ଦ୍ରାପଡ଼ା ଲୋକସଭା ତଥା ଆଳି ବିଧାନସଭା ଆସନ ପାଇଁ ନିର୍ବାଚନ ହେବାକୁ ଥିବାରୁ ବ୍ଲକ ପ୍ରଶାସନ ତତ୍ପର ହୋଇଉଠିଛି। ଆଳି ନିର୍ବାଚନମଣ୍ଡଳୀ ରାଜକନିକା ବ୍ଲକର ୨୯ଟି ପଞ୍ଚାୟତ , ଆଳି ବ୍ଲକର ୩୪ଟି ପଞ୍ଚାୟତକୁ ନେଇ ଗଠିତ। ନିର୍ବାଚନକୁ ଅବାଧ ଓ ନିରପେକ୍ଷ କରିବା ଉଦ୍ଦେଶ୍ୟରେ ପ୍ରଶାସନ ପକ୍ଷରୁ ସୋମବାର ଅପରାହ୍ଣରେ ରାଜକନିକା ଥାନା ଆଇଆଇସି ଦିଲୀପ କୁମାର ଧଳଙ୍କ ନେତୃତ୍ୱରେ ପୋଲିସଙ୍କ ସହ ଏକ କମ୍ପାନୀ ସିଆଇଏସ୍‌ଏଫ୍ ଯବାନଙ୍କୁ ନେଇ ଫ୍ଲାଗମାର୍ଚ୍ଚ କରାଯାଇଛି। ପୋଲିସ ବାହିନୀ ବରାଡିଆ ପଞ୍ଚାୟତ ମଧୁବନ ଛକରୁ ବାହାରି ଆଖୁଳିପଡା ପଞ୍ଚାୟତ ମଲ୍ଲିସାହାଡା ଗାଁ ଦେଇ ମଠସାହି ଛକ ପର୍ଯ୍ୟନ୍ତ ଏବଂ କୋଇଲିପୁର ପଞ୍ଚାୟତ ଲୁହାରମୋହିରୁ ବାହାରି ଗଜରାଜପୁର ପର୍ଯ୍ୟନ୍ତ ଫ୍ଲାଗମାର୍ଚ୍ଚ କରିଥିବା ଦେଖିବାକୁ ମିଳିଥିଲା।

# କାମରେ ଲାଗୁନି ଡିଜିଟାଲ ଏକ୍ସ-ରେ

**ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର**

- ଟେକ୍‌ନିସିଆନ ଅନୁପସ୍ଥିତ
- ହାଡ଼ଭଙ୍ଗା ରୋଗୀ ହନ୍ତସନ୍ତ

**ଯାଜପୁରରୋଡ୍,୧୬।୪ (ପବିତ୍ର ରଞ୍ଜନ ମହାନ୍ତି):**

ଯାଜପୁର ଜିଲାର ଯାଜପୁରରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏକ ପ୍ରମୁଖ ସ୍ୱାସ୍ଥ୍ୟକେନ୍ଦ୍ର। ବ୍ୟାସନଗର ସହର ତଥା କଳିଙ୍ଗନଗର ଶିଳ୍ପାଞ୍ଚଳ ସହ ପଡ଼ୋଶୀ ଘସିପୁରା ଅଞ୍ଚଳର ଶହଶହ ରୋଗୀ ଏହା ଉପରେ ନିର୍ଭର କରିଥାନ୍ତି। ଏହାସହ ୧୬ ଓ ୨୦ନଂ. ଜାତୀୟ ରାଜପଥର ଅନେକ ଦୁର୍ଘଟଣା ଜନିତ ରୋଗୀ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥାନ୍ତି। ହେଲେ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଦିନକୁ ଦିନ ଅବ୍ୟବସ୍ଥା ବୃଦ୍ଧି ପାଉଛି। ଯାହାର ଉଦାହରଣ ମଙ୍ଗଳବାର ଅପରାହ୍ଣରେ ଦେଖିବାକୁ ମିଳିଛି। ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ୍ସରେ ମେଶିନ ଥିଲେ ମଧ୍ୟ କାର୍ଯ୍ୟରତ ଟେକ୍‌ନିସିଆନ ଅନୁପସ୍ଥିତ ଥିବାରୁ ଏକ୍ସରେ କରିବାକୁ ଆସି ୪ ଜଣ ରୋଗୀ ନିରାଶ ହୋଇ ଫେରିଛନ୍ତି। ସେମାନେ ହେଲେ ବ୍ୟାସନଗର ସହର ଚୁନଭାଟି ପ୍ଲଟର ବାସୁଦେବ ଗୁଇଁ ଓ ମୁନା ମୁଣ୍ଡା, କୋପଣ୍ଡର କଣ୍ଢେଇ ପରମାଣିକ ଏବଂ ନହକାର ଆଲୋକ ଶର୍ମା। ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ହାତ ଭାଙ୍ଗି ଥିବାବେଳେ ଅନ୍ୟ ୨ ଜଣଙ୍କୁ ମଧ୍ୟ ଏକ୍ସରେ କରିବା ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ। ସେମାନେ ବହୁ ସମୟ ଅପେକ୍ଷା କରିଥିଲେ ମଧ୍ୟ ଟେକ୍‌ନିସିଆନ (ରେଡିଓ ଗ୍ରାଫର) ଶ୍ରୀବଚ୍ଛ ଆଚାର୍ଯ୍ୟ ଅନୁପସ୍ଥିତ ଥିଲେ। ତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟରେ ବହୁ ସମୟ ଅପେକ୍ଷା କରି ନ ପାଇବାରୁ ରୋଗୀମାନେ ବାଧ୍ୟ ହୋଇ ମେଡିକାଲ ବାହାରେ ଥିବା ଘରୋଇ ଲ୍ୟାବରେ ଏକ୍ସରେ କରାଇଥିଲେ। ଫଳରେ ଗରିବ ଶ୍ରମିକ ଶ୍ରେଣୀର ରୋଗୀମାନେ ଅଯଥା ଖର୍ଚ୍ଚାନ୍ତ ହୋଇଥିଲେ।

ଏନେଇ ସ୍ଥାନୀୟ କୋପଣ୍ଡ ୨୩ନଂ ୱାର୍ଡ କାଉନସିଲର ପ୍ରାର୍ଥସାରଥୀ ନାୟକ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ନିକଟରେ ସମ୍ପୃକ୍ତ ଟେକ୍‌ନିସିଆନଙ୍କ ବିରୋଧରେ ଅଭିଯୋଗ କରିଥିଲେ। ଯାହାକୁ ନେଇ କିଛି ସମୟ ପାଇଁ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ରୋଗୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ପୂର୍ବରୁ ସମ୍ପୃକ୍ତ ଟେକ୍‌ନିସିଆନ ୨ ଥର ଏଠାରୁ ବଦଳି ହୋଇଥିଲେ। ପୁନର୍ବାର ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଛନ୍ତି। ତାଙ୍କର ରାଜନୈତିକ ମହଲରେ ଲମ୍ୱା ହାତ ଥିବା କହି ସେ ନିଜର ଦବଦବା ଜାହିର କରୁଥିବା ଶୁଣିବାକୁ ମିଳିଛି। ତାଙ୍କ ବିରୋଧରେ ଜିଲା ପ୍ରଶାସନ ଓ ଜିଲା ସ୍ୱାସ୍ଥ୍ୟ ଅଧିକରୀ କାର୍ଯ୍ୟାନୁଷ୍ଠାନ ନେବାକୁ ସହରର ବୁଦ୍ଧିଜୀବୀ ଦାବି କରିଛନ୍ତି। ଘଟଣା ସମ୍ପର୍କରେ ତାଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସନ୍ତୋଷ କୁମାର ପୃଷ୍ଟିଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ କଲ ଗ୍ରହଣ କରି ନ ଥିଲେ।


ମେଡିକାଲକୁ ଏକ୍ସ-ରେ ପାଇଁ ଆସିଥିବା ରୋଗୀ ଓ ତାଙ୍କ ସମ୍ପର୍କୀୟ।

## ବରିଷ୍ଠ ଆଇନଜୀବୀଙ୍କ ବିୟୋଗରେ ଓକିଲ ସଂଘର ଶୋକ

କୁଜଙ୍ଗ,୧୬।୪(ମନୋଜ ପ୍ରଧାନ)

ଜଗତ୍‌ସିଂହପୁର ଓକିଲ ସଂଘର ବରିଷ୍ଠ ଆଇନଜୀବୀ ଦୀପକ କୁମାର ନାୟକ (ବୁନୁ)ଙ୍କ ଅକାଳ ବିୟୋଗରେ କୁଜଙ୍ଗ ଓକିଲ ସଂଘ ପକ୍ଷରୁ ସଂଘ ସଭାଗୃହରେ ସଭାପତି ସୁଶାନ୍ତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶୋକ ସଭାରେ ସଂଘ ସମ୍ପାଦକ ଏ.ଏନ୍.ଡି ଯାଦବ, ବରିଷ୍ଠ ଆଇନଜୀବୀ ତଥା ପୂର୍ବତନ ସଭାପତି ଅମୃତ ଦାସ, ସତ୍ୟାନନ୍ଦ ବିଶ୍ୱାଳ, ରମେଶ ଚନ୍ଦ୍ର ଦାସ, ନଳିନୀ ରଞ୍ଜନ ଦାସ, ଉପସଭାପତି ନୃସିଂହ ପ୍ରଧାନ, ଯୁଗ୍ମ ସମ୍ପାଦକ କୈଳାସ ମହାପାତ୍ର, ଗଗନ ବିହାରୀ ସ୍ୱାଇଁ, ସରକାରୀ ଓକିଲ ଦେବାଶିଷ କଣ୍ଟ ପ୍ରମୁଖ ଯୋଗଦେଇ ଦୀପକ ଜଣେ ଅମାୟିକ ଓ ସମୟାନୁବର୍ତ୍ତୀ ବ୍ୟକ୍ତି ଥିଲେ। ସେ ଜଗତ୍‌ସିଂହପୁର ଓକିଲ ସଂଘର ସଭ୍ୟ ଥିଲେ ବି କୁଜଙ୍ଗ ସଂଘ ପ୍ରତି ତାଙ୍କର ସଦାସର୍ବଦା ସମ୍ପର୍କ ଅତୁଟ ଥିଲା ବୋଲି ମତପ୍ରକାଶ ପାଇଥିଲା। ଏହି ଅବସରରେ ଦୀପକଙ୍କ ଅମରଆତ୍ମାର ସଦଗତି ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସେ ଯକୃତ ଜନିତ ରୋଗରେ ଆକ୍ରାନ୍ତ ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସୋମବାର ଦୀପକଙ୍କ ମୃତ୍ୟୁ ଘଟିଥିଲା।

# ସତ୍ୟସାରଥିଙ୍କ ପ୍ରାର୍ଥୀତ୍ୱକୁ ନେଇ ଅଡୁଆ ବଢୁଛି

**ବାଲିକୁଦା-ଏରସମା ବିଧାନସଭା ନିର୍ବାଚନମଣ୍ଡଳୀ**

■ ମେଳି ହେଲେଣି ପୁରୁଣା ନେତା, ଆଜି ନିର୍ଣ୍ଣାୟକ ନିଷ୍ପତ୍ତି ନେଇପାରନ୍ତି

ଜଗତ୍‌ସିଂହପୁର, ୧୬।୪ (ପ୍ରମୋଦ କୁମାର ନାୟକ)

ବାଲିକୁଦା–ଏରସମା ବିଧାନସଭା ନିର୍ବାଚନ ମଣ୍ଡଳୀରୁ ସତ୍ୟସାରଥି ମହାନ୍ତି ଭାଜପା ବିଧାୟକ ପ୍ରାର୍ଥୀ ହୋଇଛନ୍ତି। ଏହି ଘୋଷଣା ପରେ ଦଳ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି। କାରଣ ଖୁବ୍‌କମ୍‌ଦିନ ମଧ୍ୟରେ ସତ୍ୟସାରଥି ନିର୍ବାଚନ ମଣ୍ଡଳୀରେ ପହଞ୍ଚି ଟିକେଟ୍ ହାତେଇବା କଥାକୁ ପୁରୁଣା ନେତାମାନେ ସହଜରେ ଗ୍ରହଣ କରିପାରୁନାହାନ୍ତି। ଏନେଇ ମଙ୍ଗଳବାର ସନ୍ଧ୍ୟାରେ କଣିଆସ୍ଥିତ ଦଳ କାର୍ଯ୍ୟାଳୟରେ କେତେଜଣ ପୁରୁଣା ନେତା ଏକାଠି ହୋଇଥିଲେ। ବୁଧବାର ପୂର୍ବାହ୍ନ ୧୦ଟାରେ ପୁଣିଥରେ ବସି ଚୂଡ଼ାନ୍ତ ନିଷ୍ପତ୍ତି ନେବେ। ତା'ପରେ ଖବରଦାତା ସମ୍ମିଳନୀ ମାଧ୍ୟମରେ ସେମାନଙ୍କ ନିଷ୍ପତ୍ତି ଜଣାଇଦେବେ ବୋଲି କୁହାଯାଇଛି। ଏ ସମ୍ପର୍କରେ କେତେଜଣ ନେତା ନାମ ଗୋପନ ରଖି କହିଛନ୍ତି, ମହାନ୍ତି ନିର୍ବାଚନମଣ୍ଡଳୀର ସମସ୍ତ ଅଞ୍ଚଳ ଦେଖିବା ତ ଦୂରର କଥା ଜାଣି ମଧ୍ୟ ନ ଥିବେ। ସେ ଅନ୍ୟ ରାଜ୍ୟରେ ରହୁଥିଲେ। ହଠାତ୍ କିଛିଦିନ ପୂର୍ବରୁ ନିର୍ବାଚନମଣ୍ଡଳୀରେ ଆବିର୍ଭାବ ହୋଇ ଟିକେଟ୍ ଲବିରେ ଥିଲେ।

ଯେଉଁମାନେ ନିଷ୍ଠାର ସହ ଦୀର୍ଘ ଦିନ ଧରି ଭାଜପା ପାଇଁ କାର୍ଯ୍ୟ କରିଆସିଛନ୍ତି ସେମାନଙ୍କୁ ଗୌଣ କରି ଜଣେ ନବାଗତଙ୍କୁ ଦଳୀୟ ଟିକେଟ ଦିଆଯାଇଛି। ଏନେଇ ପୁରୁଣା ନେତାମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ତେଣୁ ଦଳ ନିଷ୍ପତ୍ତିର ପୁନର୍ବିଚାର କରିବା ଉପରେ ବୈଠକରେ ଆଲୋଚନା ହୋଇଥିଲା। ଆବଶ୍ୟକ ପଡ଼ିଲେ ସତ୍ୟସାରଥିଙ୍କ ପରିବର୍ତ୍ତେ ଦଳ ଯେ କୌଣସି ପୁରୁଣା ନେତାଙ୍କୁ ଟିକେଟ ଦେଲେ ସେମାନେ ସନ୍ତୁଷ୍ଟ ହେବେ। ନଚେତ ଆଉ କ'ଣ କରିହେବ ସେନେଇ ଆଲୋଚନା ପରେ ସ୍ଥିର କରାଯିବ।

ଏଥର ବାଲିକୁଦା–ଏରସମା ବିଧାନସଭା ନିର୍ବାଚନମଣ୍ଡଳୀରେ ଭାଜପା ଆଶାୟୀଙ୍କ ସଂଖ୍ୟା ବଢ଼ିଛି। ୧୯୭୧ରୁ ୨୦୦୪ ସାଧାରଣ ନିର୍ବାଚନ ପର୍ଯ୍ୟନ୍ତ ଦେଖିଲେ ଜଣାଯାଏ, ଏହି ଆସନରେ କଂଗ୍ରେସ ପ୍ରାର୍ଥୀ ସର୍ବାଧିକ ୭ ଥର ବିଜୟୀ ହୋଇଥିଲେ। ଜନତା ଦଳ ଓ ଜେଏନ୍‌ପି ହାତକୁ ମାତ୍ର ଥରେ ଲେଖାଏଁ ଯାଇଥିଲା। ୨୦୦୯ ଓ ତା'ପରଠାରୁ ଏହି ଆସନ ବିଜେଡି ଅକ୍ତିଆରରେ ରହିଛି। ୨୦୧୯ ସାଧାରଣ ନିର୍ବାଚନରେ ସାରା ଦେଶରେ ପଦ୍ମ ହାୱା ଥିଲା। ସେତେବେଳେ ବରିଷ୍ଠ ବିଜେଡି ନେତା ଡ. ଦାମୋଦର ରାଉତ ଦଳ ଛାଡି ଭାଜପାରେ ମିଶିବା ସହ ପ୍ରାର୍ଥୀ ହୋଇଥିଲେ। ଏହି ନିର୍ବାଚନରେ ଡ. ରାଉତ ତୃତୀୟ ସ୍ଥାନରେ ରହିଥିଲେ ସୁଦ୍ଧା ଭାଜପାର ଭୋଟ ପ୍ରତିଶତ ବଢ଼ିଥିଲା। ୨୦୦୯ରେ ଏହି ଦଳ ସପକ୍ଷରେ ମାତ୍ର ୩.୭୮% ଓ ୨୦୧୪ରେ ୨.୦୫% ଭୋଟ ଯାଇଥିବାବେଳେ ୨୦୧୯ରେ ୧୯.୫% ଅର୍ଥାତ୍ ୩୭,୬୧୧ ଖଣ୍ଡ ମିଳିଥିଲା। ସେବେଠାରୁ ସମୀକରଣ ବଦଳିବା ଆରମ୍ଭ କରିଥିଲା। ପରବର୍ତ୍ତୀ ସମୟରେ ଡ. ରାଉତ ଭାଜପା ଛାଡ଼ିଦେଇଥିଲେ ସୁଦ୍ଧା ଏହି ଦଳ ଉପରେ କୌଣସି ପ୍ରଭାବ ପଡ଼ି ନ ଥିଲା, ଯାହା ୨୦୨୨ ପଞ୍ଚାୟତ ନିର୍ବାଚନ ସମୟରେ ପ୍ରତିଫଳନ ହୋଇଥିଲା। ଏହି ନିର୍ବାଚନରେ ଭାଜପା ସପକ୍ଷରେ ୪୨,୦୧୦ ଖଣ୍ଡ ଅର୍ଥାତ୍ ୨୦୧୯ ନିର୍ବାଚନ ତୁଳନାରେ ପାଖାପାଖି ୫ ହଜାର ଅଧିକ ଭୋଟ୍ ଯାଇଥିଲା। ତା'ପରଠାରୁ ଭାଜପା ସପକ୍ଷରେ ଜନମତ ବଢୁଥିବା ଏହି ଦଳ ପକ୍ଷରୁ ଯୁକ୍ତି କରାଯାଉଛି। ଯେଉଁ କାରଣରୁ ଆଶାୟୀ ସଂଖ୍ୟା ବଢି ଚାଲିଥିବା ରାଜନୈତିକ ସମୀକ୍ଷକମାନେ ମତବ୍ୟକ୍ତ କରିଛନ୍ତି। ତେବେ ଏହି ଭୋଟବ୍ୟାଙ୍କ ବଢ଼ିବା ପଛରେ ଦଳୀୟ ପୁରୁଣା ନେତାଙ୍କ ପ୍ରମୁଖ ଭୂମିକା ରହିଛି। ବାଲିକୁଦା–ଏରସମା ନିର୍ବାଚନମଣ୍ଡଳୀ ଦଳୀୟ ସାଂଗଠନିକ କାର୍ଯ୍ୟ ପରିଚାଳନା ପାଇଁ ସଂଯୋଜକ ଦାୟିତ୍ୱରେ ଥିବା କ୍ଷୀରୋଦ ଚନ୍ଦ୍ର ପରିଡ଼ା, ଦଳର ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଶିବବ୍ରତ ଦାସ, ଭାଜପା ସ୍ୱତନ୍ତ୍ର ନିମନ୍ତ୍ରିତ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ମହାନ୍ତି, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଶଶିକାନ୍ତ ପରିଡ଼ା, ଶଶାଙ୍କ ଶେଖର ସାହାଣୀ ଓ ଏରସମା ମଣ୍ଡଳ ପ୍ରଭାରୀ ନିରୁପମା ସ୍ୱାଇଁଙ୍କ ଭଳି ପୁରୁଣା ନେତା ସେମାନଙ୍କ ମଧ୍ୟରେ ରହିଛନ୍ତି। ଏହି ନେତାମାନେ ଏଥର ପ୍ରାର୍ଥୀ ଦୌଡ଼ରେ ଥିଲେ। ସେମାନଙ୍କ ଭିତରୁ କାହାରିକୁ ପ୍ରାର୍ଥୀ କରାଯାଇ ନ ଥିବାରୁ ଅସନ୍ତୋଷ ତୀବ୍ର ହୋଇଛି।



ପାରାଦୀପ ଫସ୍‌ଫେଟସ୍ ଲିମିଟେଡର କର୍ପୋରେଟ ବ୍ୟାପାର ମୁଖ୍ୟ ସୁଧୀ ରଞ୍ଜନ ମିଶ୍ର ଓଡ଼ିଶାର ରାଜ୍ୟପାଳ ରଘୁବର ଦାସଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି।

## ପୁଅଙ୍କୁ ୭ ବର୍ଷ ଜେଲ ଦଣ୍ଡାଦେଶ

**ମୁଗ ବଣ୍ଟାକୁ ନେଇ ବାପାଙ୍କୁ ହତ୍ୟା ମାମଲା**

ଜଗତ୍‌ସିଂହପୁର, ୧୬।୪ (ପ୍ରମୋଦ କୁମାର ନାୟକ)

୨୦୧୧ରେ ନାଉଗାଁ ଥାନା ଖଇରଗଡ଼ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଥିଲା। ବିଶ୍ୱମୋହନ ରାୟଙ୍କ ଆକ୍ରମଣରେ ବାପା ସୁରେନ୍ଦ୍ରନାଥ ରାୟଙ୍କ ମୃତ୍ୟୁ ଘଟିଥିଲା। ମଙ୍ଗଳବାର ଏହି ମାମଲାର ରାୟ ପ୍ରକାଶ ପାଇଛି। ମାମଲାର ବିଚାର କରି ଜଗତ୍‌ସିଂହପୁର ଜିଲା ଓ ଦୌରାଜଜ୍ ଅନୁପ କୁମାର ଚନ୍ଦନ ଅଭିଯୁକ୍ତ ପୁଅ ବିଶ୍ୱମୋହନଙ୍କୁ ୭ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫ ହଜାର ଟଙ୍କା ଜରିମାନା ଧାର୍ଯ୍ୟ କରିଛନ୍ତି। ଏହି ରାଶି ଅନାଦେୟ ହେଲେ ଅଧିକ ୧ ବର୍ଷ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ଅଛି।

ଏ ସମ୍ପର୍କରେ ମାମଲା ପରିଚାଳନା କରିଥିବା କ୍ୟାଡର ପିପି ନଳିନୀକାନ୍ତ ମହାରଣା କହିଛନ୍ତି, ୧।୫।୧୧ ଅପରାହ୍ନ ୩ଟା ବେଳର ଘଟଣା। ମୁଗ ବଣ୍ଟାକୁ ନେଇ ଉଭୟ ବାପ, ପୁଅଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ପୁଅ ବିଶ୍ୱମୋହନ ଗାଳିଗୁଲଜ କରିବା ସହ ଏକ ଠେଙ୍ଗାରେ ବାପାଙ୍କୁ ଆକ୍ରମଣ କରିଥିଲେ। ଫଳରେ ସୁରେନ୍ଦ୍ରନାଥଙ୍କ ମୁଣ୍ଡଫାଟି ରକ୍ତସ୍ରାବ ହୋଇଥିଲା। ସେ ତଳେ ପଡ଼ିଯାଇଥିଲେ। ଏହି ସମୟରେ ନାତି ଦେବାଶିଷ ମହାନ୍ତି ପହଞ୍ଚି ଉଠାଇବାକୁ ଚେଷ୍ଟା କଲାବେଳେ ବିଶ୍ୱମୋହନ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ପରେ ଜ୍ୱାଇଁ ରବୀନ୍ଦ୍ର କୁମାର ମହାନ୍ତି ଓ ଦେବାଶିଷ ମିଶି ସୁରେନ୍ଦ୍ରନାଥଙ୍କୁ ଉଠାଇ ନାଉଗାଁ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଅର୍ଥାତ୍ ୨।୫।୧୧ରେ ସୁରେନ୍ଦ୍ରନାଥଙ୍କ ମୃତ୍ୟୁ ଘଟିଥିଲା। ମୃତକଙ୍କ ସ୍ତ୍ରୀ କୁଙ୍କୁମବାଳାଙ୍କ ଅଭିଯୋଗ ଆଧାରରେ ୩ ତାରିଖରେ ନାଉଗାଁ ଥାନାରେ ଏକ ମାମଲା (ନଂ.୪୧/୧୧) ରୁଜୁ ହୋଇଥିଲା। ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ବିଚାରପତି ଉପରୋକ୍ତ ରାୟ ଶୁଣାଇଥିବା ପିପି ମହାରଣା ସୂଚନା ଦେଇଛନ୍ତି।

## ପରମାନନ୍ଦପ୍ରାପ୍ତି ଜୀବନର ଲକ୍ଷ୍ୟ

ଏରସମା,୧୬।୪(ଦୀପ୍ତି ଖଣ୍ଡୁଆଳ)

ଏରସମା ବ୍ଲକ ଅନ୍ତର୍ଗତ ଜିରାଇଲୋ ପଞ୍ଚାୟତସ୍ଥିତ ଦକ୍ଷିଣେଶ୍ୱର ମହାଦେବଙ୍କ ପୀଠ ପରିସରରେ ଗତ ୧୪ ତାରିଖରୁ ଆରମ୍ଭ ହେଇଥିବା ଋଗ୍‌ବେଦ ପାରାୟଣ ଓ ଗାୟତ୍ରୀ ମହାଯଜ୍ଞର ମଙ୍ଗଳବାର ପୂର୍ଣ୍ଣାହୁତି ହୋଇଯାଇଛି। ଦକ୍ଷିଣେଶ୍ୱର ବୈଦିକ ବିଚାର ମଞ୍ଚ ପକ୍ଷରୁ ସିଦ୍ଧ ସୁରେନ୍ଦ୍ର ଦାଶଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଉତ୍ସବରେ ପ୍ରଭାତ ବନ୍ଦନା, ବେଦପାଠ, ଜାଗରଣ ମନ୍ତ୍ର ଉଚ୍ଚାରଣ ଓ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିସହ ଓମ୍ ଧ୍ୱଜା ଉତ୍ତୋଳନ ଓ ପୀଠ ପରିସରରେ ଚାରା ରୋପଣ କରାଯାଇଥିଲା। ଏହାପରେ ଯଜ୍ଞ ଆରମ୍ଭ କରାଯାଇଥିଲା। ପ୍ରତ୍ୟହ ସାନ୍ଧ୍ୟ ଉପାସନା, ଭଜନ ସମାରୋହ ଓ ପ୍ରବଚନ କାର୍ଯ୍ୟକ୍ରମ ଆଦି ଅନୁଷ୍ଠିତ ହୋଇଥିଲା। ଏଥିରେ ଉତ୍କଳ ଆର୍ଯ୍ୟ ସମାଜର ସଦସ୍ୟ ଅମୂଲ୍ୟ ଚରଣ ଦାଶ ଉପସ୍ଥିତ ହୋଇ କହିଥିଲେ, ପରମାନନ୍ଦ ପ୍ରାପ୍ତି ଜୀବନର ଲକ୍ଷ୍ୟ ହେଲେ ମନ ଓ ବୁଦ୍ଧି ଆପେ ନିୟନ୍ତ୍ରିତ ହେବ। ଏହାହିଁ କର୍ମଠ ଜୀବନ ଓ ଆତ୍ମାର ଅନୁକୂଳ ଆଚରଣ ବୋଲି ସେ ମତବ୍ୟକ୍ତ କରିଥିଲେ। ଜିଲା ଆର୍ଯ୍ୟ ସମାଜର ସଭାପତି ରଶ୍ମିରଞ୍ଜନ ମିଶ୍ର, ଉପସଭାପତି ସୋମନାଥ ମହାରଣା, ଅଞ୍ଜୁଳା ଦେବୀ, ଚନ୍ଦ୍ରଜିତ ପରିଜା, କାର୍ଯ୍ୟକ୍ରମ ସଂଯୋଜକ ତଥା ବେଦ ପ୍ରଚାରକ ସମୀର ରଞ୍ଜନ ଦାଶ, ବେଦପାଠୀ ରଞ୍ଜନ କୁମାର ବିଦ୍ୟାର୍ଥୀ ପ୍ରମୁଖ ଉପସ୍ଥିତ ରହି ପ୍ରବଚନ ଦେଇଥିଲେ।



ଭକ୍ତମାନେ କଳସ ଶୋଭାଯାତ୍ରାରେ ଯାଉଛନ୍ତି।

## କୃତଜ୍ଞତା ଜଣାଇଲେ ଅମରେନ୍ଦ୍ର



ଭାଜପା କର୍ମୀମାନେ ଗାନ୍ଧୀ ଛକ ନିକଟରେ ଅମରେନ୍ଦ୍ରଙ୍କୁ ସ୍ୱାଗତ କରୁଛନ୍ତି।

**ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀ**

ଜଗତ୍‌ସିଂହପୁର, ୧୬।୪ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଭାଜପା ପ୍ରାର୍ଥୀ ଘୋଷଣାରେ ବିଳମ୍ବକୁ ନେଇ କିଛି ଦିନ ହେବ ନାନା କଥା ଶୁଣିବାକୁ ମିଳୁଥିଲା। ମଙ୍ଗଳବାର ଅମରେନ୍ଦ୍ର ଦାସଙ୍କୁ ଭାଜପା ଦଳୀୟ ପ୍ରାର୍ଥୀଭାବେ ଘୋଷଣା କଲାପରେ ଏସବୁ ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ଏଥିସହ ନିର୍ବାଚନମଣ୍ଡଳୀରେ ରାଜନୈତିକ ପରିବେଶ ବଦଳି ଯାଇଛି। ବିଶେଷକରି ଜଗତ୍‌ସିଂହପୁର ବିଧାନସଭା ଆସନ ଅନ୍ତର୍ଗତ ଜଗତ୍‌ସିଂହପୁର ଓ ନାଉଗାଁ ବ୍ଲକ ଅଞ୍ଚଳରେ ଭାଜପା ନେତା ଓ କର୍ମୀମାନେ ଉତ୍ସାହିତ ହୋଇପଡ଼ିଛନ୍ତି। ବିଭିନ୍ନ ସ୍ଥାନରେ ଉତ୍ସବର ମାହୋଲ ଦେଖିବାକୁ ମିଳିଛି। ଅମରେନ୍ଦ୍ରଙ୍କ ଜଗତ୍‌ସିଂହପୁର ଗୋପାଳସାଗରସ୍ଥିତ ବାସଭବନ ସମ୍ମୁଖରେ ଦଳୀୟ କର୍ମୀମାନେ ଆତସବାଜି ଫୁଟାଇବା ସହ ଜୟ ଶ୍ରୀରାମ ସ୍ଲୋଗାନ ଦେଇ ଖୁସିବ୍ୟକ୍ତ କରିଛନ୍ତି। ଅମରେନ୍ଦ୍ର ଭୁବନେଶ୍ୱରରୁ ଜଗତ୍‌ସିଂହପୁର ଫେରିଲା ବେଳକୁ ଗାନ୍ଧୀ ଛକ ନିକଟରୁ ଗୋପାଳସାଗର ପର୍ଯ୍ୟନ୍ତ ତାଙ୍କୁ ଶୋଭାଯାତ୍ରାରେ ନିଆଯାଇଥିଲା। ଏହି ଅବସରରେ ଅମରେନ୍ଦ୍ର ଗାନ୍ଧୀ ଛକରେ ପ୍ରଥମେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଦଳ ତାଙ୍କ ଉପରେ ଆସ୍ଥା ପ୍ରକଟ କରିଥିବାରୁ ସେ ଦଳର ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜଣାଇଥିଲେ। ଏଥିସହ ସ୍ୱର୍ଗତ ବିଷ୍ଣୁ ଚରଣ ଦାସଙ୍କ ସ୍ମୃତିଚାରଣ କରିବାକୁ ଭୁଲି ନ ଥିଲେ।

ସେ ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଥିଲେ, ସ୍ୱର୍ଗତ ବିଷ୍ଣୁ ଦାସ ବିଧାୟକ ଥିଲାବେଳେ ଜିଲା ପୁନର୍ଗଠନ ନେଇ ପ୍ରକ୍ରିୟା ଚାଲିଥିଲା। ସେତେବେଳେ ସେ ଜଗତ୍‌ସିଂହପୁରକୁ ଜିଲା ଘୋଷଣା ନେଇ ଦାବି ରଖିଥିଲେ। ଏପରି କି ଜିଲା ନ ହେଲେ ସେ ବିଧାୟକ ପଦ ଛାଡିଦେବେ ବୋଲି ତତ୍କାଳୀନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କୁ କହିଥିଲେ। ଶେଷରେ ଜଗତ୍‌ସିଂହପୁର ଜିଲାର ମାନ୍ୟତା ପାଇଲା। କେହି ତାଙ୍କ ପାଖକୁ ଆସନ୍ତୁ ଅବା ଫୋନରେ କିଛି ଅଭାବ, ଅସୁବିଧା କଥା କହିଲେ ସେ ତୁରନ୍ତ ସମାଧାନ ପାଇଁ ଚେଷ୍ଟା କରୁଥିଲେ। ଏଭଳି ଜଣେ ନେତାଙ୍କୁ ଜିଲା ମୁଖ୍ୟାଳୟରେ ଉଚିତ ସମ୍ମାନ ମିଳିପାରିନାହିଁ। ତାଙ୍କର ପ୍ରତିମୂର୍ତ୍ତିଟିଏ ହୋଇପାରିଲା ନାହିଁ। ଏହା ଯେତିକି ଦୁଃଖଦାୟକ ସେତିକି ଯନ୍ତ୍ରଣାଦାୟକ ମଧ୍ୟ। ତେଣୁ ଅମରେନ୍ଦ୍ର ଭୁବନେଶ୍ୱରରୁ ଫେରିଲା ବେଳକୁ କଇଜଙ୍ଗା ନିକଟରେ ସ୍ୱର୍ଗତ ଦାସଙ୍କୁ ମନେପକାଇ ତାଙ୍କ ଆଶୀର୍ବାଦ ନେଇଥିବା କହିଛନ୍ତି। ଏଥିସହ ୨୦୨୪ ସାଧାରଣ ନିର୍ବାଚନ ଫଳାଫଳ ତାଙ୍କ ସପକ୍ଷରେ ଯିବ ବୋଲି ସେ ଦମ୍ଭୋକ୍ତି ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ନିକଟରେ ବିଜେଡି ଛାଡ଼ି ଅମରେନ୍ଦ୍ର ଭାଜପାରେ ଯୋଗଦେଇଥିଲେ।

## ଜିଲାପାଳଙ୍କ ବିଭିନ୍ନ ବୁଥ୍ ପରିଦର୍ଶନ



ଜିଲାପାଳ ଅନୁପମ ଶାହା କୁଜଙ୍ଗ ବ୍ଲକ୍‌ର ବିଭିନ୍ନ ବୁଥ୍‌ର ସ୍ଥିତି ଅନୁଧ୍ୟାନ କରୁଛନ୍ତି।

କୁଜଙ୍ଗ/ରାହାମା,୧୬।୪
(ମନୋଜ ପ୍ରଧାନ/ଶ୍ରୀକାନ୍ତ ଦାସ)

ଜଗତ୍‌ସିଂହପୁରର ନୂତନ ଜିଲାପାଳ ଅନୁପମ ଶାହା ମଙ୍ଗଳବାର ପାରାଦୀପ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କୁଜଙ୍ଗ ବ୍ଲକର ବିଭିନ୍ନ ବୁଥ୍ ପରିଦର୍ଶନରେ ଆସି ସ୍ଥିତି ଅନୁଧ୍ୟାନ କରିଛନ୍ତି। ସେ ପ୍ରଥମେ ସାଇଲୋ ପଞ୍ଚାୟତର ତେରମାନପୁର ପ୍ରାଥମିକ ବିଦ୍ୟାଳୟର ବୁଥ୍ ନମ୍ବର ୩୩, ୩୪ ଓ ୩୫ ବୁଲି ଦେଖିଥିଲେ। ପରେ କୁଜଙ୍ଗସ୍ଥ ବନବିହାରୀ ଉଚ୍ଚ ବିଦ୍ୟାଳୟ ଓ ବଳରାମପୁର ନୂଆସାହି ପ୍ରାଥମିକ ବିଦ୍ୟାଳୟ ବୁଲି ଦେଖିଥିଲେ। ଆଗାମୀ ସାଧାରଣ ନିର୍ବାଚନ ୨୦୨୪ ଯେପରି ସୁରୁଖୁରୁରେ ସମାପନ ହେବ ସେଥିନିମନ୍ତେ ନିର୍ବାଚନ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ବିଶେଷ କରି ଭୋଟରମାନଙ୍କ ନିମନ୍ତେ ମୌଳିକ ସୁବିଧା ଯଥାକ୍ରମେ ପାନୀୟ ଜଳ, ବିଦ୍ୟୁତ୍, ପୁରୁଷ ଓ ମହିଳାଙ୍କ ନିମନ୍ତେ ଶୌଚାଳୟ , ବୟସ୍କଙ୍କ ପାଇଁ ରାପ ବ୍ୟବସ୍ଥା ଓ ରୌଦ୍ରତାପରୁ ରକ୍ଷା ପାଇବା ନିମନ୍ତେ ସେଡ୍ ବ୍ୟବସ୍ଥା ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ଏସବୁର ତଦାରଖ କରି ଯେଉଁ କାମର ଆବଶ୍ୟକତା ଅଛି ସେସବୁ କାମକୁ ତ୍ୱରାନ୍ୱିତ କରିବାକୁ ଜିଲାପାଳ ବିଭିନ୍ନ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଆଜିର ପରିଦର୍ଶନ ସମୟରେ ଅନ୍ୟମାନଙ୍କ ମଧ୍ୟରେ କୁଜଙ୍ଗ ବିଡିଓ ଦୀପକ ପ୍ରସାଦ ସ୍ୱାଇଁ , ତହସିଲଦାର ପୁଷ୍ପଶ୍ରୀ ସାଣ୍ଡିଲ , ଜିଲା ସର୍ବଶିକ୍ଷା ଅଭିଯାନ ବରିଷ୍ଠ ପରାମର୍ଶଦାତା ଶୁଭେନ୍ଦୁ ବରାଳ, ବ୍ଲକ ଶିକ୍ଷାଧିକାରୀ ମନୋଜ ବେହେରା, ସର୍ବଶିକ୍ଷା ଅଭିଯାନ ଯନ୍ତ୍ରୀ ଦେବଦତ୍ତ ଷଡ଼ଙ୍ଗୀ, ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ରାଜଶ୍ରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ସାମାଜିକ ଗଣମାଧ୍ୟମରେ ଭାଜପା କର୍ମୀଙ୍କ ବିରୋଧ

**ଭାଜପାରୁ ପ୍ରାର୍ଥୀ ହେଲେ ଲଳିତ କୁମାର ବେହେରା**

ରାଜନଗର, ୧୬।୪(ଭାସ୍କର ରାଉତରାୟ)

ଭାଜପା ପକ୍ଷରୁ ମଙ୍ଗଳବାର ୨୧ ବିଧାନସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାଁ ଘୋଷଣା କରାଯାଇଛି। ୨୧ଜଣଙ୍କ ମଧ୍ୟରେ ରାଜନଗର ନିର୍ବାଚନମଣ୍ଡଳୀର ପ୍ରାର୍ଥୀ ଭାବେ ଯୁବନେତା ଲଳିତ କୁମାର ବେହେରାଙ୍କ ନାଁ ଘୋଷଣା କରାଯାଇଛି। ଲଳିତଙ୍କ ଘର ରାଜନଗର ବ୍ଲକ ଡାଙ୍ଗମାଳ ପଞ୍ଚାୟତ ବରାଡିଆ ଗାଁରେ। ୨୦୨୨ମସିହାରୁ ବିଭିନ୍ନସ୍ଥାନରେ ତାଙ୍କର ହୋର୍ଡିଂ ଓ ପୋଷ୍ଟର ଦେଖିବାକୁ ମିଳୁଥିଲା। ସେ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଏକାନ୍ତ ଅନୁଗତ। ସେ ଟିକେଟ ପାଇବା ପରେ ରାଜ୍ୟ ସଭାପତି ମନମୋହନ ସାମଲ, ସାଂସଦ ପ୍ରାର୍ଥୀ ବୈଜୟନ୍ତ ପଣ୍ଡା, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କୃତଜ୍ଞତା ଜଣାଇଛନ୍ତି। ତାଙ୍କ ପ୍ରାର୍ଥିତ୍ୱ ଘୋଷଣା ପରେ ସ୍ଥାନୀୟ ଭାଜପା ଭିତରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଟିକେଟ ପାଇଁ ଆଶାୟୀ ଥିବା ପୂର୍ବତନ ବିଧାୟକ ଅଲେଖ କୁମାର ଜେନା, ଯୁବନେତା ଅଜୟ କୁମାର ବେହେରାଙ୍କ ସମର୍ଥକଙ୍କମାନେ ଲଳିତଙ୍କ ପ୍ରାର୍ଥିତ୍ୱକୁ ଗ୍ରହଣ କରିପାରିନାହାନ୍ତି। ତାଙ୍କର ସମର୍ଥକମାନେ ଏପରିକି ଭାଜପାର କାର୍ଯ୍ୟକର୍ତ୍ତାମାନେ ସାମାଜିକ ଗଣମାଧ୍ୟମରେ ସିଧାସଳଖ ତାଙ୍କ ପ୍ରାର୍ଥିତ୍ୱକୁ ବିରୋଧ କରି ପୋଷ୍ଟ କରିଛନ୍ତି। ଭାଜପାର ଆଗଧାଡିର କର୍ମୀମାନେ ରାଜନଗରରେ ଭାଜପା ଆତ୍ମହତ୍ୟା କଲା, ଏ ମୋର ସ୍ୱପ୍ନର ଭାଜପା ନୁହେଁ, ଅବ୍ କି ବାର୍ ରାଜନଗରରେ ଭାଜପା ଏରିୟା ପାର୍, ଟିକେଟ ନ କଟିଲେ ରାଜନଗରରେ ନିଆଁ ଜଳିବ, ରାଜନଗର ନିର୍ବାଚନମଣ୍ଡଳୀ ପାଇଁ ମଙ୍ଗଳବାର ଏକ କଳଙ୍କିତ ଦିନ ବୋଲି ସାମାଜିକ ଗଣମାଧ୍ୟମରେ ବିଭିନ୍ନ ପୋଷ୍ଟ ଦେଖିବାକୁ ମିଳିଛି।

## ଅଗ୍ନିକାଣ୍ଡରେ ୨ ବଖରା ଜଳିଗଲା

କୁଜଙ୍ଗ,୧୬।୪ (ମନୋଜ ପ୍ରଧାନ)

କୁଜଙ୍ଗ ବ୍ଲକ ଅନ୍ତର୍ଗତ ପାଟପୁର ଗ୍ରାମର ଅଧୀର ସାହୁଙ୍କ ମଙ୍ଗଳବାର ୨ ବଖରା ଚାଳଘର ଜଳିଯାଇଛି। ମଧ୍ୟାହ୍ନରେ ହଠାତ୍ ସେଠାରେ ନିଆଁ ଲାଗିଯାଇଥିଲା। ଏନେଇ ତୁରନ୍ତ ପରିବାର ଲୋକେ କୁଜଙ୍ଗ ଦମକଳ ବାହିନୀକୁ ଖବର ଦେଇଥିଲେ। ଏହାପରେ ଦମକଳ ଗାଡି ପହଞ୍ଚି ନିଆଁକୁ ଆୟତ୍ତ କରିଛି । ମାତ୍ର ସେତେବେଳକୁ ଅଧୀରଙ୍କ ଚାଳଘର ସମେତ ଅନ୍ୟାନ୍ୟ ସାମଗ୍ରୀ ସବୁ ପୋଡ଼ି ଯାଇଥିଲା । ମଧ୍ୟାହ୍ନ ସମୟରେ ରୋଷେଇ କରୁଥିବା ବେଳେ ଅସାବଧାନତାବଶତଃ ଚୁଲିରୁ ନିଆଁ ଲାଗିଯାଇଥିଲା ବୋଲି ଦମକଳ ବାହିନୀ ଅଧିକାରୀ କାର୍ତ୍ତିକ ବିଶ୍ୱାଳ କହିଛନ୍ତି।

## ସୁରକ୍ଷା କର୍ମୀଙ୍କ ତତ୍କାଳ ପଦକ୍ଷେପ ଧନଜୀବନ ରକ୍ଷା କରେ




ଅଗ୍ନିଶମ ସପ୍ତାହ ପାଳନ ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ବନ୍ଦର ଅଧ୍ୟକ୍ଷ ପି.ଏଲ୍. ହାରାନ୍ଧ ଓ ଅନ୍ୟମାନେ।

**ପିପିଏ ସିଆଇଏସ୍‌ଏଫ୍ ପକ୍ଷରୁ ଅଗ୍ନିଶମ ସପ୍ତାହ**

ପାରାଦୀପ,୧୬।୪(ଶରତ ରାଉତ)

ପାରାଦୀପ ବନ୍ଦର ପ୍ରାଧିକରଣ (ପିପିଏ) ସିଆଇଏସ୍‌ଏଫ୍ ଅଗ୍ନିଶମ ବିଭାଗ ପକ୍ଷରୁ ଅଗ୍ନିଶମ ସପ୍ତାହ ଆରମ୍ଭ ହୋଇଛି। ପୋର୍ଟ ୪ ନମ୍ବର ଗେଟ ପାଖ ଅଗ୍ନିଶମ କାର୍ଯ୍ୟାଳୟ ସମ୍ମୁଖରେ ଏ ନେଇ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଅତିଥିଭାବେ ବନ୍ଦର ଅଧ୍ୟକ୍ଷ ପି.ଏଲ.ହାରାନ୍ଧ ଯୋଗଦେଇଥିଲେ। ପ୍ରଥମେ ୧୯୪୪ ଏପ୍ରିଲ ୧୪ରେ ମୁମ୍ବାଇ ଡକ୍ ଅଗ୍ନିକାଣ୍ଡରେ ନିହତ ହୋଇଥିବା ଯବାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ପରେ ଅଗ୍ନିଶମ ଯବାନମାନେ ସେମାନଙ୍କ କାର୍ଯ୍ୟ ସମ୍ପାଦନ କୌଶଳ ଦେଖାଇଥିଲେ। ପିପିଏ ଅଗ୍ନିଶମ ସର୍ବଭାରତୀୟସ୍ତରରେ ହୋଇଥିବା ସଚେତନତା ପ୍ରତିଯୋଗିତାରେ ରନର୍ସଅପ ହୋଇଥିବାରୁ ଅଧ୍ୟକ୍ଷ ହାରାନ୍ଧ ଶୁଭେଚ୍ଛା ଜଣାଇଥିଲେ। ଅଗ୍ନିକାଣ୍ଡ ଭଳି ଯେକୌଣସି ଆକସ୍ମିକ ବିପଦ ସମୟରେ ସୁରକ୍ଷା କର୍ମୀ ସର୍ବଦା ପ୍ରସ୍ତୁତ ହୋଇ ରହିଥାନ୍ତି। ସେମାନଙ୍କ ତତ୍କାଳ ପଦକ୍ଷେପ ଅନେକ ଧନ ଜୀବନ ରକ୍ଷା କରିଥାଏ ବୋଲି ହାରାନ୍ଧ କହିଥିଲେ। କାର୍ଯ୍ୟକ୍ରମକୁ କମାଣ୍ଡାଣ୍ଟ ଅକ୍ଷତ ପଟେଲ ସଞ୍ଚାଳନ କରିଥିବା ବେଳେ ଡେପୁଟି କମାଣ୍ଡାଣ୍ଟ ବିଷ୍ଣୁ ସ୍ୱରୂପ ଧନ୍ୟବାଦ ଦେଇଥିଲେ।

## ଧୂଳି ଲେପରେ ଫାଷ୍ଟଫୁଡ୍ ଷ୍ଟଲ, ବାସି ଖାଦ୍ୟ

**ମା' ରାମଚଣ୍ଡୀଙ୍କ ଝାମୁଯାତ୍ରା**

■ ରାସାୟନିକ ରଙ୍ଗ, ଅପମିଶ୍ରିତ ଜଳରେ ପ୍ରସ୍ତୁତ

ମହାକାଳପଡ଼ା,୧୬।୪ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

ମହାକାଳପଡ଼ା ବ୍ଲକର ପ୍ରସିଦ୍ଧ ଶକ୍ତିପୀଠ ମା' ରାମଚଣ୍ଡୀ ମନ୍ଦିର ପରିସରରେ ପଣା ସଂକ୍ରାନ୍ତିଠାରୁ ଝାମୁଯାତ୍ରା ଚାଲିଛି। ଏହି ଅବସରରେ ମେଳାରେ ବହୁସଂଖ୍ୟାରେ ଦୋକାନ ବଜାର ପଡିଥିବା ବେଳେ ବ୍ୟବସାୟୀମାନେ ପସରା ମେଲାଇଛନ୍ତି। ପ୍ରବଳ ଗ୍ରୀଷ୍ମ ପ୍ରବାହରେ ଦିନ ସାରା ଗୁଳିଗୁଳି ହେଉଛି। ଶ୍ରଦ୍ଧାଳୁମାନେ ସନ୍ଧ୍ୟା ହେଲେ ମା'ଙ୍କ ପୀଠକୁ ଦର୍ଶନ କରିବା ପାଇଁ ଆସୁଛନ୍ତି। ମେଳାରେ ବିଭିନ୍ନ ପ୍ରକାର ଦୋକାନ ମଧ୍ୟରେ ହୋଟେଲ, ଜଳଖିଆ ଦୋକାନ, ଫାଷ୍ଟ ଫୁଡ୍ ଷ୍ଟଲ୍, ଲସି ସରବତ, ଗୁପ୍‌ଚୁପ୍ ସମେତ ଭୋଗ ଦୋକାନ ରହିଛି। ସାଧାରଣତଃ ଛୋଟ ଛୋଟ ପିଲା, ମହିଳା, ଯୁବତୀ, ଯୁବକମାନଙ୍କ ଫାଷ୍ଟ ଫୁଡ୍ ଷ୍ଟଲ୍‌ରେ ଭିଡ଼ ପରିଲକ୍ଷିତ ହେଉଛି। ଫାଷ୍ଟ ଫୁଡ୍ ହେଉ କି ହୋଟେଲ ଖାଦ୍ୟର ମାନ ନେଇ ପ୍ରଶ୍ନ ଉଠିଛି। କାରଣ ଖାଦ୍ୟ ପ୍ରସ୍ତୁତିରେ ରାସାୟନିକ ରଙ୍ଗ, ଅପମିଶ୍ରିତ ପାଣି, ଦିନ ସାରା ପବନରେ ଧୂଳି ଉଡି ଘୋଡା ଯାଇ ନ ଥିବା ଖାଦ୍ୟରେ ପଡୁଥିବା ଦେଖିବାକୁ ମିଳୁଛି। ଖାଦ୍ୟରେ ରାସାୟନିକ ରଙ୍ଗ ବ୍ୟବହାର କରି ବାସିଖାଦ୍ୟକୁ ଗରମ କରି ଗ୍ରାହକମାନଙ୍କୁ ବିକ୍ରି କରୁଛନ୍ତି। ବର୍ଷରେ ଥରେ ମେଳା ଅନୁଷ୍ଠିତ ହୋଇଥାଏ। ଏହି ମେଳାରୁ ଫାଷ୍ଟ ଫୁଡ୍ ଖାଦ୍ୟର ମଜା ଉଠାଇବା ପାଇଁ ଲୋକମାନଙ୍କ ଭିଡ଼ ପରିଲକ୍ଷିତ ହୋଇଥାଏ। ଜିଲା ଖାଦ୍ୟ ସୁରକ୍ଷା ଅଧିକାରୀ ଏହି ମେଳାରେ ପସରା ମେଲାଇଥିବା ଦୋକାନ ଗୁଡ଼ିକ ଯାଞ୍ଚ କରିବାରେ ବିଫଳ ହୋଇଛନ୍ତି ବୋଲି ବୁଦ୍ଧିଜୀବୀ ସୁବାସ ସ୍ୱାଇଁ କହିଛନ୍ତି। ସ୍ୱାଇଁ କହିବା କଥା, ଏହି ମେଳାରେ ଖାଦ୍ୟରେ ରାସାୟନିକ ରଙ୍ଗ, ପିଇବା ପାଣି ଆଦି ଶୁଦ୍ଧତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଏହାକୁ ସାଧାରଣ ଲୋକମାନେ ଖାଇବା ଦ୍ୱାରା ପେଟ ରୋଗ ଆଶଙ୍କା ରହିଛି। ତୁରନ୍ତ ଜିଲା ଫୁଡ୍ ସେଫ୍ଟି ତଦନ୍ତକାରୀ ଅଧିକାରୀ ଟିମ୍ ଝାମୁଯାତ୍ରାରେ ପସରା ମେଲାଇ ଥିବା ଖାଦ୍ୟ ଷ୍ଟଲ୍‌ଗୁଡିକ ଯାଞ୍ଚ କରିବାକୁ ସେ ଦାବି କରିଛନ୍ତି।



ମା' ରାମଚଣ୍ଡୀଙ୍କ ମେଳାରେ ଫାଷ୍ଟ ଫୁଡ୍ ଷ୍ଟଲ୍।

## ସଂକ୍ଷେପରେ

### ମନ୍ଦିରରେ ଦୀପ ନିଆଁ ଲାଗି ମହିଳା ଗୁରୁତର

ଚିକିଟି,୧୬।୪(ପ୍ରକାଶ ଚନ୍ଦ୍ର ସାହୁ)

ଚିକିଟି ପେଣ୍ଠରେ ମଙ୍ଗଳବାର ଜଣେ ମହିଳା ଠାକୁରାଣୀ ମନ୍ଦିରରେ ଦର୍ଶନ କରୁଥିବା ବେଳେ ଦୀପ ନିଆଁ ଲାଗି ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଚିକିଟିପେଣ୍ଠ ପଣ୍ଡିତରା ସାହିର ଅନସୂୟା ସାହୁ (୭୦)। ମଙ୍ଗଳବାର ଚୈତ୍ରମାସ ମଙ୍ଗଳବାର ହେତୁ ଅନସୂୟା କେତେଜଣ ମହିଳାଙ୍କ ସହ ଚିକିଟି ପେଣ୍ଠସ୍ଥିତ ଠାକୁରାଣୀ ମନ୍ଦିରକୁ ଦର୍ଶନ କରିବା ପାଇଁ ଯାଇଥିଲେ। ସେଠାରେ ପୂଜା କରୁଥିବା ସମୟରେ ହଠାତ୍ ଲାଗିଥିବା ଦୀପର ନିଆଁ ପିନ୍ଧିଥିବା ଶାଢ଼ିରେ ଲାଗିଯାଇଥିଲା। ଫଳରେ ଜଳିଯାଇ ଦୁଇ ଗୋଡ଼ ପୋଡିଯାଇଥିଲା। ସ୍ଥାନୀୟ ଲୋକେ ଆହତ ଅବସ୍ଥାରେ ଉଦ୍ଧାରକରି ଚିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ଅନସୂୟାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

### ରାମ ନବମୀ ପାଇଁ ଜରୁରୀ ବୈଠକ

ଛତ୍ରପୁର,୧୬।୪ (ସନ୍ତୋଷ ପାଢ଼ୀ)

ଛତ୍ରପୁରର ରାମ ନବମୀ ଶୋଭାଯାତ୍ରା ମହୋତ୍ସବ ସେବା ସମିତି ତରଫରୁ ଏକ ଜରୁରୀକାଳୀନ ବୈଠକ ରାମମନ୍ଦିର ପରିଚାଳକ ସନ୍ତୋଷ ମୂର୍ତ୍ତି ଓ ଏସ. ରାମକୃଷ୍ଣ ରେଡ୍ଡିଙ୍କ ସଂଯୋଜନାରେ ସ୍ଥାନୀୟ ଛତ୍ରପୁର ଷ୍ଟେସନ ରୋଡ଼ରେ ଥିବା ଶ୍ରୀ ରାମମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା। ଏ ବର୍ଷ ଅଯୋଧ୍ୟାରେ ରାମ ମନ୍ଦିର ପ୍ରତିଷ୍ଠାକୁ ନଜରରେ ରଖି ଗତବର୍ଷ ଭଳି ଏ ବର୍ଷ ମଧ୍ୟ ରାମ ନବମୀରେ ଏକ ଶୋଭାଯାତ୍ରା ସ୍ଥାନୀୟ ଷ୍ଟେସନ ରୋଡ଼ସ୍ଥିତ ରାମ ମନ୍ଦିରରୁ ଅପରାହ୍ନ ୪ଟାରେ ବାହାରି ପୁତିଗୋପାଳପୁର, ରିକାପଲ୍ଲୀ ଦେଇ ରାମାୟଣମ୍ମା ମନ୍ଦିର ଯାଏଁ ଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ପରେ ରାମାୟଣମ୍ମା ମନ୍ଦିର ନିକଟରେ ପ୍ରସାଦ ବଣ୍ଟନ କରାଯିବ। ସେହିପରି ଏହି କାର୍ଯ୍ୟକ୍ରମ ଏକ ଧାର୍ମିକ କାର୍ଯ୍ୟକ୍ରମ ହୋଇଥିବାରୁ ଏଥିରେ କୌଣସି ବି ରାଜନୈତିକ ଦଳ ସଂଶ୍ଳିଷ୍ଟ ନ କରିବାକୁ ସମିତି ନିଷ୍ପତ୍ତି ନେଇଛି। ଏହି କାର୍ଯ୍ୟକ୍ରମରେ ସାଗର କୁମାର ସେନାପତି, ଛତ୍ରପୁର ଏସଡ଼ିଜେଏମ କୋର୍ଟର କ୍ୟାଡ଼ର ଏପିପି ରାଜେଶ କୁମାର ମିଶ୍ର, ଏମ ଚିନା ରେଡ୍ଡୀ, ବି ରାଜୁ, ତୁଷାର ଶତପଥୀ, ନିଖିଲ ଭାଇ, ପାର୍ଥସାରଥୀ ଭାଇ ତଥା ସିଦ୍ଧି ବିନାୟକ ଅଟୋ ସଂଘର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

### ଅସନ୍ତୁଷ୍ଟଙ୍କୁ ମନାଉଛନ୍ତି ବିଧାୟକ

ଗଞ୍ଜାମ, ୧୬।୪ (ବିଦ୍ୟାଧର ସାହୁ)

ନିର୍ବାଚନ ତାରିଖ ଘୋଷଣା ପରେ ବିଭିନ୍ନ ରାଜନୈତିକ ଦଳଗୁଡିକ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିବା ଦେଖିବାକୁ ମିଳିଛି। ଛତ୍ରପୁର ନିର୍ବାଚନ ମଣ୍ଡଳୀରେ ବିଧାୟକ ପଦବୀ ନିମନ୍ତେ ଅନେକ ଆଶାୟୀ ଥିଲେ ମଧ୍ୟ ବିଜେଡିର ବିଧାୟକ ସୁବାସ ବେହେରାଙ୍କୁ ଦଳ ପୁଣି ପ୍ରାର୍ଥୀ କରିଛି। ଅନ୍ୟପଟେ ଭାରତୀୟ ଜନତା ପାର୍ଟି ମଧ୍ୟ କୃଷ୍ଣ ନାୟକଙ୍କୁ ପ୍ରାର୍ଥୀ କରିଛି। ଏହିଭଳି ପରିପ୍ରେକ୍ଷୀରେ ଛତ୍ରପୁର ବିଧାୟକ ଶ୍ରୀ ବେହେରା ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଖାତିର ନ କରି ଗଞ୍ଜାମ ବ୍ଲକର ବିଭିନ୍ନ ପଞ୍ଚାୟତ ଯାଇ ଅସନ୍ତୁଷ୍ଟ ଦଳୀୟ ନେତା ଓ କର୍ମୀଙ୍କୁ ମନାଉଥିବା ଦେଖିବାକୁ ମିଳିଛି। ଏହି ନିର୍ବାଚନ ମଣ୍ଡଳୀରେ ବିଧାୟକଙ୍କ ଦଳୀୟ ସଂଗଠନ ସୁଦୃଢ଼ ରହିଛି। କିନ୍ତୁ ଗତ ପୌର ଓ ପଞ୍ଚାୟତ ନିର୍ବାଚନ ବେଳେ ସ୍ଥାନୀୟ ଅଞ୍ଚଳର କିଛି ଆଗଧାଡିର ନେତା ଓ କର୍ମୀ ବିଧାୟକଙ୍କ ଠାରୁ ମୁହଁ ଫେରାଇ ନେଇଥିଲେ। ଏଥିପାଇଁ ସମସ୍ତଙ୍କୁ ପୁଣି ଏକାଠି କରି ଦଳର ସଂଗଠନ ବୃଦ୍ଧି କରିବାକୁ ପ୍ରୟାସ ଆରମ୍ଭ କରିଛନ୍ତି ବିଧାୟକ ବେହେରା। ନିକଟରେ ରାମଗଡ଼ ପଞ୍ଚାୟତରେ ସ୍ଥାନୀୟ ନେତା ଓ କର୍ମୀଙ୍କୁ ଏକାଠି କରିବା ସହ ମାନ ଅଭିମାନ ଭୁଲି ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଗାଦିରେ ବସାଇବାକୁ ଆହ୍ୱାନ ଦେଇଛନ୍ତି।

### ବାଇକ୍ ଧକ୍କାରେ ବାଳକ ଗୁରୁତର

ବୁଗୁଡା,୧୬।୪(କାଳିଚରଣ ଦାଶ)– ସ୍ଥାନୀୟ କଲେଜ ରୋଡର ଗ୍ଲାସ୍ ଫ୍ୟାକ୍ଟ୍ରି ସମ୍ମୁଖରେ ଏକ ବାଇକ୍ ଧକ୍କାରେ ଜଣେ ବାଳକ ହୋଇଛନ୍ତି। ସେ ହେଲେ ଆଦିତ୍ୟ ନାୟକ(୫)। ମଙ୍ଗଳବାର ପୂର୍ବାହ୍ନରେ ସ୍ଥାନୀୟ ପିପୁଲ୍ସ କଲେଜର ଜନୈକ କର୍ମଚାରୀ ବାଇକ୍ ଯୋଗେ କଲେଜକୁ ଯାଉଥିଲେ। ଏହି ସମୟରେ ବାଳକ ଜଣକ ରାସ୍ତା ପାର ହେଉଥିଲା ବେଳେ ବାଇକ୍ ସହ ଧକ୍କା ହୋଇଥିଲା।

# ବନ୍ୟପ୍ରାଣୀ–ମଣିଷ ମୁହାଁମୁହିଁ ହ୍ରାସ ପାଇଁ ସ୍ୱତନ୍ତ୍ର ଟିମ୍

## କର୍ମଚାରୀ ଯିବା ପୂର୍ବରୁ ସ୍ୱତନ୍ତ୍ର ଟିମ୍ ଘଟଣାସ୍ଥଳକୁ ଯିବେ

ଭଞ୍ଜନଗର,୧୬।୪(ବାବୁଲା ପ୍ରଧାନ)




ଡିଏଫଓ ହିମାଂଶୁ ଶେଖର ମହାନ୍ତି ଉଦ୍‌ବୋଧନ ଦେଉଛନ୍ତି।

ଦିନକୁ ଦିନ ବନ୍ୟପ୍ରାଣୀ ବିପଦରେ ପଡ଼ିବା ସମସ୍ୟା ବଢ଼ିବାରେ ଲାଗିଛି। କେଉଁଠି ଲୋକେ ବନ୍ୟପ୍ରାଣୀଙ୍କୁ ଆକ୍ରମଣ କରୁଛନ୍ତି ତ ଆଉ କେଉଁଠି ଭୁଲବଶତଃ ବନ୍ୟପ୍ରାଣୀ ବିପଦରେ ପଡୁଛନ୍ତି। ମଣିଷ ଏବଂ ବନ୍ୟପ୍ରାଣୀ ଅନେକ ସମୟରେ ମୁହାଁମୁହିଁ ହେଉଛନ୍ତି। ତେଣୁ ବନ୍ୟପ୍ରାଣୀମାନେ ସୁରକ୍ଷା ଅଭାବରୁ ମୃତ୍ୟୁବରଣ କରୁଛନ୍ତି। କେଉଁଠି ମଣିଷ ମଧ୍ୟ ମୃତ୍ୟୁମୁଖରେ ପଡୁଛି। ମଣିଷ ଏବଂ ବନ୍ୟପ୍ରାଣୀ ମଧ୍ୟରେ ବଢୁଥିବା ବିବାଦକୁ କମାଇବା ସହ ବନ୍ୟପ୍ରାଣୀ ଏବଂ ସାଧାରଣ ଜନତାଙ୍କ ସୁରକ୍ଷା ପାଇଁ ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡରେ ଏକ ସ୍ୱତନ୍ତ୍ର ଟିମ୍ ମଙ୍ଗଳବାର ଗଠନ କରାଯାଇଛି। ଉକ୍ତ ଟିମ୍ ବନ୍ୟପ୍ରାଣୀ ବିପଦରେ ପଡ଼ିଥିବା ସୂଚନା ଆସିଲେ ତୁରନ୍ତ ଘଟଣାସ୍ଥଳକୁ ଯାଇ ଆବଶ୍ୟକ ପଦକ୍ଷେପ ନେବେ। ଏଥିସହ ବ୍ରହ୍ମପୁର ସର୍କଲ ଅଧୀନରେ ଥିବା ଘୁମୁସର ଦକ୍ଷିଣ ବନଖଣ୍ଡ, ଫୁଲବାଣୀ ଏବଂ ବୌଦ୍ଧ ବନଖଣ୍ଡକୁ ମଧ୍ୟ ଆବଶ୍ୟକ ପଡ଼ିଲେ ଉକ୍ତ ଟିମ୍ ଯିବ। ତେଣୁ ଆଜି ଡ଼େପୁଟି ରେଞ୍ଜର ଅଞ୍ଜନ ନାୟକ କର୍ମଚାରୀମାନଙ୍କୁ ସ୍ଥାନୀୟ ଲାଲସିଂ ନର୍ସରୀ ସମ୍ମିଳନୀ କକ୍ଷରେ ତାଲିମ ଦେଇଥିଲେ। ନୂତନ ଭାବେ ଗଠନ ହୋଇଥିବା ଟିମ୍ ସୂଚନା ମିଳିବା କ୍ଷଣି ଘଟଣାସ୍ଥଳକୁ ଯାଇ ଆବଶ୍ୟକ ପଦକ୍ଷେପ ନେବ। ଏହାପରେ ବିଭାଗୀୟ କର୍ମଚାରୀମାନେ ପହଞ୍ଚି ପରିବର୍ତ୍ତୀ ପଦକ୍ଷେପ ନେବେ। ଡିଏଫଓ ହିମାଂଶୁ ଶେଖର ମହାନ୍ତି କର୍ମଶାଳାକୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଜାଗଡ଼ ରେଞ୍ଜର ବିଦ୍ୟାଧର ସାହୁ, ଗାଲେରୀ ରେଞ୍ଜର ଆଶାଲତା ଦିଗାଲ, ଜଗନ୍ନାଥପ୍ରସାଦ ରେଞ୍ଜର ସୁଜତାରାଣୀ ପଣ୍ଡା, ତାରସିଂ ରେଞ୍ଜର ଅରୁଣ ପ୍ରଧାନ, କେନ୍ଦ୍ରୀୟ ବନାଞ୍ଚଳ ଅଧିକାରୀ ପୃଥ୍ୱୀରାଜ ପ୍ରଧାନ ପ୍ରମୁଖ ଯୋଗଦେଇ ବନ୍ୟପ୍ରାଣୀ ସୁରକ୍ଷାରେ ବିଭାଗୀୟ କର୍ମଚାରୀଙ୍କ ଭୂମିକା ସମ୍ପର୍କରେ କହିଥିଲେ। କର୍ମଶାଳାରେ ୫ଟି ଯାକ ରେଞ୍ଜର ବଛା ବଛା କର୍ମଚାରୀ ଯୋଗଦେଇ ତାଲିମ ନେଇଥିଲେ। ଡିଏଫଓ ଶ୍ରୀ ମହାନ୍ତି କହିଛନ୍ତି ଯେ, ଚନ୍ଦକା ବନଖଣ୍ଡରେ ଥିବା ତାଲିମ କେନ୍ଦ୍ରରୁ ଏହି ବନଖଣ୍ଡର ଦ୍ରୁତ ପଦକ୍ଷେପ ଦଳ ତାଲିମ ନେଇ ଆସିଛନ୍ତି। ଉକ୍ତ ଦଳ ଆଜି ବନଖଣ୍ଡର କର୍ମଚାରୀଙ୍କୁ ତାଲିମ ଦେଇଥିଲେ। ବନ୍ୟପ୍ରାଣୀ ସୁରକ୍ଷା ପାଇଁ କିଭଳି ଯନ୍ତ୍ରପାତି ବ୍ୟବହାର ହେବ ତାହାର ମଧ୍ୟ ତାଲିମ ପ୍ରଦାନ କରାଯାଇଥିଲା। ଆଗାମୀ ଦିନରେ ଏହି ବନଖଣ୍ଡକୁ ଯନ୍ତ୍ରପାତି ସହ ଏକ ଅତ୍ୟାଧୁନିକ ଗାଡ଼ି ଆସିବ। ଫଳରେ ବନ୍ୟପ୍ରାଣୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇପାରିବ। ଏହାଦ୍ୱାରା ମଣିଷ ଏବଂ ବନ୍ୟପ୍ରାଣୀ ମଧ୍ୟରେ ବଢୁଥିବା ବିବାଦ କମିବ।

# ସୁନାରିଝୋଲା ପଞ୍ଚାୟତରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ

କବିସୂର୍ଯ୍ୟନଗର, ୧୬।୪ (କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗର ବ୍ଲକ ସୁନାରିଝୋଲା ପଞ୍ଚାୟତରେ ଆସିକା ବିଜେଡି ବିଧାୟିକା ପ୍ରାର୍ଥୀ ମଞ୍ଜୁଳା ସ୍ୱାଇଁଙ୍କ ପକ୍ଷରୁ ଘରେ ଅଭିଯାନ ଆରମ୍ଭ ହୋଇଛି। ସେ ଘରକୁ ଘର ବୁଲି ଶଙ୍ଖ ଚିହ୍ନ ମାରିବା ସହ ଲୋକଙ୍କୁ ବିଜେଡିର ବିକାଶମୂଳକ କାର୍ଯ୍ୟ ସଂପର୍କରେ ବୁଝାଇଛନ୍ତି। ଜିଲା ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, କବିସୂର୍ଯ୍ୟନଗର ବ୍ଲକ ଅଧ୍ୟକ୍ଷା ଜ୍ୟୋର୍ତିମୟୀ ସ୍ୱାଇଁ, ଆମପୁଆ ସମିତି ସଭ୍ୟ ଅଶ୍ୱିନୀ ସ୍ୱାଇଁ, ପ୍ରାକ୍ତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ସୁରଥ ଚନ୍ଦ୍ର ପ୍ରଧାନ, ଆସିକା ସମବାୟ ବ୍ୟାଙ୍କ ସଭାପତି ମଙ୍ଗୁଲୁଧର ସାହୁ, ଜିଲା ପରିଷଦ ସଭ୍ୟ ବଳରାମ ପ୍ରଧାନ, ସଂଗୀତା ସ୍ୱାଇଁ, ଆମ୍ବପୁଆ ସରପଞ୍ଚ ଅମୀୟ କୁମାର ମାହୁନ୍ତ, ବରିଡାଏ ସରପଞ୍ଚ ଗୀତାଞ୍ଜଳି ସାହୁ, କନିଆରୀ ସରପଞ୍ଚ ରବୀନ୍ଦ୍ର ବେହେରା, କନିଆରୀ ସମିତି ସଭ୍ୟ ଶଙ୍କର ବେହେରା, ବାଲ୍ୟସରା ସରପଞ୍ଚ ରବୀନ୍ଦ୍ର ପୋଲାଇ ଓ ସମିତିସଭ୍ୟା ମମତା ଖଣ୍ଡୁଆଳ, ସୁନାରିଝୋଲ ସରପଞ୍ଚ ରାଧାକୃଷ୍ଣ ରେଡି ଓ ସମିତି ସଭ୍ୟ ସୂର୍ଯ୍ୟନାରାୟଣ ଭୂୟାଁ, ଶିଆଳିଆ ସମିତିସଭ୍ୟ କମ୍ବୁପାଣି ନାହାକ ସମେତ ପ୍ରାକ୍ତନ ଆମ୍ବପୁଆ ସରପଞ୍ଚ ହିମାଂଶୁ ଶେଖର ରାଉତ ଓ ସମିତି ସଭ୍ୟ ଧନୁର୍ଦ୍ଧର ସାମଲ, ରଜନୀ ମଣ୍ଡଳ, ପଞ୍ଚୁ ସ୍ୱାଇଁ, ବିପ୍ର ପୋଲାଇ, ହରି ପ୍ରଧାନ ଓ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଭାଜପା କର୍ମୀ ବିଜୟ ମଳିକ, ପାଣ ବେହେରା, ବାୟାମନ ରେଡ଼ି, କାଳିଆ ରେଡ଼ି, ବାସୁଦେବ ବେହେରା, ଚୈତନ୍ୟ ନାହାକ, ବି. କହ୍ନେଇ ରେଡ଼ି, ବାହାନ ବିଷୋୟୀ, ମହରଗ ପ୍ରଧାନ ଆଦି ବହୁ କର୍ମୀ ବିଜେଡିରେ ବିଧାୟିକାଙ୍କ ଉପସ୍ଥିତିରେ ସାମିଲ ହୋଇଥିଲେ।

# ବିଜେଡିରେ ମିଶିଲେ ଟିକିଲିର ପୂର୍ବତନ ସରପଞ୍ଚଙ୍କ ସମେତ ବହୁ କର୍ମୀ

ଖଲ୍ଲିକୋଟ,୧୬।୪(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ସ୍ଥିତ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟଙ୍କ ବାସଭବନ ନିକଟରେ ବିଜେଡିର ମିଶ୍ରଣପର୍ବ ଅନୁଷ୍ଠିତ ହୋଇଯାଇଛି। ଟିକିଲି ପଞ୍ଚାୟତ ପୂର୍ବତନ କଂଗ୍ରେସ ସମର୍ଥିତ ସରପଞ୍ଚ ଶ୍ରୀକାନ୍ତ ସେଠୀଙ୍କ ସମେତ ସୁଧାଂଶୁ ଶେଖର ମହାଙ୍କୁଡ଼, ସୁନୀଲ କୁମାର ଖୁଣ୍ଟିଆ, ବିଭୁଦତ୍ତ ମହାଙ୍କୁଡ଼, ହିମାଂଶୁ ଶେଖର ସାହୁଙ୍କ ସହ ବହୁ ଯୁବ କର୍ମୀ ବିଜେଡିରେ ଯୋଗଦେଇଥିଲେ। ବିଧାୟିକା ବୈଦ୍ୟ ଦଳୀୟ ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ। ଖଲ୍ଲିକୋଟରେ ବିଜେଡି ଭଲ ପ୍ରଦର୍ଶନ କରିବ, ବିଜୟ ନିଶ୍ଚିତ ହେବ ବୋଲି ବିଧାୟିକା ପ୍ରକାଶ କରିଥିଲେ। ଯୁବକମାନେ ଏକ ବାଇକ୍ ଶୋଭାଯାତ୍ରାରେ ବାହାରି ଖଲ୍ଲିକୋଟ ପରିକ୍ରମା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟା ସୋନମ ପଲେଇ, ବିନାୟକ ଜାଲ୍ଲୀ, ବ୍ଲକ ଅଧ୍ୟକ୍ଷ ଦୈତାରି ବେହେରା, ଯୁବନେତା ଦୁର୍ଗା ଗୌଡ଼ଙ୍କ ସମେତ ବହୁ ଦଳୀୟ ନେତା କର୍ମୀ ଉପସ୍ଥିତ ଥିଲେ।



ବିଜେଡିରେ ସାମିଲ ହୋଇଥିବା ପୂର୍ବତନ ସରପଞ୍ଚ ଓ ଅନ୍ୟମାନେ।

# ମା' ତାରାତାରିଣୀଙ୍କ ମହିଷମର୍ଦ୍ଦିନୀ ବେଶ

## ଚତୁର୍ଥପାଳି ଚୈତ୍ର ମଙ୍ଗଳବାର ଯାତ୍ରା

ପୁରୁଷୋତ୍ତମପୁର,୧୬।୪(ସୀମାଞ୍ଚଳ ମିଶ୍ର)



ଗଞ୍ଜାମ ଜିଲାର ଇଷ୍ଟଦେବୀ ମା' ତାରାତାରିଣୀ ଚତୁର୍ଥପାଳି ଚୈତ୍ର ମଙ୍ଗଳବାର ଯାତ୍ରାରେ ଭକ୍ତମାନଙ୍କୁ ମହିଷାମର୍ଦ୍ଦିନୀ ବେଶରେ ଦର୍ଶନ ଦେଇଛନ୍ତି। ସୋମବାର ରାତି ୨.୩୦ରୁ ମନ୍ଦିର ଦ୍ୱାର ଫିଟାଯାଇ ମଙ୍ଗଳ ଆଳତି, ଅବକାଶ, ମଇଲମ, ମାର୍ଜଣା, ଶୃଙ୍ଗାର, ଅଭିଷେକ ଓ ନୀତିକାନ୍ତିରେ ପୂଜାର୍ଚ୍ଚନା କରାଯାଇ ମା' ତାରା ତାରିଣୀ ଦୁଇ ଭଉଣୀଙ୍କୁ ମହିଷାମର୍ଦ୍ଦିନୀ ବେଶ କରାଯାଇଥିଲା। ଭୋର ୫ଟା ୧୫ରେ ଭକ୍ତଙ୍କୁ ମା' ଦର୍ଶନ ଦେଇଥିଲେ। ଅନ୍ୟପଟେ ସୋମବାର ରାତି ସାଢ଼େ ୩ଟାରୁ ମୁଣ୍ଡନ କାର୍ଯ୍ୟ ଆରମ୍ଭ ହୋଇଥିଲା। ମଙ୍ଗଳବାର ପ୍ରଚଣ୍ଡ ଖରାସତ୍ତ୍ୱେ ଭକ୍ତମାନେ ସେମାନଙ୍କ ଶିଶୁମାନଙ୍କୁ ମୁଣ୍ଡନ କରାଇବା ସହ ମା'ଙ୍କୁ ଦର୍ଶନ କରିଥିଲେ।

ପ୍ରଶାସନ ପକ୍ଷରୁ ଆବଶ୍ୟକ ଟେଣ୍ଟ ପକାଯାଇ ନ ଥିବା ଓ ପାନୀୟ ଜଳର ବ୍ୟବସ୍ଥା କରାଯାଇ ନ ଥିବାରୁ ଲୋକେ ଖରାରେ ସିଝି ଅସ୍ତବ୍ୟସ୍ତ ହୋଇପଡୁଥିବା ଦେଖାଯାଇଥିଲା। କେନ୍ଦ୍ର ପଞ୍ଚାୟତିରାଜ ବିଭାଗୀୟ ଅତିରିକ୍ତ ସଚିବ ଚନ୍ଦ୍ରଶେଖର କୁମାର ଆସି ମା'ଙ୍କ ଦର୍ଶନ କରିଥିଲେ। ପୁରୁଷୋତ୍ତମପୁର ଏସଡିପିଓ ରଜନୀକାନ୍ତ ସାମଲ, ଦେବୋତ୍ତର ବିଭାଗୀୟ ଛତ୍ରପୁର ସର୍କଲ ବିଭାଗୀୟ ଇନ୍ସପେକ୍ଟର ପୁଷ୍ପିତା ବେହେରା, ମନ୍ଦିର ନିର୍ବାହୀ ଅଧିକାରୀ ଟି.କେ. ରେଡ଼ି ଓ ପ୍ରଶାନିକ ଅଧିକାରୀମାନେ ଉପସ୍ଥିତ ରହି ଯାତ୍ରା ପରିଚାଳନା କରିଥିଲେ। ସେବାୟତ ସଂଘ ସଭାପତି ତପନ କୁମାର ରଣା, ସେବାୟତ ବାପୁଜୀ ରଣା, ଧ୍ରୁବ ରଣା ପ୍ରମୁଖ ପୂଜାର୍ଚ୍ଚନା କରିଥିଲେ। ଯାତ୍ରା ଗହଳିରେ ଚୋରା ମଦ ବିକ୍ରି କାରବାର ବୃଦ୍ଧି ପାଇଥିଲେ ମଧ୍ୟ ଅବକାରୀ ବିଭାଗ କୌଣସି ପଦକ୍ଷେପ ନ ନେବାରୁ ବିଭିନ୍ନ ସ୍ଥାନରେ ବିଶୃଙ୍ଖଳା ହୋଇଥିଲା।

### ଭାଜପାର ବୁଥ ବିଜୟ ଅଭିଯାନ

ଆସିକା,୧୬।୪(ସୁରେନ୍ଦ୍ର ନାଥ ସାହୁ)

ଆସିକା ସହର ଉପକଣ୍ଠ ମୁକୁନ୍ଦପୁର ସ୍ୱପ୍ନେଶ୍ୱର ମନ୍ଦିର ସଂଲଗ୍ନ ତୋଟାରେ ମଙ୍ଗଳବାର ଭାଜପା ପକ୍ଷରୁ ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀର ବୁଥ ବିଜୟ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଏମ୍‌ପି ପ୍ରାର୍ଥୀ ଅନିତା ଶୁଭଦର୍ଶିନୀ, ପୂର୍ବତନ ବିଧାୟକ ତଥା ଆସିକା ବିଧାୟକ ପ୍ରାର୍ଥୀ ସରୋଜ ପାଢୀ, ଲୋକସଭା ପ୍ରଭାରୀ ଅଜୟ ମିଶ୍ର, ଲୋକସଭା ସଂଯୋଜକ ଯଜ୍ଞନାରାୟଣ ଦାଶ, ଆସିକା ବିଧାନସଭା ସଂଯୋଜକ ସୁଶାନ୍ତ କୁମାର ନାହାକ, ସନ୍ତୋଷ ବିଶ୍ୱାଳ, ସରୋଜ ଭଞ୍ଜ, ବିଜୟ ସ୍ୱାଇଁଙ୍କ ସମେତ ନିର୍ବାଚନ ମଣ୍ଡଳିର ବିଭିନ୍ନ ପଞ୍ଚାୟତର ପ୍ରମୁଖ, ମଣ୍ଡଳ ସଭାପତି, ବୁଥ ସଭାପତି, ବୁଥ ପ୍ରଭାରୀ ଉପସ୍ଥିତ ଥିଲେ। ବୈଠକରେ ବୁଥ ସ୍ତରରୁ ସଂଗଠନକୁ ସୁଦୃଢ଼ କରାଯାଇ ଆଗାମୀ ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କୁ ବିପୁଳ ମାତ୍ରାରେ ଭୋଟ ଭୋଟ ଦେଇ ବିଜୟୀ କରିବା ନିମନ୍ତେ ପ୍ରଶିକ୍ଷଣ ଦିଆଯାଇଥିଲା।

### ବେଲଗୁଣ୍ଠା ଏନ୍‌ଏସି ଉପାଧ୍ୟକ୍ଷାଙ୍କ ବିଜେଡିରୁ ଇସ୍ତଫା

ବେଲଗୁଣ୍ଠା,୧୬।୪(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ପୌର ନିର୍ବାଚନ ପୂର୍ବରୁ ବିଜେଡିରେ ସାମିଲ୍ ହୋଇ ବେଲଗୁଣ୍ଠା ଏନ୍‌ଏସି ଉପାଧ୍ୟକ୍ଷା ପଦ ହାତେଇଥିବା ଟି. ବବିତା କୁମାରୀ ଦଳରେ କୋଣଠେସା ହେବାର ଅଭିଯୋଗ ଆଣି ବିଜେଡିରୁ ଇସ୍ତଫା ଦେଇଛନ୍ତି। ଶାସକ ଦଳର ଦୁର୍ନୀତିରେ ଅତିଷ୍ଠ ହୋଇ ବେଲଗୁଣ୍ଠା ବିଜ୍ଞପିତ ଅଞ୍ଚଳ ପରିଷଦ (ଏନଏସି)ର ଉପାଧ୍ୟକ୍ଷା ଟି.ବବିତା କୁମାରୀଙ୍କ ସମେତ ତିନି ଜଣ ପୂର୍ବତନ କାଉନସିଲର ମଧ୍ୟ ସୋମବାର ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିବା ଏକ ଖବରଦାତା ସମ୍ମିଳନୀରେ ଘୋଷଣା କରିଛନ୍ତି। ଏହା ସହ ବେଲଗୁଣ୍ଠା ଏନଏସିର ପୂର୍ବତନ କାଉନସିଲର ସିଏଚ୍ ଲିଙ୍ଗରାଜ ପାତ୍ର, ସିଏଚ୍ ଜତିନ୍ କୁମାର ପାତ୍ରଙ୍କ ସମେତ ରାଧାକୃଷ୍ଣ ସ୍ୱାଇଁ, ଗୌରାଙ୍ଗ ସାହୁ, ରବିନ୍ଦ୍ର ନାଥ ଚୌଧୁରୀ, କମଳା ପତି ଓ ରଞ୍ଜନ କୁମାର ପତି ମଧ୍ୟ ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି।

# ମା' ରାମଚଣ୍ଡୀଙ୍କ ପୀଠରେ ବାସନ୍ତିକ ଦୁର୍ଗାପୂଜା

ଛତ୍ରପୁର,୧୬।୪ (ସନ୍ତୋଷ ପାଢ଼ୀ)



ମା' ରାମଚଣ୍ଡୀ

ଛତ୍ରପୁରଠାରୁ ମାତ୍ର ୭କିମି ଦୂରରେ ଅବସ୍ଥିତ ଗଞ୍ଜାମ ବ୍ଲକର କରପଡା ଗ୍ରାମ ପଞ୍ଚାୟତ ଅଧିନସ୍ଥ ନୀଳାଦ୍ରିପୁର ଗ୍ରାମର ଧଡ଼ା ପାହାଡ଼ ଶୀର୍ଷରେ ଅବସ୍ଥାନ କରିଥିବା ମା'ରାମଚଣ୍ଡୀଙ୍କ ପୀଠରେ ବାସନ୍ତିକ ଦୁର୍ଗାପୂଜା ମହାବିଷୁବ ସଂକ୍ରାନ୍ତିରେ ଆରମ୍ଭ ହୋଇଥିଲା। ସେଥିପାଇଁ ଏହି ପୂଣ୍ୟପୀଠ ପରିସର ଚଳଚଞ୍ଚଳ ହୋଇଉଠିଛି। ଅଗଣିତ ଭକ୍ତଜନ ସନ୍ଧ୍ୟାରେ ଏକତ୍ରିତ ହୋଇଥାଆନ୍ତି। ମଙ୍ଗଳବାର ସନ୍ଧ୍ୟାରେ ସନ୍ଧିପୂଜା ସାରି ଶକ୍ତି ପ୍ରଦାୟିନୀଙ୍କ ମା'ଙ୍କ ବସନ୍ତିକ ପୂଜା ପରିସମାପ୍ତି ହେବ। କଥିତ ଅଛି ଯେ' ଦେବୀ ଦଶଭୁଜା ମହାମାୟୀ ଦୁର୍ଗା ନିଜର ତ୍ରିଶୁଳ ଦ୍ୱାରା ମହିଶାର ହୃଦୟ ବିଦ୍ଧ କରିଥିବା ସାଂଗକୁ ଖଡ଼ଗ ଦ୍ୱାରା ଶିର ଛେଦନ କରିଥିଲେ। ତେଣୁ ସେହି ସମୟ ଥିଲା, ଚୈତ୍ର ମାସ ଶୁକ୍ଳପକ୍ଷ ଅଷ୍ଟମୀ ଓ ନବମୀ ତିଥିର ସନ୍ଧିକ୍ଷଣ ସମୟ। ତେଣୁ ଏହି ତିଥି ବସନ୍ତ ଋତୁରେ ପଡୁଥିବାରୁ ଏହାକୁ ବାସନ୍ତିକ ଦୁର୍ଗା ପୂଜା କୁହାଯାଇଥାଏ। ଏହି ବାସନ୍ତିକ ପୂଜା ପ୍ରମୁଖ ଦେବୀ ପୀଠମାନଙ୍କରେ ବର୍ଣ୍ଣାଢ଼୍ୟ ସମାରୋହରେ ପାଳିତ ହୋଇଆସୁଅଛି। ତେଣୁ ଚଳିତ ବର୍ଷଠାରୁ ଆନୁଷ୍ଠାନିକ ଭାବେ ମା' ରାମଚଣ୍ଡୀଙ୍କ ପୀଠରେ ବାସନ୍ତିକ ଦୁର୍ଗାପୂଜା ଯଥାରୀତିରେ ଆରମ୍ଭ ହୋଇ ବିଧିବଦ୍ଧ ଭାବେ ପୂଜାର୍ଚ୍ଚନା ସହ ଅନୁଷ୍ଠିତ ହୋଇଆସିଛି। ଏହା ମଙ୍ଗଳବାର ପ୍ରଭାତରେ ଦେବୀଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ସ୍ୱତନ୍ତ୍ର ନୀତିକାନ୍ତି ଲାଗି ହୋଇଛି। ଅଗଣିତ ଦର୍ଶନାର୍ଥୀ ଭୋଗ ରାଗ କରାଇ ଦେବୀଙ୍କ ଆଶିଷ ଲାଭ କରିଛନ୍ତି।

# ରାମାୟଣ ମଞ୍ଚ ଉଦ୍‌ଘାଟିତ

ରମ୍ଭା,୧୬।୪(ବନବାସୀ ସେଠୀ)

ସ୍ଥାନୀୟ ଏନ୍‌ଏସି ସ୍ଥିତ ଦୁର୍ଗା ମଠଠାରୁ ଭାଜପା ତରଫରୁ ଏକ ରାଲି ସହର ପରିକ୍ରମା କରିଥିଲା। ପଣା ପର୍ବ ଆନୁକୂଲ୍ୟରେ ଚାମୁଣ୍ଡା ମନ୍ଦିର ପ୍ରାଙ୍ଗଣରେ ରାମାୟଣ ମଞ୍ଚକୁ ମୁଖ୍ୟ ଅତିଥି ଭାଜପା ନେତା ବନମାଳୀ ସେଠୀ ଏବଂ ଏନ୍‌ଏସି ଅଧ୍ୟକ୍ଷା ମାନସୀ ସ୍ୱାଇଁଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷ କାଳିଆ ତରେଇ, ଗଞ୍ଜାମ ଏନ୍‌ଏସି ମଣ୍ଡଳ ସଭାପତି କାନ୍ତରି ଦଳାଇ, ହୁମ୍ମା ମଣ୍ଡଳ ସଭାପତି ଧ୍ରୁବ ଚରଣ ପଲେଇ, ସନ୍ତୋଷ କୁମାର ନାୟକ, ସୁଦାମ ଚରଣ ଜେନା, ଅଧ୍ୟକ୍ଷା ପ୍ରତିନିଧି କାହ୍ନା ସ୍ୱାଇଁ, ସୀମାଞ୍ଚଳ ବାଡତ୍ୟା, ରମ୍ଭା ମଣ୍ଡଳ ସଭାପତି ରାଜେନ୍ଦ୍ର ପରିଡା, ପଣ୍ଡିତ ଜଗନ୍ନାଥ ଦାଶ, କାଉନସିଲର ଅଭିନାଥ ବେହେରା, ମୁନା ସ୍ୱାଇଁ, ସୁଦର୍ଶନ ସେନାପତିଙ୍କୁ ରଙ୍ଗ ମଞ୍ଚରେ ଉପଢୌକନ ସହ ଫୁଲମାଳ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ଘନଶ୍ୟାମ ବେହେରା, କେଦାର ବାରିକ, ସୁଧୀର ତରେଇ, ପ୍ରସନ୍ନ ନାହାକ, ବିଳାସ ନାହାକ, ବସନ୍ତ ନାହାକ, ଦିଲୀପ ତରେଇ, ରବି ବିଶ୍ୱାଳ, କାଳିଆ ବେହେରା ସମେତ ବହୁ ଦଳୀୟ କର୍ମୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ବିଜେଡିର ନିର୍ବାଚନ ପ୍ରସ୍ତୁତି ବୈଠକ



ଆସିକା,୧୬।୪(ସୁରେନ୍ଦ୍ର ନାଥ ସାହୁ)

ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀ ବିଜେଡି ପକ୍ଷରୁ ମଙ୍ଗଳବାର ଚାରିମଇଲିସ୍ଥିତ ଗ୍ରୀଡ ଷ୍ଟେଶନ ସନ୍ନିକଟ ଆମ୍ବ ତୋଟାଠାରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ପ୍ରବାଦପୁରୁଷ ବିଜୁବାବୁଙ୍କ ୨୭ତମ ତିରୋଧାନ ଦିବସ ପାଳନ ଓ ନିର୍ବାଚନ ଲାଗି ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ବିଜୁବାବୁଙ୍କ ତିରୋଧାନ ଦିବସରେ ଆସିକା ଏନଏସିର ସୁବର୍ଣ୍ଣେଶ୍ୱର ମନ୍ଦିର ସଂଲଗ୍ନ ଋଷିକୂଲ୍ୟା ନଦୀ ଘାଟରେ ତିଳତର୍ପଣ ଓ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ କର୍ମୀଙ୍କ ବିରାଟ ବାଇକ ଶୋଭାଯାତ୍ରା କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଏହି ଅବସରରେ ଆଗାମି ନିର୍ବାଚନ ଲାଗି ମଧ୍ୟ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ଆସିକା ଏମପି ପ୍ରମିଳା ବିଷୋୟି, ବିଧାୟିକା ମଞ୍ଜୁଳା ସ୍ୱାଇଁ, କବିସୂର୍ଯ୍ୟନଗର ବ୍ଲକ ଅଧ୍ୟକ୍ଷା ଜ୍ୟୋତିର୍ମୟୀ ସ୍ୱାଇଁ, ଉପାଧ୍ୟକ୍ଷା ରେସମା ଦୋରା, ବ୍ଲକ ସଭାପତି ରାଜେଶ ପଟ୍ଟନାୟକ, ଗଞ୍ଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ବରିଷ୍ଠ ନେତା ଭଗବାନ ସାହୁ, ଦିଲ୍ଲୀପ ପାଣିଗ୍ରାହୀ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ହରେକୃଷ୍ଣ ମଳିକ, ସୂର୍ଯ୍ୟକାନ୍ତ ପରିଡା, ଶିବ ନାହାକ, ଦକ୍ଷିଣ ଓଡିଶା ସରପଞ୍ଚ ସଂଘ ସଭାପତି ଭବାନୀ ଶଙ୍କର ମଳିକ, ଅଜିତ ଚୌଧୁରୀ, ବିଦ୍ୟାନ୍ତ ଚର୍ଚ୍ଚି, ସନ୍ତୋଷ ପୋଲାଇ, ଜିଲ୍ଲାପରିଷଦ ସଦସ୍ୟ ତନ୍ମୟୀ ନାହାକ, ମନୋଜ କୁମାର ଦୋରା, ନିଗମାନନ୍ଦ ମହାନ୍ତିଙ୍କ ସମେତ ବିଭିନ୍ନ ପଞ୍ଚାୟତର ନିର୍ବାଚିତ ପ୍ରତିନିଧି ଓ ନେତା ସାମିଲ ଥିଲେ।

# ସାନଖେମୁଣ୍ଡି ଓ ଦିଗପହଣ୍ଡିରେ ପ୍ରାର୍ଥୀ ଦେବ ସିପିଆଇ

ଦିଗପହଣ୍ଡି,୧୬।୪(ଅଶେଷ ନାଥ ମିଶ୍ର)



ସଭାରେ ଉପସ୍ଥିତ ଦଳୀୟ କାର୍ଯ୍ୟକର୍ତ୍ତା।

ଭାରତୀୟ କମ୍ୟୁନିଷ୍ଟ ପାର୍ଟି ସିପିଆଇ ସାନଖେମୁଣ୍ଡି ଓ ଦିଗପହଣ୍ଡି ବିଧାନସଭା ନିର୍ବାଚନ ମଣ୍ଡଳୀରେ ପ୍ରାର୍ଥୀ ଦେବା ପାଇଁ ନିଷ୍ପତ୍ତି ହୋଇଛି। ମଙ୍ଗଳବାର ସିପିଆଇର ସାନଖେମୁଣ୍ଡି ଓ ବଡ଼ଖେମୁଣ୍ଡି ଆଞ୍ଚଳିକ ପରିଷଦର ପରିବର୍ଦ୍ଧିତ ଆଲୋଚନା ସଭା ଦିଗପହଣ୍ଡି ସ୍ଥିତ ଶ୍ରୀ ମୁକ୍ତେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ସିପିଆଇ ଦିଗପହଣ୍ଡି ଶାଖା କମିଟି ସମ୍ପାଦକ ତପନ ମିଶ୍ର ଅଧ୍ୟକ୍ଷତା କରିଥିଲେ। ଚଳିତ ୨୦୨୪ ସାଧାରଣ ନିର୍ବାଚନରେ ସିପିଆଇର ସଙ୍ଗଠନ ଥିବା ସାନଖେମୁଣ୍ଡି ଓ ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀରେ ପାର୍ଟିର ନିର୍ବାଚନୀ କାର୍ଯ୍ୟକ୍ରମ ସମ୍ପର୍କିତ ବିଭିନ୍ନ ପ୍ରସ୍ତାବ ଆଗତ ସହ ଦୁଇ ଜୋନାଲ କମିଟିର ନିର୍ବାଚନୀ ନିଷ୍ପତ୍ତି ସମ୍ପର୍କରେ ନିର୍ଦ୍ଧାରଣ କରାଯାଇଥିଲା। ଦିଗପହଣ୍ଡି ଓ ସାନଖେମୁଣ୍ଡି ଅଞ୍ଚଳର ପ୍ରମୁଖ ଜନ ସମସ୍ୟା ତଥା ଶିକ୍ଷା ସ୍ୱାସ୍ଥ୍ୟ କୃଷି ଜଳସେଚନ ବେକାରୀ ସମସ୍ୟା ନିରାକରଣ ଦିଗରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିଫଳ ହୋଇଥିବା ସହ ଦିଗପହଣ୍ଡି ଓ ସାନଖେମୁଣ୍ଡି ଚାଷୀଙ୍କ ଜୀବନରେଖା ଘୋଡାହାଡ, ରଘୁନାଥ ସାଗର, ଖଇରବାଙ୍କ ଗୋପାଳଗଣ୍ଡ, ବେଲଘାଇ ଜଳଭଣ୍ଡାର ସମ୍ପ୍ରତି ସରକାରୀ ଉଦାସୀନତା ଯୋଗୁଁ ଶୁଷ୍କ ପଡ଼ିବା ସହ ଚାଷୀଙ୍କ ସ୍ୱାର୍ଥରେ ଆସୁନଥିବା ନେଇ ସଭାରେ ମତପ୍ରକାଶ ପାଇଥିଲା।

ଦେଶ ଓ ରାଜ୍ୟର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଭାଜପା ଓ ବିଜେଡିକୁ ପରାସ୍ତ କରିବା ପାଇଁ ଇଣ୍ଡିଆ ମେଣ୍ଟ ଗଠନ ଓ ମିଳିତ ନିର୍ବାଚନ ଲଢ଼େଇ ପାଇଁ ନୀତିଗତ ନିଷ୍ପତ୍ତି ହୋଇଥିଲେ ମଧ୍ୟ ଏହି ଦୁଇ ନିର୍ବାଚନ ମଣ୍ଡଳୀରେ ବାମଦଳ ମାନଙ୍କ ସହ ବିଚାର ବିମର୍ଷ ନକରି କଂଗ୍ରେସ ପ୍ରାର୍ଥୀ ଘୋଷଣା କରିଥିବାରୁ ଆସନ୍ତା ନିର୍ବାଚନରେ ସାନଖେମୁଣ୍ଡି ଓ ଦିଗପହଣ୍ଡି ବିଧାନସଭା ଆସନରେ ସିପିଆଇ ପକ୍ଷରୁ ପ୍ରାର୍ଥୀ ଦିଆଯିବ ବୋଲି ସଭାରେ ପ୍ରସ୍ତାବ ଗୃହୀତ କରାଯିବା ସହ ଏନେଇ ଜିଲା କମିଟିକୁ ଅବଗତ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ସଭାରେ ସିପିଆଇ ଜିଲା ସହ ସମ୍ପାଦକ ପ୍ରଦୀପ ସେଠୀ, ଜୋନ ସମ୍ପାଦକ କୈଳାସ ପାତ୍ର, କିଶୋର ଶତପଥୀ, ସିପିଆଇ ଜିଲା କାର୍ଯ୍ୟକାରୀ କମିଟି ସଭ୍ୟ ଅଳକନାଥ ମିଶ୍ର, ବୃନ୍ଦାବନ ପଣ୍ଡା, ଅନନ୍ତ ମହାଙ୍କୁଡ, ଅଶୋକ କୁମାର ଜେନା,ଏ କୃଷ୍ଣମୂର୍ତ୍ତି ପାତ୍ର, ବିନାୟକ ଦାଶ, ଆର୍ . ଦିନବନ୍ଧୁ, ଦୈତାରି ରେଡ୍ଡୀ, ରବୀନ୍ଦ୍ର ବିଶୋଇ, ପାଣ ସେଠୀ, ମୂଷା ବେହେରା, ଏ. ନରେନ୍ଦ୍ର ରେଡ୍ଡୀ, ପ୍ରଶାନ୍ତ ଭୂୟାଁ, ଗୋଲା ସ୍ୱାଇଁ, ସନ୍ତୋଷ ସ୍ୱାଇଁ, ଉଦୟନାଥ ମଳିକ, ଅଶୋକ କୁମାର ସେଠୀ, ଦୀନବନ୍ଧୁ ବିଷୋୟୀ, ଲୋକନାଥ ବିଷୋୟୀ, ରମେଶ ବାଡ଼ତ୍ୟା, ପର୍ଶୁରାମ ବିଷୋୟୀ, ଦଣ୍ଡପାଣି ସାହୁ, ପ୍ରଦୀପ ପରିଡ଼ା, ଝିଲି ସେଠୀ, ନମିତା ସ୍ୱାଇଁ, ପୂର୍ଣ୍ଣବାସୀ ବିଶୋୟୀଙ୍କ ସମେତ ସିପିଆଇ ଶାଖା କମିଟି ଗୁଡ଼ିକର ଶତାଧିକ ଦଳୀୟ କର୍ମୀ ଯୋଗଦେଇ ବିଭିନ୍ନ ପ୍ରସ୍ତାବ ସମ୍ପର୍କରେ ଆଲୋଚନା କରିଥିଲେ।

**ସଂକ୍ଷେପରେ**

## ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ

**କାଳିଆପାଣି,୧୬।୪(ଅସିତ ମହାନ୍ତ):** ଯାଜପୁର ଜିଲା କାଳିଆପାଣି ଥାନା ଅନ୍ତର୍ଗତ କଂସ ଗ୍ରାମର ଜଣେ ଯୁବକଙ୍କ ଅଜଣା ଗାଡ଼ି ଧକ୍କାରେ ମୃତ୍ୟୁ ହୋଇଛି। ମୃତକ ହେଲେ ଗ୍ରାମର ପୀତାମ୍ବର ଦେହୁରିଙ୍କ ପୁଅ ସୁଶାନ୍ତ ଦେହୁରି(୨୩)। ସେ ମଙ୍ଗଳବାର ମଧ୍ୟାହ୍ନ ପ୍ରାୟ ୧ଟାରେ ରାସ୍ତା ପାର ହେଉଥିବା ସମୟରେ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ସେ ରାସ୍ତା ଉପରେ ପଡ଼ି ଯାଇଥିଲେ। ଏହାପରେ ଗାଡ଼ିଟି ସୁଶାନ୍ତଙ୍କ ଉପରେ ଚଢ଼ି ଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ କାଳିଆପାଣି ଥାନା ଅଧିକାରୀ ରଞ୍ଜନ କୁମାର ମଲ୍ଲିକଙ୍କ ସହ ଏଏସ୍ଆଇ ସନାତନ ବେହେରା ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଦାନଗଦୀ ଡାକ୍ତରଖାନାକୁ ପଠାଇଥିଲେ। ଏନେଇ ଥାନାରେ ନମ୍ବର ୬୩।୨୪ରେ ଏକ ମାମଲା ରୁଜୁ ହୋଇଥିବା ଏଏସ୍ଆଇ ବେହେରା ପ୍ରକାଶ କରିଛନ୍ତି।

## ଆଦର୍ଶ ବିଦ୍ୟାଳୟରେ ରକ୍ତଦାନ ଶିବିର

ଯାଜପୁର ସଦର,୧୬।୪(ସମର ବିଜୟ ଶରଣ) ଯାଜପୁର ବ୍ଲକ ଅଧୀନ ଜମଧର ଗ୍ରାମରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ବିଦ୍ୟାଳୟର ଅଧ୍ୟକ୍ଷ ଦିଲୀପ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ସମସ୍ତ କର୍ମକର୍ତ୍ତା, ଶିକ୍ଷୟିତ୍ରୀ,ଶିକ୍ଷକ ଓ ଅଭିଭାବକମାନେ ରକ୍ତଦାନ କରିଥିଲେ। ଏହି ଶିବିରରୁ ୨୪ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଉକ୍ତ ଶିବିରରେ ଜିଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ପ୍ରଶାନ୍ତ କୁମାର ବିଶ୍ୱାଳ, ଏଲ. ଟି. ପାର୍ଥସାରଥୀ ପୁହାନ, ଏଲ.ଟି. ଶିବ ସାହୁ ,ଅଜୟ କୁମାର ଜେନା, ତରୁଣ କୁମାର ନାଏକ ପ୍ରମୁଖ ଉପସ୍ଥିତ ରହି ରକ୍ତଦାନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ସାମାଜିକ କର୍ମୀ ଅରକ୍ଷିତ ବେହେରା ସମ୍ବର୍ଦ୍ଧିତ

**ଦଳିତ, ନିଷ୍ପେଷିତ ଓ ସାଧାରଣ ଲୋକଙ୍କୁ ନ୍ୟାୟ ପାଇଁ ଲଢ଼େଇ କରୁଛନ୍ତି**

**ବରୀ,୧୬।୪(ମହେନ୍ଦ୍ର ସ୍ୱାଇଁ):**



ବରୀ ବ୍ଲକ ଅଧୀନ ବରୀ ପଞ୍ଚାୟତ ମଲିଆଘାଇ ଗ୍ରାମର ସାମାଜିକ କର୍ମୀ ଅରକ୍ଷିତ ବେହେରା ସମ୍ବର୍ଦ୍ଧିତ ହୋଇଛନ୍ତି। ମାନବ ଅଧିକାର ସୁରକ୍ଷା ସଂସ୍ଥା ତରଫରୁ ଭୁବନେଶ୍ୱରଠାରେ ତାଙ୍କୁ ଉତ୍ତରୀୟ ଓ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି। ଅରକ୍ଷିତ ଦଳିତ, ନିଷ୍ପେଷିତ ଓ ସାଧାରଣ ଲୋକଙ୍କୁ ନ୍ୟାୟ ପ୍ରଦାନ ପାଇଁ ଲଢ଼େଇ କରୁଛନ୍ତି। ସେ ଓଡ଼ିଶା ଅର୍ଥ ସେବା ବିଭାଗର ଅତିରିକ୍ତ ସଚିବ ପାହ୍ୟାରୁ ଅବସର ନେଇଛନ୍ତି। ଯାଜପୁର ଜିଲା ଟ୍ରେଜେରି ଅଫିସର ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ଆଗାମୀ ଦିନରେ ସେ ଲୋକଙ୍କୁ ନ୍ୟାୟ ପ୍ରଦାନ ପାଇଁ କାର୍ଯ୍ୟ ଜାରି ରଖିବେ ବୋଲି ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ସେ ସମ୍ବର୍ଦ୍ଧିତ ହେବାପରେ ବରୀ ଅଞ୍ଚଳର ବୁଦ୍ଧିଜୀବୀ, ଶିକ୍ଷାବିତ ଓ ସାମାଜିକ କର୍ମୀ ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କର ଏତାଦୃଶ୍ୟ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଛନ୍ତି।

# ନେତାଙ୍କୁ ଅଡୁଆ ଅଧାପନ୍ତରିଆ କାମ

**ଜାରକା ଗ୍ରାମ୍ୟ ନିର୍ମାଣ ଡିଭିଜନ**

- ଚୁକ୍ତିର ୩ ମାସ ପରେ ବି ଆରମ୍ଭ ହେଉନି ବିଜୁ ସେତୁ, ରାସ୍ତା କାମ



ଅଧାପନ୍ତରିଆ ବିଜୁ ସେତୁ ଯୋଜନା।

**ଯାଜପୁର,୧୬।୪(ହର୍ଷବର୍ଦ୍ଧନ ବେହେରା):** ଯାଜପୁର ଜିଲାର ଜାରକା ଗ୍ରାମ୍ୟ ନିର୍ମାଣ ଡିଭିଜନ-୨ ଅଧୀନ ଗ୍ରାମାଞ୍ଚଳର ଗମନାଗମନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଲକ୍ଷ୍ୟ ରଖି ବିଜୁ ସେତୁ ଯୋଜନା ଏବଂ ବିଭିନ୍ନ ରାସ୍ତା ନିର୍ମାଣ କାର୍ଯ୍ୟ ହାତକୁ ନିଆଯାଇଛି। ହେଲେ କେତେକ ସ୍ଥାନରେ ବିଭାଗ ସହିତ ଚୁକ୍ତି ହେବାର ୩ ରୁ ୪ ମାସ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇ ପାରିନାହିଁ। ଏପରି କି କେତେକ ପ୍ରକଳ୍ପ ଆରମ୍ଭ ହୋଇଛି ସତ ହେଲେ ୫ ବର୍ଷ ପରେ ଶେଷ ହେବାର ନାଁ ଧରୁନାହିଁ। ଏହିକ୍ରମରେ ସଂପୃକ୍ତ ଗ୍ରାମବାସୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ସହ ସେତୁ ଓ ରାସ୍ତା କାର୍ଯ୍ୟ ନ ସରିବାର କାରଣ ଦୁର୍ବଳ ନେତୃତ୍ୱ ଓ ଠିକାଦାରୀ ରାଜନୀତିକୁ ଦାୟୀ କରୁଛନ୍ତି। ଏଥିଯୋଗୁ ଚଳିତ ନିର୍ବାଚନରେ ସଂପୃକ୍ତ ପ୍ରାର୍ଥୀମାନେ ପ୍ରଚାର ପାଇଁ ଯାଉଥିବାବେଳେ ସେମାନେ ସମ୍ପୃକ୍ତ ଗ୍ରାମବାସୀଙ୍କ ରୋଷର ଶିକାର ହେଉଛନ୍ତି। ଏହି କ୍ରମରେ ନିର୍ବାଚନରେ ସେମାନେ ଅଡୁଆ ପରିସ୍ଥିତିର ସମ୍ମୁଖୀନ ହେବାର ଆଶଙ୍କା ପ୍ରକାଶ ପାଇଛି।

୨୦୧୭ ପଞ୍ଚାୟତ ନିର୍ବାଚନରେ ଶାସକ ଦଳ ଜିଲାର ବହୁ ସ୍ଥାନରେ ଖୁଣ୍ଟିଥିବା ଦେଖିବାକୁ ମିଳିଥିଲା। ଏଠାରେ ଦଳୀୟ ଚିହ୍ନରେ ନିର୍ବାଚନ ହେଉଥିବା ୩୯ ଜିଲା ପରିଷଦର ଆସନରୁ ଭାଜପା ହାତକୁ ୬ ଯାଇଥିଲା। ଏହାପରେ ପ୍ରଶାସନିକ ସଂସ୍କାର ଦିଗରେ ବିଶେଷ ଗୁରୁତ୍ୱ ଦେଇ ସରକାରୀ କଳର ଦୁର୍ବଳତା ସମ୍ପର୍କରେ ସମୀକ୍ଷା ହୋଇଥିଲା। ସରକାରୀ କଳରେ ଦୁର୍ନୀତି, ଦଳଗତ ବିଫଳତା ଓ ଟେକ୍ନୋଲୋଜିରେ ପଛୁଆ ନୀତି ହିଁ ସରକାରଙ୍କୁ କ୍ରମଶଃ ଅପ୍ରିୟ କରୁଥିବା ଜଣାପଡିଥିଲା। ଏହାପରେ ସରକାର ଅନୁଷ୍ଠିତ ଜିଲାପାଳ ସମ୍ମିଳନୀରେ ୩-ଟି ଅର୍ଥାତ୍ ଟିମ୍ୱାର୍କ, ଟେକ୍ନୋଲୋଜି ଓ ଟ୍ରାନ୍ସପରେନ୍ସି କୌଶଳ ଆପଣାଇବାକୁ ପରାମର୍ଶ ଦେଇଥିଲେ। ପରବର୍ତ୍ତୀ ସମୟରେ ସରକାର ୫-ଟି ନୀତି ଆପଣାଇଥିଲେ। ଫଳରେ ଗତ ସାଧାରଣ ଓ ପଞ୍ଚାୟତ ନିର୍ବାଚନରେ ସରକାରଙ୍କୁ ଜିଲାରେ ବହୁମାତ୍ରାରେ ସଫଳତା ମିଳିଥିଲା। ଦୁର୍ନୀତିକୁ ଦେଖ ଓ ଦୁର୍ନୀତିକୁ ରୋକ ସରକାରଙ୍କ ଆହ୍ୱାନ ରହିଥିଲା। କିନ୍ତୁ ଜାରକା ଗ୍ରାମ୍ୟ ନିର୍ମାଣ ଡିଭିଜନରେ ଏହାର କୌଣସି ପ୍ରଭାବ ପଡି ନ ଥିବା କେତେକ ପ୍ରକଳ୍ପକୁ ଅବଲୋକନ କଲେ ଜଳଜଳ ହୋଇ ଦିଶୁଛି। ୫ ନମ୍ବର ଜାତୀୟ ରାଜପଥଠାରୁ ସପନପୁର ରାସ୍ତାର ସଫେଇ ନାଳା ଉପରେ ଏକ ବିଜୁ ସେତୁ ପ୍ରକଳ୍ପ ନିର୍ମାଣ କରିବାକୁ ଚୁକ୍ତି ହୋଇଛି। ବିଞ୍ଝାରପୁର ଅଞ୍ଚଳର ପ୍ରଥମ ଶ୍ରେଣୀ ଇଞ୍ଜିନିୟର କଣ୍ଟ୍ରାକ୍ଟର ଆଶିଷ କୁମାର ସାମଲଙ୍କୁ ଏହାର ନିର୍ମାଣ ଦାୟିତ୍ୱ ମିଳିଥିବାବେଳେ ୧୫।୧୨।୨୦୨୩ରୁ ଆରମ୍ଭ ହୋଇ ୧୪।୧୨।୨୦୨୪ ସୁଦ୍ଧା ଶେଷ କରିବାକୁ ନିର୍ଦ୍ଦେଶ ରହିଛି। କିନ୍ତୁ ଏହାର ୩ ମାସ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ କାମ ଆରମ୍ଭ ହୋଇନାହିଁ। ଏନେଇ ସଂପୃକ୍ତ ଠିକାଦାରଙ୍କୁ ପୂର୍ବରୁ ବିଭାଗୀୟ ନୋଟିସ ହୋଇଥିଲେ ହେଁ କୌଣସି ଉତ୍ତର ମିଳିନାହିଁ। ତେଣୁ ଗତ ୮।୪।୨୦୨୪ରେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ତୁରନ୍ତ କାର୍ଯ୍ୟ ଆରମ୍ଭ କରିବାକୁ ଠିକାଦାରଙ୍କୁ ପୁଣି ନୋଟିସ ଦେଇଛନ୍ତି। ସେହିପରି ଉଦୟନଗର ଗ୍ରାମ ନିକଟ ସାନଗେଙ୍ଗୁଟି ନଦୀ ଉପରେ ପ୍ରସ୍ତାବିତ ବିଜୁ ସେତୁ କାର୍ଯ୍ୟ ଏଯାଏ ଆରମ୍ଭ ହୋଇନାହିଁ। କଟକ ନୂଆପଡା ଗୋଶାଳା ରୋଡର ଡିପିଏସ୍ କନଷ୍ଟ୍ରକ୍ସନ ପ୍ରାଇଭେଟ ଲିମିଟେଡ ଠିକାସଂସ୍ଥାକୁ ଏହି କାର୍ଯ୍ୟ ୧।୩।୨୦୨୪ରେ ଆରମ୍ଭ ହୋଇ ୩୧।୮।୨୦୨୪ ପର୍ଯ୍ୟନ୍ତ ଶେଷ କରିବାକୁ କାର୍ଯ୍ୟଦେଶ ଦିଆଯାଇଛି। କିନ୍ତୁ ଏହାର ୧ ମାସରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ସୁଦ୍ଧା କାର୍ଯ୍ୟ ଆରମ୍ଭ ହୋଇନାହିଁ। ଧର୍ମଶାଳା ଚହଟା ଗ୍ରାମର ବିଜୟ କୁମାର ନାୟକଙ୍କୁ ମିଳିଥିବା ୨ଟି କାମ ଯଥା ବରକୋଳିପାଟଣା ଠାରୁ ନଠୁଆବର ରାସ୍ତାର ରକ୍ଷଣାବେକ୍ଷଣ କାର୍ଯ୍ୟ ଚୁକ୍ତିର ୨ ମାସ ଓ ବରଜୁପୁର ଠାରୁ ସାନଫୁଲଡି ରାସ୍ତାର ରକ୍ଷଣାବେକ୍ଷଣ କାର୍ଯ୍ୟ ଚୁକ୍ତିକୁ ୧ ମାସ, ଅଟଳପୁର ଗ୍ରାମର ରାମଚନ୍ଦ୍ର ସାହୁଙ୍କୁ ମିଳିଥିବା ୧୬ ନମ୍ବର ଜାତୀୟ ରାଜପଥ ଓରାଳି ଠାରୁ ମୁଗୁପାଳ ହାଇସ୍କୁଲ ଭାୟା ନିରଞ୍ଜନପୁର, ନୂଆ ମିର୍ଜାପୁର ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା କାର୍ଯ୍ୟ ଚୁକ୍ତିକୁ ୨ ମାସ ଅତିକ୍ରାନ୍ତ ହୋଇଥିଲେ ତାହା ଏଯାଏ ଆରମ୍ଭ ହୋଇନାହିଁ। ଏହାସହ କୁମ୍ଭେଇ-ଉପୁଲା-ମୁଲିଝର ରାସ୍ତା ନିର୍ମାଣ ଓ ରକ୍ଷଣାବେକ୍ଷଣ କାର୍ଯ୍ୟ କୁନ୍ଦଳ ଗ୍ରାମର ଦେବବ୍ରତ ସାମଲଙ୍କୁ ମିଳିଥିବାବେଳେ ୧୧।୪।୨୦୨୪ ସୁଦ୍ଧା ଶେଷ କରିବାକୁ ନିର୍ଦ୍ଦେଶ ରହିଥିଲା। ଏହାର ଅବଧି ସମୟ ଶେଷ ହୋଇ ସାରିଥିଲେ ହେଁ ଏଯାଏ କାମ ଆରମ୍ଭ ହୋଇ ପାରିନାହିଁ। ଦିଲିପ କୁମାର ସାମଲଙ୍କୁ ମିଳିଥିବା ଚମ୍ପାପୁର ସ୍କୁଲ ଠାରୁ ଗୋପପୁର ରାସ୍ତାର ନିର୍ମାଣ ଓ ରକ୍ଷଣାବେକ୍ଷଣ କାର୍ଯ୍ୟ ୨୮।୨।୨୦୨୪ ସୁଦ୍ଧା ଶେଷ କରିବାକୁ ନିର୍ଦ୍ଦେଶ ରହିଥିଲା। ହେଲେ ଏଯାଏ ମାତ୍ର ୪୨% କାମ ହୋଇଛି। ଏଭଳି ଭାବେ ଗ୍ରାମାଞ୍ଚଳର ସାମୁହିକ ସ୍ୱାର୍ଥ ପାଇଁ ସେତୁ ଓ ରାସ୍ତା ନିର୍ମାଣ ବାବଦକୁ ବିପୁଳ କୋଟି ଟଙ୍କାର ବ୍ୟୟବରାଦ ହୋଇଥିଲେ ହେଁ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମନମାନି ଯୋଗୁ ଅଞ୍ଚଳବାସୀ ନାହିଁ ନ ଥିବାର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି କ୍ରମରେ ଜାରକା ଗ୍ରାମ୍ୟ ନିର୍ମାଣ ନିର୍ବାହୀ ଯନ୍ତ୍ରୀ ଅବିନାଶ ବାରିକ ସଂପୃକ୍ତ ଠିକାଦାରମାନଙ୍କୁ ଚେତାବନୀ ନୋଟିସ ଦେଇ ନିଜର ଦାୟିତ୍ୱ ସମ୍ପାଦନ କରିଥିବା ଚର୍ଚ୍ଚା ହେଉଛି।

## ୧୮ରେ ଶ୍ରୀରାମ ସଚେତନତା ଶୋଭାଯାତ୍ରା

**ଯାଜପୁର ଟାଉନ,୧୬।୪ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି)**

ଯାଜପୁର ସହରରେ ଆସନ୍ତା ୧୮ତାରିଖ ଗୁରୁବାର ଅପରାହ୍ଣ ୪ଟା ସମୟରେ ଶ୍ରୀରାମ ସେବା ସମିତି, ଯାଜପୁର ଆନୁକୁଲ୍ୟରେ ଶ୍ରୀରାମ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହେବ। ସ୍ଥାନୀୟ ଶାନ୍ତି ମଣ୍ଡପଠାରେ ଶ୍ରୀରାମ ସେବା ସମିତି ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏ ସଂକ୍ରାନ୍ତରେ ସୂଚନା ପ୍ରଦାନ କରାଯାଇଛି। ଏହି ଶୋଭାଯାତ୍ରା ମା'ବିରଜାଙ୍କ ମନ୍ଦିର ନିକଟସ୍ଥ ମଙ୍ଗଳା ମନ୍ଦିର ଦେବୀଦ୍ୱାରଠାରୁ ଆରମ୍ଭ ହୋଇ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ମନ୍ଦିର ସମ୍ମୁଖ ଦେଇ ବ୍ରହ୍ମାକୁଣ୍ଡ, କୁଆଁସରପୁର, ଯୋଡିକୁଆଛକ, ଅମ୍ବିକାଇ, ଶୀତଳେଶ୍ୱର, ଗରିଆପୁର ଦେଇ କବରଖାନା ସମ୍ମୁଖ, ମେଡିକାଲଛକ, ଗାନ୍ଧିଛକ, ହବେଳି ବଜାର, ମାର୍କେଟ ଛକ, ହରପାର୍ବତୀ ଛକ , ବଡ଼ ବଜାର. ସଦାବ୍ରତମଠ ଦେଇ ଦେବୀଗଡ଼ା ଘାଟରେ ସମାପନ କରାଯିବ। ଏହି ଶୋଭାଯାତ୍ରାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ରାମଙ୍କ ଚରିତ୍ରକୁ ନେଇ ୮ରୁ୧୦ ଝାଙ୍କି ସାମିଲ କରାଯିବ। ଖବରଦାତା ସମ୍ମିଳନୀରେ ଶ୍ରୀରାମ ସେବା ସମିତିର ଆବାହକ ମୃତ୍ୟୁଞ୍ଜୟ ପଟ୍ଟନାୟକ, ଶ୍ରୀରାମ ସେବା ସମିତି ଯାଜପୁର ସଭାପତି ରଞ୍ଜନ କୁମାର ମହାନ୍ତି, ଉପସଭାପତି ବିଜୟ କୁମାର ପାଣି, ସମ୍ପାଦକ ସୁଶିଲ କୁମାର ମହାନ୍ତି, ସହ ସମ୍ପାଦକ ଚିନ୍ମୟ ଚିରସୁନ୍ଦର ପରିଡ଼ା, କୋଷାଧ୍ୟକ୍ଷ ଜୟନ୍ତ କୁମାର ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇ ପ୍ରଭୁ ଶ୍ରୀରାମଙ୍କ ଏହି ଶୋଭଯାତ୍ରାରେ ଜନସାଧାରଣ ସାମିଲ ପାଇଁ ଅନୁରୋଧ କରିଛନ୍ତି ।

## ଟାଟା ଷ୍ଟିଲରେ ଜରୁରିକାଳୀନ ପ୍ରଶିକ୍ଷକଙ୍କ ପ୍ରଶିକ୍ଷଣ ଶିବିର



ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା କମ୍ପାନୀର ଅଧିକାରୀ ଓ କର୍ମଚାରୀମାନେ।

**କଳିଙ୍ଗନଗର,୧୬।୪(ଶୁଭାଶିଷ ରାଉତ):** ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟର ଜାତୀୟ ବିପର୍ଯ୍ୟୟ ମୁକାବିଲା ବଳ(ଏନ୍‌ଡିଆର୍‌ଏଫ୍)ସହଯୋଗରେ ଟାଟା ଷ୍ଟିଲ କଳିଙ୍ଗନଗର(ଟିଏସ୍‌କେ)ର ସୁରକ୍ଷା ବିଭାଗ ପକ୍ଷରୁ ମଙ୍ଗଳବାର ପ୍ରଶିକ୍ଷକଙ୍କ ପ୍ରଶିକ୍ଷଣ (ଟିଓଟି) ଶିବିର ଉଦ୍‌ଘାଟିତ ହୋଇଯାଇଛି। ଟିଏସ୍‌କେର ପ୍ଲଟ-୨ସ୍ଥିତ ଅଡିଟୋରିୟମରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଟିଏସ୍‌କେର କର୍ପୋରେଟ୍ ସର୍ଭିସେସ୍ ମୁଖ୍ୟ ଦେବଦୂତ ମହାନ୍ତି, ଟିଏସ୍‌କେର ସୁରକ୍ଷା ମୁଖ୍ୟ ଆର.ଏସ୍.ମିଶ୍ର ଓ ଡେପୁଟି କମାଣ୍ଡାଣ୍ଟ ତୃତୀୟ ବାଟାଲିୟନ ଏନ୍‌ଡିଆର୍‌ଏଫ୍ ଧନଞ୍ଜୟ କୁମାରଙ୍କ ଉପସ୍ଥିତିରେ ଟିଏସ୍‌କେର ଇଲେକ୍ଟ୍ରିକାଲ ରକ୍ଷଣାବେକ୍ଷଣ (ସିଓଇଏମ୍) ମୁଖ୍ୟ ଅଜିତ କର ଉଦଘାଟନ କରିଥିଲେ। ଧନଞ୍ଜୟ କୁମାର ଏନ୍‌ଡିଆର୍‌ଏଫ୍ ପ୍ରଶିକ୍ଷକ ଦଳର ନେତୃତ୍ୱ ନେଇଥିଲେ। ଟିଏସ୍‌କେ ଏବଂ ଟିଏସ୍‌ଏମ୍‌ର ସୁରକ୍ଷା ମୁଖ୍ୟ ପ୍ରକାଶ ସୟ କାର୍ଯ୍ୟକ୍ରମ ସଂଯୋଜକ ଥିବାବେଳେ ଟିଏସ୍‌କେର ସୁରକ୍ଷା ମୁଖ୍ୟ ମୁକୁଲ କୁମାରଙ୍କ ସହ ସୁରକ୍ଷା ବିଭାଗର ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ। ଟିଏସ୍‌କେ, ଏନ୍‌ଡିଆର୍‌ଏଫ୍ ଓ ସିଆଇଏସ୍‌ଏଫ୍ (କଳିଙ୍ଗନଗର)ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଜାମସେଦପୁର, କଳିଙ୍ଗନଗର, ମେରାମଣ୍ଡଳୀ ପ୍ଲାଣ୍ଟ ଓ ଏନ୍‌ଆଇଏନ୍‌ଏଲ୍ ପ୍ଲାଣ୍ଟ ସମେତ ଟାଟା ଷ୍ଟିଲର ବିଭିନ୍ନ କାର୍ଯ୍ୟ କ୍ଷେତ୍ରର ୫ ଜଣ ମହିଳା ଅଧିକାରୀଙ୍କ ସମେତ ୪୪ ଜଣ ଅଧିକାରୀ ଏହି ପ୍ରଶିକ୍ଷଣରେ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ବିପର୍ଯ୍ୟୟ ପରିସ୍ଥିତିରେ ପ୍ରଭାବଶାଳୀ ପରିଚାଳନା ପାଇଁ ମେଡିକାଲ ପ୍ରଥମ ପ୍ରତିକ୍ରିୟା, ଅଗ୍ନି ପରିଚାଳନା ଏବଂ ଜୀବନ ରକ୍ଷାକାରୀ ଏବଂ ସନ୍ଧାନ ଉପକରଣ ଉପରେ ଶିକ୍ଷାଗତ ଦକ୍ଷତା ହାସଲ କରିବା ପାଇଁ ଏନ୍‌ଡିଆରଏଫ୍ ଟିମ୍ ତରଫରୁ ଶ୍ରେଣୀଗୃହ ପ୍ରଶିକ୍ଷଣ, ପ୍ରଦର୍ଶନ ଏବଂ ପ୍ରାକ୍ଟିକାଲ ତାଲିମ ପ୍ରଦାନ କରାଯାଇଥିଲା।

## ମା' ତାରିଣୀ ମନ୍ଦିରର ବାର୍ଷିକ ଉତ୍ସବ

**ଯାଜପୁରରୋଡ୍,୧୬।୪ (ପବିତ୍ର ରଞ୍ଜନ ମହାନ୍ତି):** ବ୍ୟାସନଗର ସହରର ଚୋରଦା ବାଇପାସସ୍ଥିତ ମା' ତାରିଣୀ ମନ୍ଦିରର ଦ୍ୱିତୀୟ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଶନିବାର ଅଧିବାସ କରାଯାଇ କଳସ ସ୍ଥାପନ କରାଯାଇଥିଲା। ରବିବାର ପ୍ରାତଃରୁ ମା'ଙ୍କ ମହାସ୍ନାନ କରାଯାଇ ନୂତନ ବସ୍ତ୍ର, ଅଳଙ୍କାର ଓ ପୁଷ୍ପରେ ସଜ୍ଜିତ କରାଯାଇଥିଲା। ପରେ ସୂର୍ଯ୍ୟପୂଜା, ଗୋ ପୂଜା, ଚଣ୍ଡୀ ପାଠ ଓ ଯଜ୍ଞ ହୋମ କରାଯାଇ ସାନ୍ଧ୍ୟାରେ ପୂର୍ଣ୍ଣାହୁତି ହୋଇଥିଲା। ଚୋରଦା ଗ୍ରାମର ଗୌର ଭକ୍ତଙ୍କ ଦ୍ୱାରା ସାନ୍ଧ୍ୟାରେ ହରିନାମ ସଂକୀର୍ତ୍ତନ ଓ ଭଜନ ପରିବେଷଣ କରାଯାଇଥିଲା। ଅଞ୍ଚଳର ବହୁ ଶ୍ରଦ୍ଧାଳୁ, ବୁଦ୍ଧିଜୀବୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ମା'ଙ୍କ କୃପା ଲାଭ କରିଥିଲେ। ମୁଖ୍ୟ ପୁରୋଧା ଲକ୍ଷ୍ମୀଧର ପାଢ଼ୀ, ଆଚାର୍ଯ୍ୟ ପ୍ରତାପ ଦାଶ ଓ ମନ୍ଦିର ପୂଜକ ରାମଚନ୍ଦ୍ର ପାଢ଼ୀ ପୂଜାକାର୍ଯ୍ୟ ତୁଲାଇଥିଲେ। ମୁଖ୍ୟକର୍ତ୍ତାଭାବେ କମିଟି ସଭାପତି ବିଜୟ ପରିଡ଼ା ଓ ତାଙ୍କ ସ୍ତ୍ରୀ ରାଜଶ୍ରୀ ପରିଡ଼ା କାର୍ଯ୍ୟ ତୁଲାଇଥିଲେ। ସମ୍ପାଦକ ପବିତ୍ର ମହାନ୍ତି, କୋଷାଧ୍ୟକ୍ଷ ଦୀପକ ମଲ୍ଲିକ ଓ ସୁନୀଲ ଗୁପ୍ତା ପ୍ରମୁଖ ସହଯୋଗ କରିଥିଲେ।

## ବିଜେଡି ଟିକେଟ ଆଶାୟୀଙ୍କ ଜନସମ୍ପର୍କ ଯାତ୍ରା

**ରସୁଲପୁର,୧୬।୪(ରଞ୍ଜିତ ରାଉତ)** କୋରେଇ ନିର୍ବାଚନମଣ୍ଡଳୀ ପାଇଁ ବିଜେଡି ଟିକେଟ୍ ଆଶାୟୀ ଯୋଗଗୁରୁ ବନମାଳୀ ରଥ ଜନସମ୍ପର୍କ ଯାତ୍ରା ଆରମ୍ଭ କରିଛନ୍ତି। କୋରେଇ ବିଧାୟକ ଅଶୋକ ବଳଙ୍କ ପଞ୍ଚାୟତ ଗନ୍ଧଣରୁ ସେ ଏହି ଅଭିଯାନ ଆରମ୍ଭ କରିଛନ୍ତି। ଚଳିତ ସାଧାରଣ ନିର୍ବାଚନରେ ସେ ପ୍ରାର୍ଥୀ ହେବେ ବୋଲି ଘର ଘର ଅବଗତ କରାଉଛନ୍ତି। ଲୋକଙ୍କୁ ଭେଟିବା ସମୟରେ ସେମାନଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝୁଛନ୍ତି। ତାଙ୍କୁ ଦଳ ଟିକେଟ୍ ମିଳିବ ବୋଲି ସେ ଆଶାବାଦୀ ଅଛନ୍ତି। ସେ ଶିକ୍ଷକତା ଚାକିରିରୁ ଅବସର ନେବା ପରଠାରୁ ଦଳରେ ରହି କାର୍ଯ୍ୟ କରୁଛନ୍ତି। ଲୋକଙ୍କୁ ସୁସ୍ଥ ଓ ନିରୋଗ ଜୀବନ ବଞ୍ଚିବାର ଉପାୟ ବତାଉଛନ୍ତି। ଏଥିପାଇଁ ଗାଁରୁ ଗାଁକୁ ବୁଲି ଯୋଗ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି। ଏବେ ରାଜନୀତିରେ ସାମିଲ ହୋଇ ଲୋକଙ୍କ ସେବା କରିବା ସହ ନିଃଶୁଳ୍କ ଯୋଗ ପ୍ରଶିକ୍ଷଣ ଦେବେ ବୋଲି କହୁଛନ୍ତି।

## ମଙ୍ଗଳା ମହୋତ୍ସବ ଉଦ୍‌ଯାପିତ



**ଝୁମ୍ପୁରୀ,୧୬।୪(ସରୋଜ ନାୟକ)** ଦଶରଥପୁର ବ୍ଲକ୍ କୁଆଁସ ମା' ମଙ୍ଗଳାଙ୍କ ପୀଠରେ ଚାଲିଥିବା ମଙ୍ଗଳା ମହୋତ୍ସବର ରବିବାର ଉଦ୍‌ଯାପିତ ହୋଇଛି। ମହୋତ୍ସବ କମିଟି ସମ୍ପାଦକ ଅଜୟ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ସାମାଜିକ କର୍ମୀ କର୍ଣ୍ଣାଟ କେଶରୀ ଦାସ ଯୋଗଦେଇ ମଙ୍ଗଳା ମହୋତ୍ସବ ସମଗ୍ର ଯାଜପୁର ଜିଲାର ଏକ ଲୋକପ୍ରିୟ ମହୋତ୍ସବ । ଏହା ସ୍ଥାନୀୟ ଅଞ୍ଚଳରେ ଖୁବ୍ ଲୋକାଦୃତ ହୋଇପାରିଛି ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ଓଡ଼ିଶା ସାହିତ୍ୟ ଏକାଡ଼େମୀର ସଭ୍ୟ ଡ. ନୃସିଂହ ପ୍ରସାଦ ଷଡ଼ଙ୍ଗୀ, ସମ୍ମାନୀତ ଅତିଥିଭାବେ ଜିଲା ପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ବରାଳ, ସାମାଜିକ କର୍ମୀ ହରେରାମ ପଣ୍ଡା, ସରପଞ୍ଚ ପଦ୍ମାବତୀ ବିଶ୍ୱାଳ, ସମିତି ସଭ୍ୟା ସସ୍ମିତା ଜେନା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅଞ୍ଚଳର ବିଭିନ୍ନ ପ୍ରତିଭାବାନ ବ୍ୟକ୍ତିଙ୍କୁ ମହୋତ୍ସବ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅଷ୍ଟ୍ରେଲିଆରେ ଲିଡ୍ ପ୍ରୋଜେକ୍ଟ ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିବା ଡାହାଣହତା ଅଞ୍ଚଳର ବିଜେନ୍ଦ୍ର କୁମାର ନାୟକଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିସହ ଅନ୍ୟାନ୍ୟ ସମ୍ବର୍ଦ୍ଧିତ ପ୍ରତିଭାମାନଙ୍କୁ ମୁଖ୍ୟଅତିଥି ଦାସ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ବିଜେନ୍ଦ୍ରଙ୍କ ଅନୁପସ୍ଥିତିରେ ତାଙ୍କ ବାପା ଲୋକନାଥ ନାୟକଙ୍କୁ ମାନପତ୍ର ମୁଖ୍ୟଅତିଥି ପ୍ରଦାନ କରିଥିଲେ । ଶେଷରେ କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ଫେରାର କଏଦୀଙ୍କ ସନ୍ଦେହଜନକ ମୃତ୍ୟୁ

**ହତ୍ୟା ସନ୍ଦେହ ଅଭିଯୋଗ**

**କାଳିଆପାଣି,୧୬।୪(ଅସିତ ମହାନ୍ତ):** ଯାଜପୁର ଜିଲା କାଳିଆପାଣି ଥାନା ଅନ୍ତର୍ଗତ କାଙ୍କଡ଼ପାଳ ପଞ୍ଚାୟତ ପାନାସିଆ ଗାଁର ଫେରାର କଏଦୀ ସୁକୁରା ମୁଣ୍ଡା(୩୩)ଙ୍କ ସନ୍ଦେହଜନକଭାବେ ମୃତ୍ୟୁ ହୋଇଛି। ଅନ୍ୟପକ୍ଷରେ ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରି ତାଙ୍କ ପରିବାର ଥାନାରେ ଅଭିଯୋଗ କରିଛନ୍ତି। ଥାନା ଅଧିକାରୀ ରଞ୍ଜନ କୁମାର ମଲ୍ଲିକ ପୋଲିସ ଟିମ୍ ସହ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ପରେ କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସିଲଭାରିୟସ ଟପ୍ପୋ ଓ ସୁକିନ୍ଦା ତାହସିଲଦାର ପହଞ୍ଚି ଘଟଣାର ଯାଞ୍ଚ କରିଛନ୍ତି।

ଅଭିଯୋଗ ମୁତାବକ, ସୁକୁରାଙ୍କ ୫ ବର୍ଷତଳେ ତାଙ୍କ ପଡ଼ୋଶୀ ଜଗତ ମୁଣ୍ଡାଙ୍କ ସହ କୌଣସି କାରଣରୁ ପାରିବାରିକ ଝଗଡ଼ା ହୋଇଥିଲା। ଏଥିରେ ରାଗିଯାଇ ସୁକୁରା ଏକ ଖଣ୍ଡାରେ ହାଣି ଜଗତଙ୍କୁ ହତ୍ୟା କରିଥିଲେ। ହତ୍ୟା ମାମଲାରେ ସେ ୫ ବର୍ଷ ହେବ ଯାଜପୁର ଜେଲରେ ବିଚାରାଧୀନ କଏଦୀ ଭାବେ ଥିଲେ। ୩ ମାସ ତଳେ ଅଚାନକ ଦେହ ଅସୁସ୍ଥ ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଗତ ସୋମବାର ଚିକିତ୍ସାଧୀନ ଅବସ୍ଥାରେ ସେ ଡାକ୍ତରଖାନାରୁ ଫେରାର ହୋଇଯାଇଥିଲେ। ମଙ୍ଗଳବାର ସକାଳୁ ନିଜ ଗାଁ ମୁଣ୍ଡ ଏକ ଗଛରେ ତାଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ମିଳିଥିଲା। ପୂର୍ବ ଶତ୍ରୁତାରୁ ପ୍ରତିଶୋଧ ପରାୟଣ ହୋଇ ଜଗତଙ୍କ ପରିବାର ଲୋକେ ହତ୍ୟା କରିଥିବା ସୁକୁରାଙ୍କ ମା' ସନ୍ଦେହ କରୁଥିବା ଅଭିଯୋଗରେ ଦର୍ଶାଇଛନ୍ତି। ପ୍ରାଥମିକ ତଦନ୍ତରୁ ଏକ ହତ୍ୟାକାଣ୍ଡ ବୋଲି ଜଣାପଡ଼ିଛି। ଏନେଇ ଥାନାରେ ଏକ ହତ୍ୟା ମାମଲା ନଂ.୬୨।୨୪ ରୁଜୁ ହୋଇଥିବା ଥାନା ଅଧିକାରୀ ପ୍ରକାଶ କରିଛନ୍ତି। ଘଟଣାରେ ଅଦ୍ୟାବଧି କାହାରିକୁ ଗିରଫ କରାଯାଇନାହିଁ।

## ମହାବିନାୟକ ଲଘୁ ଖଣିଜ ପରିବହନ ମାଲିକ ସଂଘର ଜଳଛତ୍ର

**ବଡ଼ଚଣା,୧୬।୪(ଦିଲୀପ କୁମାର ମହାନ୍ତି):** ମହାବିଷୁବ ପଣା ସଂକ୍ରାନ୍ତି ଓ ଓଡ଼ିଆ ନବ ବର୍ଷ ଅବସରରେ ଚଣ୍ଡିଖୋଲ ମହାବିନାୟକ ଲଘୁ ଖଣିଜ ପରିବହନ ମାଲିକ ସଂଘ ତରଫରୁ ଚଣ୍ଡିଖୋଲଠାରେ ଜଳଛତ୍ର ଉଦ୍‌ଘାଟିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ସଂଘ ସଭାପତି ଅଜାମ୍ବର ସାହୁ ସଭାପତିତ୍ୱ କରିଥିଲେ। ଉଦ୍‌ଘାଟକଭାବେ ଚଣ୍ଡିଖୋଲ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ସଭାପତି ଶେଷଦେବ ନାୟକ, ସମ୍ପାଦକ ଅମିତ ସାହୁ ଓ ସମ୍ମାନିତ ଅତିଥି ଭାବେ ସଂଘ ମୁଖ୍ୟ ଉପଦେଷ୍ଟା ଚନ୍ଦନ କୁମାର ନାୟକ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଜନୀକାନ୍ତ କର, ପ୍ରଭାତ ରାଉତ, ପ୍ରମୋଦ ନାୟକ, ଅଜୟ କୁମାର ସାହୁ, କେଶବ ରାଉତ, ମୁଜିବର ରେହେମାନ ଖାଁ, ଶିବପ୍ରସାଦ ସାହୁ ଓ ରମାକାନ୍ତ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସଂଘ ପକ୍ଷରୁ ବାଲିଚନ୍ଦ୍ରପୁର ଓ ଚଢ଼େଇଧରା ଆଦି ସ୍ଥାନରେ ଜଳଛତ୍ର ଖୋଲାଯାଇଛି। ଏହି କାର୍ଯ୍ୟକ୍ରମ ୨ ମାସ ଧରି ଚାଲିବ ବୋଲି ସଭାପତି ସାହୁ ସୂଚନା ଦେଇଛନ୍ତି।



ଅତିଥି ଜଳଛତ୍ର ଉଦ୍‌ଘାଟନ କରୁଛନ୍ତି।

## ରାଁସୋଲ ପ୍ରାଥମିକ ବିଦ୍ୟାଳୟରେ ଅବ୍ୟବସ୍ଥା

- ଶ୍ରେଣୀଗୃହରେ ରଖାଯାଉଛି ସିମେଣ୍ଟ
- ପିଲାଙ୍କ ପାଠପଢ଼ାରେ ଅସୁବିଧା

**କାଳିଆପାଣି,୧୬।୪(ଅସିତ ମହାନ୍ତ):** ଯାଜପୁର ଜିଲା ସୁକିନ୍ଦା ବ୍ଲକ ଅଧୀନ ରାଁସୋଲ ପଞ୍ଚାୟତର ରାଁସୋଲ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀଛାତ୍ର ଅବ୍ୟବସ୍ଥା ଭିତରେ ପାଠ ପଢୁଛନ୍ତି। ଏହି ବିଦ୍ୟାଳୟରେ ୧ମରୁ୫ମ ଶ୍ରେଣୀ ପର୍ଯ୍ୟନ୍ତ ପିଲା ପାଠ ପଢୁଛନ୍ତି। ହେଲେ ସେମାନଙ୍କ ପାଇଁ ୨ ଶ୍ରେଣୀଗୃହ ରହିଛି। ଗୋଟିଏ ଶ୍ରେଣୀ ଗୃହରେ ୧ମ ରୁ ୩ୟ ଶ୍ରେଣୀ ପିଲା ତଳେ ପାଲ ପକାଇ ବସି ପଢୁଛନ୍ତି। ଅନ୍ୟ ଶ୍ରେଣୀ ଗୃହରେ ୪ର୍ଥ ଓ ୫ମ ଶ୍ରେଣୀ ପିଲା ବେଞ୍ଚଡେସ୍କରେ ବସି ପଢୁଛନ୍ତି। ଏବେ ବିଦ୍ୟାଳୟରେ ଏକ ନୂତନ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଏଥିନିମନ୍ତେ ବ୍ୟବହୃତ ରଡ୍, ସିମେଣ୍ଟକୁ ୪ର୍ଥ ଓ ୫ମ ଶ୍ରେଣୀ ପିଲାଙ୍କ ଶ୍ରେଣୀ ଗୃହ ଭିତରେ ରଖାଯାଇଛି। ଫଳରେ ସେହି ଶ୍ରେଣୀ ଗୃହରେ ପିଲାମାନେ ବାସି ପାଠ ପଢ଼ିବାରେ ଅସୁବିଧା ହେଉଛି। ଏପରି କି ଶ୍ରେଣୀଗୃହରେ ପଡ଼ିଥିବା ସିମେଣ୍ଟ ଗୁଣ୍ଡ ପବନରେ ଉଡିବା ଦ୍ୱାରା ପିଲାମାନଙ୍କୁ କାଶଛିଙ୍କ ହେଉଛି। କେତେଜଣ ପିଲାଙ୍କ ଆଲର୍ଜି ହେବା ଦ୍ୱାରା ଜ୍ୱର ହୋଇ ଛାଡ଼ୁ ନ ଥିବା ଅଭିଭାବକ ଅଭିଯୋଗ କରିଛନ୍ତି। ପିଲାମାନେ ଶ୍ରେଣୀଗୃହରେ ୬ରୁ୭ ଘଣ୍ଟା ବସି ପାଠ ପଢ଼ିବା ଦ୍ୱାରା କେତେଜଣଙ୍କ କାଛୁକୁଣ୍ଡିଆ ରୋଗ ହୋଇଥିବା ଜଣାପଡ଼ିଛି। ଏନେଇ ଅଭିଭାବକଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ପ୍ରଭାତୀ ଦେହୁରିଙ୍କୁ ପଚାରିବାରୁ ସେ କହିଛନ୍ତି, ଆମେ କ'ଣ କରିବୁ। ଠିକାଦାର ଏସବୁ ସାମଗ୍ରୀ ରଖିଛନ୍ତି। ଏବିଇଓ ଗୋବର୍ଦ୍ଧନ ପ୍ରଧାନଙ୍କୁ ପଚାରିବାରୁ ସେ କହିଛନ୍ତି, ତାଙ୍କ ପାଖରେ କିଛି ଖବରନାହିଁ। ତୁରନ୍ତ ଏହାର ସମାଧାନ କରିବାକୁ ଅଭିଭାବକ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି।



ସିମେଣ୍ଟ ରଖାଯାଇଥିବା ଶ୍ରେଣୀଗୃହରେ ପିଲା ପାଠ ପଢୁଛନ୍ତି।

**ବଜ୍ରପାତରେ ୩ ବଖରା ଜଳିଗଲା**

ରାଜନଗର, (ଭାସ୍କର ରାଉତରାୟ): ରାଜନଗର ଅଞ୍ଚଳରେ କାଳବୈଶାଖୀ ସାଙ୍ଗକୁ ବଜ୍ରପାତ ହୋଇଥିଲା। ଏଥିରେ ୩ ବଖରା ପୋଡି ପାଉଁଶ ହୋଇଯାଇଛି। ବ୍ଲକ ବାଲିସାହିପାଟଣା ଗାଁର ଗିରିଧାରୀ ଦାସ ଘରେ ନ ଥିବା ବେଳେ ପରିବାର ଲୋକେ ଘରେ ଥିଲେ। ହଠାତ ବଜ୍ରପାତ ଘର ଉପରେ ପଡିବାରୁ ପରିବାର ଲୋକେ ଜୀବନ ବିକଳରେ ଦୌଡି ବାହାରକୁ ପଳାଇ ଯାଇଥିଲେ। ବଜ୍ରପାତରେ ଘର ଜଳିବା ବେଳେ ଘରେ ଥିବା ଗ୍ୟାସ ସିଲିଣ୍ଡରରେ ଅଗ୍ନି ସଂଯୋଗ ହେବାରୁ ଏହା ଫାଟି ଯାଇଥିଲା। ଅଗ୍ନିକାଣ୍ଡରେ ୩ ବଖରା ସହ ଘରର ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି। ବିପନ୍ନ ପରିବାର ପଡୋଶୀଙ୍କ ଘରେ ଆଶ୍ରୟ ନେଇଛନ୍ତି।

# ଟିକେଟ ମିଳିଲାନି, ହାତ ଧରିପାରନ୍ତି ଅଲେଖ

ପଟ୍ଟାମୁଣ୍ଡାଇ, ୧୬।୪ (କଳ୍ପତରୁ ନାୟକ)


ଅଲେଖ ଜେନା


ଧ୍ରୁବ ସାହୁ


ଲଳିତ ବେହେରା

କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ନିର୍ବାଚନମଣ୍ଡଳୀରେ ଚଳିତ ନିର୍ବାଚନକୁ ନେଇ ରାଜନୈତିକ ପାଣିପାଗ ସରଗରମ ରହିଛି। ବିଜେଡି ବର୍ତ୍ତମାନ ବିଧାୟକ ଧ୍ରୁବ ସାହୁଙ୍କୁ ପୁଣି ଥରେ ଭରସା କରି ଟିକେଟ ଦେଇଛି। ସେପଟେ ଧ୍ରୁବଙ୍କୁ ଟକ୍କର ଦେବା ପାଇଁ ଭାଜପା ମଙ୍ଗଳବାର ଲଳିତ ବେହେରାଙ୍କୁ ପ୍ରାର୍ଥୀ ଭାବେ ଘୋଷଣା କରିଛି। ହେଲେ କଂଗ୍ରେସ ଏ ପର୍ଯ୍ୟନ୍ତ ବିଧାୟକ ପ୍ରାର୍ଥୀ ଘୋଷଣା କରିନାହିଁ। ତେବେ ପୂର୍ବତନ ବିଧାୟକ ଡ. ଅଲେଖ ଜେନା ଭାଜପା ଟିକେଟରୁ ବଞ୍ଚିତ ହୋଇଥିବାରୁ ସେ ହାତ ଧରିପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଯଦି ଅଲେଖ ତାଙ୍କ ସମର୍ଥକଙ୍କ ସହିତ କଂଗ୍ରେସରେ ଯୋଗ ଦିଅନ୍ତି ତେବେ ରାଜନଗରରେ ଚଳିତ ନିର୍ବାଚନରେ ତ୍ରିମୁଖୀ ଲଢ଼େଇ ହେବ ବୋଲି ରାଜନୈତିକ ସମୀକ୍ଷକ ମତପ୍ରକାଶ କରିଛନ୍ତି।

ରାଜନଗରରୁ ୨୦୦୯-୨୦୧୪ ପର୍ଯ୍ୟନ୍ତ ବିଧାୟକ ଭାବେ ଅଲେଖ ଜେନା ରହି ଜନସାଧାରଣଙ୍କ ପ୍ରିୟପାତ୍ର ହୋଇପାରିଥିଲେ। ସେ ୨୦୧୯ ନିର୍ବାଚନରେ ଭାଜପାରୁ ପ୍ରାର୍ଥୀ ହୋଇ ତୃତୀୟ ସ୍ଥାନରେ ଥିଲେ। ମାତ୍ର ୨୦୧୯ ନିର୍ବାଚନରେ ମୁଖ୍ୟ ବିରୋଧୀ ଦଳ କଂଗ୍ରେସରୁ ଲଢ଼ି ପରାଜିତ ହୋଇଥିବା ଅଂଶୁମାନ ମହାନ୍ତି ଚଳିତ ନିର୍ବାଚନରେ ଦଳ ଛାଡି ବିଜେଡିରୁ ସାଂସଦ ପ୍ରାର୍ଥୀ ଭାବେ ରଣାଙ୍ଗନକୁ ଓହ୍ଲାଇଛନ୍ତି। ଅନ୍ୟପକ୍ଷରେ ପୂର୍ବତନ ବିଧାୟକ ଅଲେଖଙ୍କୁ ଭାଜପା ଅଣଦେଖା କରିଥିବାରୁ ସେ ଭାଜପା ଛାଡି କଂଗ୍ରେସରୁ ପ୍ରାର୍ଥୀ ହୋଇପାରନ୍ତି ବୋଲି

**ରାଜନଗର ନିର୍ବାଚନମଣ୍ଡଳୀ**

■କିଏ ହେବ ଜନତାଙ୍କ ପ୍ରିୟଭାଜନ

ଚର୍ଚ୍ଚା ଜୋର ଧରିଛି। ଚଳିତ ନିର୍ବାଚନରେ ପୂର୍ବତନ କଂଗ୍ରେସ ବିଧାୟକ ଅଂଶୁମାନ ବିଜେଡିରେ ଯୋଗଦେବାରୁ ରାଜନଗର ବିରୋଧୀ ଶୂନ୍ୟ ହୋଇଯାଇଛି ବୋଲି ବିଜେଡି ବିଶ୍ୱାସ କରି ୫୦ ହଜାରରୁ ଉର୍ଦ୍ଧ୍ୱ ଭୋଟ ବ୍ୟବଧାନରେ ଜିତିବା ଆଶା ରଖି ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରୁଛି। ତେବେ କଂଗ୍ରେସ ପୂର୍ବରୁ ଏହି ନିର୍ବାଚନମଣ୍ଡଳୀରେ ବିଧାନସଭା ହାତେଇଥିବା ବେଳେ ବର୍ତ୍ତମାନ ଦଳର ନେତୃତ୍ୱ ସ୍ଥିତି ଏଠାରେ ସୁଦୃଢ଼ ନାହିଁ। ଯଦି ଅଲେଖ ନିଜ ସମର୍ଥକଙ୍କ ସହ କଂଗ୍ରେସରେ ଯୋଗଦେବେ ତେବେ ନିର୍ବାଚନମଣ୍ଡଳୀରେ ତ୍ରିମୁଖୀ ଲଢ଼େଇ ହେବ। କଂଗ୍ରେସ ସପକ୍ଷରେ ଭୋଟ ଯିବ ବୋଲି ରାଜନୈତିକ ସମୀକ୍ଷକ ମତ ପ୍ରକାଶ କରୁଛନ୍ତି। ଅନ୍ୟପକ୍ଷରେ ଅଂଶୁମାନ କଂଗ୍ରେସ ଦଳ ଛାଡ଼ି ବିଜେଡିରେ ଯୋଗଦେବା କଂଗ୍ରେସ ଭୋଟରଙ୍କୁ କୌଣସି ପ୍ରଭାବ ପଡ଼ିବନାହିଁ ବୋଲି ସେମାନେ କହିଛନ୍ତି। ତେବେ ଜିଲାର ଉପକୂଳ ଓଡ଼ିଶାର ଏକ ଗୁରୁତ୍ୱପୂର୍ଣ୍ଣ ନିର୍ବାଚନମଣ୍ଡଳୀ ହେଉଛି ରାଜନଗର। ଏହି ନିର୍ବାଚନମଣ୍ଡଳୀରୁ ପ୍ରତିନିଧିତ୍ୱ କରି ବିଗତ ଦିନରେ ନେତା ଜାତୀୟ ଓ ରାଜ୍ୟସ୍ତରରେ ଚର୍ଚ୍ଚାରେ ରହିଆସିଛନ୍ତି। ରାଜନଗର ନିର୍ବାଚନମଣ୍ଡଳୀ ପଟ୍ଟାମୁଣ୍ଡାଇ ବ୍ଲକର ୧୯ଟି ପଞ୍ଚାୟତ, ପୌରାଞ୍ଚଳର ୨୦ଟି ୱାର୍ଡ ଏବଂ ରାଜନଗର ବ୍ଲକର ୨୯ଟି ପଞ୍ଚାୟତକୁ ମିଶାଇ ଗଠିତ ହୋଇଛି। ଏହି ନିର୍ବାଚନମଣ୍ଡଳୀରେ ପ୍ରାୟ ୨ଲକ୍ଷ ୬୨ ହଜାର ୫୭୭ ଭୋଟର ରହିଛନ୍ତି।

## ବରୁଣାଡ଼ିହାରେ ମେଗା ରକ୍ତଦାନ ଶିବିର

ରାଜକନିକା, ୧୬।୪(ରବୀନ୍ଦ୍ର କୁମାର ଦାସ)

ରାଜକନିକା ବରୁଣାଡିହା ହାଇସ୍କୁଲରେ ମଙ୍ଗଳବାର ହନୁମାନ ପୂଜା କମିଟି ପକ୍ଷରୁ ଏକା ମେଗା ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଏହାକୁ ମୁଖ୍ୟଅତିଥି ଭାବେ ଶକ୍ତିମନ୍ତ୍ରୀ ପ୍ରତାପ ଦେବ ଯୋଗଦେଇ ଉଦ୍‌ଘାଟନ କରି ସ୍ୱେଚ୍ଛାକୃତ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡିର ଯୁବ ସଙ୍ଗଠକ ପବିତ୍ର ରାଉତ, ଜିଲା ପରିଷଦ ସଭ୍ୟ ପ୍ରତାପ ବେହେରା, ପ୍ରଫୁଲ୍ଲ ରାଉତ, ପ୍ରଦୀପ୍ତ ରାଉତ, ଉତ୍ତମ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ରକ୍ତଦାନ ଶିବିରରେ ମୋଟ ୫୦ୟୁନିଟ ରକ୍ତ ସଂଗ୍ରହ କରାଯାଇ କଟକ ରକ୍ତ ଭଣ୍ଡାରକୁ ପଠାଯାଇଥିବା କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଶିବିରକୁ ହନୁମାନ ପୂଜା କମିଟିର ଧୀରେନ୍ଦ୍ର ବେହେରା, ମନୋରଞ୍ଜନ ନାୟକ, ବିପିନ ବେହେରା, ପ୍ରଭାତ ବେହେରା, ମାନସ ବେହେରା, ରଜନୀକାନ୍ତ ମହାନ୍ତି, ଅଜିତ ମହାନ୍ତି, ମାନସ ରଞ୍ଜନ ବିଶ୍ୱାଳ, ଅମିତ ମଲ୍ଲିକ, ବିନୋଦ ନାୟକ, ମୁକେଶ ଶତପଥୀ ସହଯୋଗ କରିଥିବା ଦେଖିବାକୁ ମିଳିଥିଲା।

## ବଳାତ୍କାର ମାମଲାରେ ଗୁଣନିଧିଙ୍କୁ ୧୦ ବର୍ଷ ଜେଲ

କେନ୍ଦ୍ରାପଡ଼ା, ୧୬।୪ (ଜଗନ୍ନାଥ ଧଳ)



କେନ୍ଦ୍ରାପଡ଼ା ସଦର ଥାନା ଅଞ୍ଚଳର ୨୦୧୯ରେ ହୋଇଥିବା ଏକ ବଳାତ୍କାର ମାମଲାର ରାୟ ମଙ୍ଗଳବାର ପ୍ରକାଶ ପାଇଛି। ଫାଷ୍ଟ ଟ୍ରାକ୍ ଆଡହକ କୋର୍ଟର ଅତିରିକ୍ତ ଜିଲା ଜଜ୍ ତ୍ରିବିକ୍ରମ କେଶରୀ ଚିନରା ଚକଡା ଗ୍ରାମର ଗୁଣନିଧି ମଲ୍ଲିକଙ୍କୁ ଏହି ମାମଲାରେ ଦୋଷୀ ଭାବେ ୧୦ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏଥିସହିତ ଜରିମାନା ବାବଦ ୩୧ ହଜାର ଟଙ୍କା କରିଛନ୍ତି । ଟଙ୍କା ଅନାଦାୟେ ୧ ବର୍ଷ ଅଧିକ ଜେଲରେ ରହିବେ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ଏ ସମ୍ପର୍କରେ ସରକାରୀ ଓକିଲ ସଞ୍ଜୟ କୁମାର ଜେନା ସୂଚନା ଦେଇଛନ୍ତି ଯେ, ଗତ ୨୦୧୯ ଜୁନ ୧୬ ରାତିରେ ସଦର ଥାନା ଅଞ୍ଚଳର ଜଣେ ମହିଳା ଘରେ ଏକାକୀ ଥିଲେ। ଏହାକୁ ଏକ ସୁଯୋଗ ଭାବି ଗୁଣନିଧି ଉକ୍ତ ମହିଳାଙ୍କୁ ବଳାତ୍କାର କରିଥିଲେ। ଏଥିସହ ଘଟଣା ସମ୍ପର୍କରେ କାହାକୁ ଜଣାଇଲେ ଜୀବନରୁ ମାରି ଦେବେ ବୋଲି ଧମକ ଦେଇଥିଲେ। ଏହି ଘଟଣା ସମ୍ପର୍କରେ ମହିଳାଙ୍କ ସ୍ୱାମୀ ଥାନାରେ ଏକ ଅଭିଯୋଗପତ୍ର ଦେଇଥିଲେ। ଅଭିଯୋଗକୁ ଭିତ୍ତିକରି ଥାନାରେ ନଂ. ୧୦୫/୧୯ରେ ମାମଲା ରୁଜୁ ହୋଇଥିଲା ବୋଲି ସରକାରୀ ଓକିଲ ଜେନା ସୂଚନା ଦେଇଛନ୍ତି।

## କବି ପ୍ରମୋଦ ମଲ୍ଲିକଙ୍କୁ ମହକ ସମ୍ମାନ

ରାଜକନିକା, ୧୬।୪(ସଞ୍ଜୟ କୁମାର ଦାଶ/ ରବୀନ୍ଦ୍ର କୁମାର ଦାସ)



ଓଡ଼ିଆ ନୂଆବର୍ଷ ଅବସରରେ ରାଜକନିକା ବ୍ଲକ କାଟଣା-ବଣିଆଁ ପଞ୍ଚାୟତର ଉପାନ୍ତ ଗ୍ରାମ ଖାଡ଼ମାଳର ମହାବୀର କ୍ଲବ ପକ୍ଷରୁ କଳା, ସାହିତ୍ୟ ଓ ପରମ୍ପରାର ୧୬ତମ ଲୋକ ଉତ୍ସବ ମହକ-୨୦୨୪ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ କବି ପ୍ରମୋଦ ମଲ୍ଲିକଙ୍କୁ ମହକ ସମ୍ମାନରେ ସମ୍ମାନିତ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି। ସାମାଜିକ କର୍ମୀ ଦିଗମ୍ବର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପାରମ୍ପରିକ ଲୋକ ମହୋତ୍ସବରେ ମୁଖ୍ୟଅତିଥି ଭାବେ କବି ଅୟସକାନ୍ତ ମହାପାତ୍ର, ମୁଖ୍ୟବକ୍ତା ଖବରଦାତା ସୁକାନ୍ତ କୁମାର ଦାଶ ଓ ସମ୍ମାନିତ ଅତିଥି ଭାବେ ପ୍ରସନ୍ନ ପତି, ମୁରଲୀଧର ଦାସ, ନାରାୟଣ ବେହେରା, ଡକ୍ଟର ରବିନାରାୟଣ ଦାସ ପ୍ରମୁଖ ଯୋଗଦେଇ କବି ମଲ୍ଲିକଙ୍କ ସମେତ ସାହିତ୍ୟିକ ହରେକୃଷ୍ଣ ବାରିକ, ଖବରଦାତା ବନମାଳୀ ସାହୁ ଓ ପରିବେଶବିତ୍ ବିନୋଦ ବେହେରା ପ୍ରମୁଖଙ୍କୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅନୁଷ୍ଠାନର ସମ୍ପାଦକ ସୁବ୍ରତ କୁମାର ନାୟକ ଉତ୍ସବ ସଂଯୋଜନା କରିବା ସହ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ।

## ଜୟ ଜଗନ୍ନାଥ ସାଂସ୍କୃତିକ ପରିଷଦ ବାର୍ଷିକ ଉତ୍ସବ

ପଟ୍ଟାମୁଣ୍ଡାଇ, ୧୬।୪ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ କୁଦୁପୁର ଜୟ ଜଗନ୍ନାଥ ସାଂସ୍କୃତିକ ପରିଷଦର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ହରିବଂଶ ପାରାୟଣ, ଚତୁର୍ଥ ପ୍ରହର ନାମସଂକୀର୍ତ୍ତନ, ହରିହାଟ ଆଦି କାର୍ଯ୍ୟକ୍ରମ ବେଦଜ୍ଞ ବ୍ରାହ୍ମଣମାନେ ସମ୍ପନ୍ନ କରିଥିଲେ। ମହାବିଷୁବ ସଂକ୍ରାନ୍ତି ଓ ଓଡ଼ିଆ ନୂଆବର୍ଷ ପାଳନ ଅବସରରେ ଏକ ସ୍ମୃତି ଚାରଣ ଓ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା। ମହେଶ୍ୱର ପଣ୍ଡାଙ୍କ ପୌରୋହିତ୍ୟ ଓ ସୁଶାନ୍ତି ଦାଶଙ୍କ ସଂଯୋଜନାରେ ଆୟୋଜିତ ସଭାରେ ରାଜନଗର ବିଧାୟକ ଧ୍ରୁବ ସାହୁ, ଖଣତା ସରପଞ୍ଚ ଅନିଲ ଲେଙ୍କା, ସମିତିସଭ୍ୟ ସୁରେଶ ଜେନା, ଆଦର୍ଶ ଶିକ୍ଷକ ଅନନ୍ତ କିଶୋର ରାଉତ, ସର୍ବେଶ୍ୱର ମହାନ୍ତି, ପୂର୍ବତନ ସରପଞ୍ଚ ମିନତି ପାତ୍ର ଓ ଦିବାକର ସେଠୀ ଅତିଥି ଭାବେ ଯୋଗଦେଇଥିଲେ। ସେମାନେ ଦିବଂଗତ ଯୁଧିଷ୍ଠିର ଦାଶ, ବାଞ୍ଛାନିଧି ଦାଶ ଓ ହାରାମଣି ସାହୁଙ୍କ ସ୍ମୃତିଚାରଣ କରି ଏ ଅଞ୍ଚଳର ଆଧ୍ୟାତ୍ମିକ ଭାବଧାରା ପ୍ରତିଷ୍ଠା କ୍ଷେତ୍ରରେ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ପାଦକ ଚନ୍ଦ୍ରଶେଖର ପଣ୍ଡା ବିବରଣୀ ପାଠ କରିଥିଲେ। କେଶବ ପଣ୍ଡା ସ୍ୱାଗତ ଭାଷଣ ଓ ଗୌରାଙ୍ଗ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଅଲେଖ ଦାଶ ଧନ୍ୟବାଦ ଦେଇଥିଲେ।

## କଂଗ୍ରେସରେ ସାମିଲ ହେଲେ କେନ୍ଦ୍ରାପଡ଼ା ଜିଲା ପରିଷଦ ଉପାଧ୍ୟକ୍ଷ

**ବିଜେଡିରୁ ଇସ୍ତଫା ଦେଲେ**

ରାଜନଗର, ୧୬।୪(ଭାସ୍କର ରାଉତରାୟ)



ବିଜେଡି ଛାଡି ଅଶୋକ ପ୍ରତିହାରୀ କଂଗ୍ରେସରେ ସାମିଲ ହେଉଛନ୍ତି।

କେନ୍ଦ୍ରାପଡ଼ା ଜିଲାପରିଷଦ ଉପାଧ୍ୟକ୍ଷ ତଥା ରାଜନଗର ବ୍ଲକର ପୂର୍ବତନ ବିଜେଡି ସଭାପତି ଅଶୋକ କୁମାର ପ୍ରତିହାରୀ ମଙ୍ଗଳବାର ବିଜେଡିରୁ ଇସ୍ତଫା ଦେଇ କଂଗ୍ରେସରେ ସାମିଲ ହୋଇଛନ୍ତି। ସେ ଅପରାହ୍ନରେ ତାଙ୍କ ଇସ୍ତଫା ପତ୍ର ବିଜେଡିର ସୁପ୍ରିମୋ ନବୀନ ପଟ୍ଟନାୟକ ଓ ଜିଲା ବିଜେଡି ସଭାପତିଙ୍କୁ ପଠାଇବାର ମାତ୍ର ଘଣ୍ଟାଏ ପରେ କଂଗ୍ରେସ ଦଳରେ ସାମିଲ ହୋଇଛନ୍ତି। ଭୁବନେଶ୍ୱର କଂଗ୍ରେସ ଭବନରେ କଂଗ୍ରେସ ପ୍ରଚାର କମିଟି ଅଧ୍ୟକ୍ଷ ଭକ୍ତ ଚରଣ ଦାସ ଓ କେନ୍ଦ୍ରାପଡ଼ା ଜିଲାର ସାଂସଦ ପ୍ରାର୍ଥୀ ସିଦ୍ଧାର୍ଥ ସ୍ୱରୂପ ଦାସଙ୍କ ଉପସ୍ଥିତିରେ କଂଗ୍ରେସରେ ସାମିଲ ହୋଇଛନ୍ତି। କଂଗ୍ରେସରେ ସାମିଲ ହେବା ପରେ ଲୋକଙ୍କ ପାଇଁ ୨୪ଘଣ୍ଟା କାର୍ଯ୍ୟ କରି ଆସିଛି, ଆଗାମୀ ଦିନରେ ପଟ୍ଟାମୁଣ୍ଡାଇ ଓ ରାଜନଗରରେ କଂଗ୍ରେସ ଶକ୍ତ ହେବ, ଲୋକଙ୍କ ସେବା ଜାରି ରହିବ ବୋଲି କହିଛନ୍ତି। କେନ୍ଦ୍ରାପଡ଼ା ଜିଲାପରିଷଦ ଉପାଧ୍ୟକ୍ଷ ପ୍ରତିହାରୀ ୨୦୨୨ପଞ୍ଚାୟତ ନିର୍ବାଚନରେ ରାଜନଗର ବ୍ଲକର ୩୧ନଂ. ଜୋନରୁ ଜିଲାପରିଷଦ ସଭ୍ୟ ବିଜେଡିର ପ୍ରାର୍ଥୀ ଭାବେ ନିର୍ବାଚିତ ହୋଇଥିଲେ। ସେ ରାଜନଗର ବ୍ଲକ ବିଜେଡିର ୩ ଥର ସଭାପତି ରହିବା ସହ ରାଜନଗର ବିଧାୟକ ଧ୍ରୁବ ସାହୁଙ୍କ ଏକାନ୍ତ ଅନୁଗତ ଥିଲେ। କେନ୍ଦ୍ରାପଡ଼ା ଜିଲାପରିଷଦ ଉପାଧ୍ୟକ୍ଷ ପ୍ରତିହାରୀ କଂଗ୍ରେସରେ ସାମିଲ ହୋଇଥିବାରୁ ସେ କଂଗ୍ରେସ ଟିକେଟରେ ରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀରୁ ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି କୁହାଯାଉଛି।

## ଭାଜପା ବିଧାୟକ ପ୍ରାର୍ଥୀଙ୍କ ଘରକୁ ଘର ବୁଲି ପ୍ରଚାର

ମାର୍ଶାଘାଇ, ୧୬।୪ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମହାକାଳପଡ଼ା ନିର୍ବାଚନମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ଡ. ଦୁର୍ଗା ପ୍ରସନ୍ନ ନାୟକ ତାଙ୍କ ପ୍ରଚାର କାର୍ଯ୍ୟକ୍ରମକୁ ଜୋରଦାର କରିଛନ୍ତି। ମଙ୍ଗଳବାର ନାୟକ ନିଜର ଶତାଧିକ ସମର୍ଥକଙ୍କୁ ସାଙ୍ଗରେ ଧରି ମାର୍ଶାଘାଇ ବ୍ଲକର ଅଙ୍ଗୁଲାଇ ଓ କୁଣ୍ଡୁଡି ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଯାଇ ଭୋଟ ଭିକ୍ଷା କରିଥିଲେ। ବିଗତ ୫୦ବର୍ଷର ଶାସନ ଓ ସ୍ଥାନୀୟ ବିଧାୟକଙ୍କ ପ୍ରିୟାପ୍ରୀତି ତୋଷଣ, ଅଞ୍ଚଳର ପିଇବା ପାଣି ସମସ୍ୟା, କେନ୍ଦ୍ର ସରକାର ଯୋଗାଉଥିବା ଆବାସ ଘରକୁ ଦଳୀୟ ଭିତ୍ତିରେ ବଣ୍ଟନ କରାଯିବା, ବେକାରି ସମସ୍ୟା, ରୂପାନ୍ତୀକରଣରେ ଚକ ଚକ ଦେଖାଯାଉଥିବା ଡାକ୍ତରଖାନାରେ ଡାକ୍ତର ନ ଥିବା, ଯୁବତୀଯୁବକମାନେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯିବା ଆଦି ପ୍ରସଙ୍ଗକୁ ଲୋକମାନଙ୍କୁ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ୨୫ ନଂ. ଜୋନ ଭାଜପା ସଭାପତି ପ୍ରକାଶ ଚନ୍ଦ୍ର ଦାସ, ଅଙ୍ଗୁଲାଇ ପଞ୍ଚାୟତ ସଭାପତି ବାଇଧର ରାଉତ, କୁଣ୍ଡୁଡି ପଞ୍ଚାୟତ ସଭାପତି କାହ୍ନୁ ପରିଡା, ଚିତ୍ତ ରଞ୍ଜନ ଚୌଧୁରୀ, ରାଜ କିଶୋର କର, ବିଶ୍ୱ ରଞ୍ଜନ ପରିଡା, ଦେବ ପ୍ରସାଦ ମଲ୍ଲିକ, ପ୍ରଦୀପ ଦାସ, ଜିଲା କୋଷଧ୍ୟକ୍ଷ ପ୍ରତିମା ନାୟକ, ନିଗମ ରଥ, ସରସ୍ୱତୀ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଶତାଧିକ କର୍ମୀ ବାଇକ୍ ରାଲିରେ ସାମିଲ ହୋଇଥିଲେ।


ଭାଜପା ପ୍ରାର୍ଥୀ ଡ. ଦୁର୍ଗାପ୍ରସାଦ ନାୟକ ମାର୍ଶାଘାଇ ବ୍ଲକର ବିଭିନ୍ନ ପଞ୍ଚାୟତର ପ୍ରଚାର କରୁଛନ୍ତି।

## ପଟ୍ଟାମୁଣ୍ଡାଇ କୋର୍ଟରେ ଆଇନ ସଚେତନତା ଶିବିର



ଶିବିରରେ ବିଚାରପତି ଓ ଅନ୍ୟମାନେ।

ପଟ୍ଟାମୁଣ୍ଡାଇ, ୧୬।୪(କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସମିତି ପକ୍ଷରୁ ମଙ୍ଗଳବାର ପଟ୍ଟାମୁଣ୍ଡାଇ କୋର୍ଟଠାରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଆଇନସେବା ସମିତିର ଅଧ୍ୟକ୍ଷା ତଥା ବରିଷ୍ଠ ଦେୱାନୀ ବିଚାରପତି ସୁଶ୍ରୀସଙ୍ଗୀତା ମଲ୍ଲିକ ଏଥିରେ ଅଧ୍ୟକ୍ଷତା କରିଥିଲେ। ସ୍ଥାନୀୟ ଏସ୍‌ଡିଜେଏମ୍ ସମୀକ୍ଷା ମହାନ୍ତି, ମୋନାଲିସା ପ୍ରଧାନ ଯୋଗଦେଇ ବିଭିନ୍ନ ଆଇନ ସାଙ୍ଗକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ ଏଫ୍‌ଆଇଆର୍, ବେଲ୍, ସମନ, ୱାରେଣ୍ଟ, ଲିଗାଲ ରାଇଟ ଓ ଅପିଲ୍ ବିଷୟରେ ଆଲୋଚନା କରିଥିଲେ। ଏଥିରେ ଆଇନଜୀବୀ ତଥା ପଟ୍ଟାମୁଣ୍ଡାଇ ବାର ଉପସଭାପତି ସୁରେଶ କୁମାର ନରେନ୍ଦ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ବରିଷ୍ଠ ଆଇନଜୀବୀ ଭୀମସେନ ପ୍ରଧାନ, ଭବାନୀଶଙ୍କର ପଣ୍ଡା, ଧୀରେନ୍ଦ୍ର ନାଥ ସାହୁ, ବିଦ୍ୟାଧର ଦାଶ ଓ ପିଏଲଭି ପ୍ରଫୁଲ୍ଲ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଆଇନଜୀବୀ ଜିତେନ୍ଦ୍ର ନନ୍ଦୀ ଧନ୍ୟବାଦ ଦେଇଥିଲେ।

## ଅନିୟମିତତାର ଗନ୍ତାଘର ମିଶନ ଶକ୍ତି- ଓସା

କେନ୍ଦ୍ରାପଡ଼ା, ୧୬।୪ (ଜଗନ୍ନାଥ ଧଳ)


ଓସା ପକ୍ଷରୁ ଖବରଦାତା ସମ୍ମିଳନୀରେ କର୍ମକର୍ତ୍ତାମାନେ।

ରାଜ୍ୟ ସରକାରଙ୍କ ମିଶନ ଶକ୍ତି ଯୋଜନା କେନ୍ଦ୍ରପଡ଼ା ଜିଲାରେ ଅନିୟମିତତାର ଗନ୍ତାଘର ପାଲଟିଛି। ସୂଚନା ଅଧିକାର ଆଇନ ଅନୁଯାୟୀ ପ୍ରାପ୍ତ ତଥ୍ୟ ଏହା ସ୍ପଷ୍ଟ କରୁଛି। ଓଡ଼ିଶା ସୂଚନା ଅଧିକାର ଅଭିଯାନ (ଓସା) ପକ୍ଷରୁ ଏପରି ଅଭିଯୋଗ ଅଣାଯାଇ ମଙ୍ଗଳବାର ଖବରଦାତା ସମ୍ମିଳନୀ କରାଯାଇଥିଲା। ଜିଲା ଆବାହକ ପ୍ରତାପ ଚନ୍ଦ୍ର ମହାନ୍ତି, କର୍ମକର୍ତ୍ତା ନିରଞ୍ଜନ ପରିଡା, ପ୍ରଦୀପ କୁମାର ଦାଶ ସମ୍ମିଳନୀରେ ସୂଚନା ଦେଇଥିଲେ। ସେମାନେ କହିଥିଲେ ଯେ, ଜାତୀୟ ଜୀବିକା ମିଶନ, ଓଡ଼ିଶା ଜୀବିକା ମିଶନ ୨୦୨୧ ମସିହାରୁ ମିଶନ ଶକ୍ତି ଭାବେ କାର୍ଯ୍ୟ କରି ଆସୁଛି। ମହିଳା ସଶକ୍ତିକରଣ ପାଇଁ ଉଦ୍ଦିଷ୍ଟ ମିଶନ ଶକ୍ତି ବାସ୍ତବରେ ଯୋଜନା ଓ ଆର୍ଥିକ ଅନିୟମିତତାରେ ପରିଣତ ହୋଇଛି। ଏ ନେଇ ବିଭିନ୍ନ ସମୟରେ ପଦାଧିକାରୀଙ୍କଠାରୁ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ଓସା ପକ୍ଷରୁ ସଂଗ୍ରହ ହୋଇଛି। ତେବେ ମିଳିଥିବା ତଥ୍ୟ ରାଜ୍ୟ, ଜିଲା ଓ ତୃଣମୂଳସ୍ତରରେ ବହୁ ଅମେଳ ଅଛି। କେନ୍ଦ୍ର ସରକାରଙ୍କ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ତଥ୍ୟରେ ଆସିଥିବା ଅନୁଦାନ ରାଶି ରାଜ୍ୟ ସରକାରଙ୍କ ମାଧ୍ୟମରେ ଖର୍ଚ୍ଚ ହେଉଛି। କେନ୍ଦ୍ରାପଡ଼ା ଜିଲା ମିଶନ ଶକ୍ତିର ତଥ୍ୟ ଯେ, ଏହି ଅର୍ଥ ସ୍ୱଳ୍ପରେ ଓ ମହିଳାଙ୍କୁ ଋଣ ପ୍ରଦାନ କରାଯାଏ। ଏପରିକି ୨୦୧୮ରୁ ୨୦୨୩ ଆର୍ଥିକ ବର୍ଷରେ ମିଶନ ଶକ୍ତି ମାଧ୍ୟମରେ ଅନ୍ୟ କୌଣସି ଯୋଜନା ଅର୍ଥ ଖର୍ଚ୍ଚ ହୋଇନାହିଁ। ମାତ୍ର ରାଜ୍ୟ ସରକାରଙ୍କ ବିଭାଗୀୟ ତଥ୍ୟ କହୁଛି ଯେ, ମହିଳାଙ୍କ ଦକ୍ଷତା ବିକାଶଠାରୁ ଆରମ୍ଭ କରି ମିଶନ ଶକ୍ତି ଗୃହ ନିର୍ମାଣରେ ଅର୍ଥ ଖର୍ଚ୍ଚ ହେଉଛି। ଗତ ୨ ଆର୍ଥିକ ବର୍ଷରେ ପ୍ରାୟ ୨୫୦୦ କୋଟି ଟଙ୍କା ରାଜ୍ୟରେ ଖର୍ଚ୍ଚ ହୋଇଥିବା ବେଳେ କେନ୍ଦ୍ରାପଡ଼ା ଜିଲାରେ ଏହାର ଭାଗ କେତେ ଅଛି, ତାହା ଜିଲା ପ୍ରଶାସନକୁ ଅଜଣା ଅଛି। ଅପରପକ୍ଷରେ ଜିଲାର କେତେକ ବ୍ଲକ କାର୍ଯ୍ୟାଳୟରୁ ମିଳିଥିବା ତଥ୍ୟରୁ ଜଣାପଡିଛି ଯେ, ଦକ୍ଷତା ବିକାଶ, ଯାତାୟାତ ଖର୍ଚ୍ଚ ଆଦିରେ ବହୁ ଅର୍ଥ ବ୍ୟୟ ହୋଇଛି। ଏଥିସହ ଖର୍ଚ୍ଚ ବାବଦ ବିଲ, ଭାଉଚର, ରିଜୋଲିସନ କପି, ଆଦି ଉପଲବ୍ଧ ନ ଥିବା କେତେକ ବ୍ଲକ କାର୍ଯ୍ୟାଳୟରୁ ତଥ୍ୟ ମିଳିଛି। ମହିଳାଙ୍କ ବିକାଶ ପାଇଁ ଖର୍ଚ୍ଚ ହୋଇଥିବା ଅନୁଦାନରେ ଏପରି ଅନିୟମିତତା ଗୋଟିଏ ବଡ଼ ଦୁର୍ନୀତିକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଥିବା ସେମାନେ ପ୍ରକାଶ କରିଛନ୍ତି।

## ଓଳାଭରରେ ଶ୍ରୀରାମ ନବମୀ ପୂଜା


ଓଳାଭର କାଳୀ ପଡିଆରେ ଶ୍ରୀରାମଙ୍କ ପୂଜା କରାଯାଉଛି।

ରାଜକନିକା, ୧୬।୪(ସଞ୍ଜୟ କୁମାର ଦାଶ)

ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ଓଳାଭର କାଳୀ ପଡିଆଠାରେ ପ୍ରଭୁ ଶ୍ରୀରାମଙ୍କ ପୂଜାବିଧି ଆରମ୍ଭ ହୋଇଛି। ମଙ୍ଗଳବାର ସକାଳ ୧୦ଟାରେ ମଙ୍ଗଳ କଳସ ଯାତ୍ରା ବାହାରି ଓଳାଭର ବଉଳପୋଖରୀ କୂଳରୁ ଘଟପୂଜା ପୂର୍ବକ ପୀଠରେ ସ୍ଥାପନ କରାଯାଇ ପ୍ରଭୁ ଶ୍ରୀରାମଙ୍କ ପୂଜାରମ୍ଭ କରାଯାଇଛି। ଅନୁଷ୍ଠାନ ପକ୍ଷରୁ ବୁଧବାର ଏକ ବିଶାଳ ଶୋଭାଯାତ୍ରା ଓଳାଭର କାଳୀ ପଡ଼ିଆରୁ ବାହାରି ବିଭିନ୍ନ ଗ୍ରାମ ପରିକ୍ରମାର କରିବା ସହ ହିନ୍ଦୁ ଏକତା ଅଖଣ୍ଡିତ ରହିବ ଓ ସନାତନ ଧର୍ମର ପ୍ରଚାର ହେଇପାରିବ ସେଥିପାଇଁ ଗୁରୁତ୍ୱ ଦିଆଯାଇଛି। ଚୈତ୍ର ଶୁକ୍ଳ ନବମୀ ରାମ ନବମୀ ରୂପେ ପରିଚିତ। ଏହିଦିନ ରାମଚନ୍ଦ୍ରଙ୍କ ଜନ୍ମୋତ୍ସବ ପାଳନ କରାଯାଏ। ରାମନବମୀ ଉପଲକ୍ଷେ ୯ ଦିନ ବ୍ୟାପୀ ଭଜନ କୀର୍ତ୍ତନ, ଅଖଣ୍ଡ ନାମ ପାଠ ଆଦି ଚାଲେ। ବିଶେଷ କରି ରାମଚରିତ ମାନସ ପାଠ କରାଯାଏ।

## ରାଜକନିକାରେ ପୋଲିସର ଫ୍ଲାଗ୍‌ମାର୍ଚ୍ଚ

ରାଜକନିକା, ୧୬।୪(ସଞ୍ଜୟ କୁମାର ଦାଶ)

ଜୁନ ୧ରେ କେନ୍ଦ୍ରାପଡ଼ା ଲୋକସଭା ତଥା ଆଳି ବିଧାନସଭା ଆସନ ପାଇଁ ନିର୍ବାଚନ ହେବାକୁ ଥିବାରୁ ବ୍ଲକ ପ୍ରଶାସନ ତତ୍ପର ହୋଇଉଠିଛି। ଆଳି ନିର୍ବାଚନମଣ୍ଡଳୀ ରାଜକନିକା ବ୍ଲକର ୨୯ଟି ପଞ୍ଚାୟତ , ଆଳି ବ୍ଲକର ୩୪ଟି ପଞ୍ଚାୟତକୁ ନେଇ ଗଠିତ। ନିର୍ବାଚନକୁ ଅବାଧ ଓ ନିରପେକ୍ଷ କରିବା ଉଦ୍ଦେଶ୍ୟରେ ପ୍ରଶାସନ ପକ୍ଷରୁ ସୋମବାର ଅପରାହ୍ନରେ ରାଜକନିକା ଥାନା ଆଇଆଇସି ଦିଲୀପ କୁମାର ଧଳଙ୍କ ନେତୃତ୍ୱରେ ପୋଲିସଙ୍କ ସହ ଏକ କମ୍ପାନୀ ସିଆଇଏସ୍‌ଏଫ୍ ଯବାନଙ୍କୁ ନେଇ ଫ୍ଲାଗମାର୍ଚ୍ଚ କରାଯାଇଛି। ପୋଲିସ ବାହିନୀ ବରାଡିଆ ପଞ୍ଚାୟତ ମଧୁବନ ଛକରୁ ବାହାରି ଆଖୁଳିପଡା ପଞ୍ଚାୟତ ମଲ୍ଲିସାହାଡା ଗାଁ ଦେଇ ମଠସାହି ଛକ ପର୍ଯ୍ୟନ୍ତ ଏବଂ କୋଇଲିପୁର ପଞ୍ଚାୟତ ଲୁହାରମୋହିରୁ ବାହାରି ଗଜରାଜପୁର ପର୍ଯ୍ୟନ୍ତ ଫ୍ଲାଗମାର୍ଚ୍ଚ କରିଥିବା ଦେଖିବାକୁ ମିଳିଥିଲା।

## ଅବକ୍ଷୟମୁଖୀ ସମାଜକୁ ସାହିତ୍ୟ ବଞ୍ଚାଇପାରିବ

ପଟ୍ଟାମୁଣ୍ଡାଇ, ୧୬।୪(କଳ୍ପତରୁ ନାୟକ)



ବିଷୁବ ମିଳନ ସମାରୋହରେ ଅତିଥିମାନେ।

**ଆମ ସମ୍ପର୍କ ପକ୍ଷରୁ ମହାବିଷୁବ ମିଳନ ସମାରୋହ**

ପଟ୍ଟାମୁଣ୍ଡାଇ ଅଞ୍ଚଳର ଅଗ୍ରଣୀ କଳା, ସାହିତ୍ୟ, ସାଂସ୍କୃତିକ ଅନୁଷ୍ଠାନ ଆମ ସମ୍ପର୍କ ପକ୍ଷରୁ ମହାବିଷୁବ ସଂକ୍ରାନ୍ତି ଓ ଓଡ଼ିଆ ନୂଆବର୍ଷ ଅବସରରେ ପଟ୍ଟାମୁଣ୍ଡାଇ ପୌର ପରିଷଦ ପ୍ରେକ୍ଷାଳୟଠାରେ ମହାବିଷୁବ ମିଳନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ପ୍ରାଧ୍ୟାପକ ଅତୁଳ ବଳଙ୍କ ପୌରହିତ୍ୟରେ ଆୟୋଜିତ ଉଦ୍‌ଘାଟନୀ ଅଧିବେଶନରେ ପ୍ରତିଷ୍ଠିତ ସାହିତ୍ୟିକା ଡ. ପ୍ରତିଭା ମହାରଥୀ ମୁଖ୍ୟଅତିଥି, ପ୍ରଫେସର ଦେବବ୍ରତ ପ୍ରଧାନ, ନାଟ୍ୟକାର ଅଧ୍ୟାପକ ଗୋଲକ ମହାରଣା ଓ ରଞ୍ଜନ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଗୌରବମୟ କଳା ସାହିତ୍ୟ ଓ ସଂସ୍କୃତିକୁ ଜୀବନ୍ତ କରିବା ପାଇଁ ସବୁ ସ୍ତରରେ ନିଷ୍ଠାପର ଉଦ୍ୟମ କରିବାକୁ ପରାମର୍ଶ ଦେଇଥିଲେ।

ଅବକ୍ଷୟମୁଖୀ ସମାଜକୁ କେବଳ ସାହିତ୍ୟ ହିଁ ବଞ୍ଚେଇ ପାରିବ ବୋଲି କହିଥିଲେ। ଆଜିର ସମାଜରେ ମିଛ, ବ୍ୟଭିଚାରରେ ଏପରି ଭରିଯାଇଛି ଯେ ସାଧାରଣ ମଣିଷଟିଏ ଅସହାୟତା ଅନୁଭବ କରୁଛି। ଯେଉଁ ନାରୀମାନେ ସମସ୍ତଙ୍କ ନମସ୍ୟ ସେମାନଙ୍କର ସମାଜରେ ସମ୍ମାନ ନାହିଁ। ଦୁର୍ଗା, ପାର୍ବତୀରୁ ସେମାନଙ୍କ ସମ୍ମାନକୁ ଅତି ନୀଚ କରି ପ୍ରଦର୍ଶିତ କରାଯାଉଛି, ଯାହାକି ମାନବ ସମାଜ ପାଇଁ ଆଦୌ ଶୁଭଙ୍କର ନୁହେଁ। ତେଣୁ ସାହିତ୍ୟିକମାନେ ସେମାନଙ୍କ କଲମ ମୁନରେ ଏହି ଅବସ୍ଥାର ପରିବର୍ତ୍ତନ ପାଇଁ ଚେଷ୍ଟା କରିବା ଉଚିତ ବୋଲି କହିଥିଲେ। ସମ୍ପାଦକ ଦେବ ପ୍ରସାଦ ପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଗାଳ୍ପିକ ପ୍ରଦୀପ ନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅପରାହ୍ନ ଅଧିବେଶନରେ ଏକ ମନୋଜ୍ଞ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। କବି ସଚିତ୍ର ବେହୁରା ଓ ରଶ୍ମିତା ସେନାପତିଙ୍କ ସଂଯୋଜନାରେ ଆୟୋଜିତ କବିତା ପାଠ ଉତ୍ସବରେ ବହୁ କବି କବୟିତ୍ରୀ ଯୋଗ ଦେଇ କବିତା ପାଠ କରିଥିଲେ। ଉଦଯାପନୀ ଅଧିବେଶନରେ ସାମାଜିକ କର୍ମୀ ଡ. ରତୁପର୍ଣ୍ଣା ମହାନ୍ତି ମୁଖ୍ୟଅତିଥି, ନାଟ୍ୟକାର ଚିନ୍ମୟ ଦାସ ମୁଖ୍ୟବକ୍ତା ଓ ନୀଳାଦ୍ରି ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏଇ ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଭାମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିବାବେଳେ ନାଟ୍ୟକାର ଚିନ୍ମୟ ଦାସ, କବି ସନ୍ନିଭା ମିଶ୍ରଦାଶ, କଥାକାର ବନମାଳୀ ସେନାପତି, କବି ନାରାୟଣ ରାଉଳ, ସମବାୟବିତ୍ ବ୍ରଜବନ୍ଧୁ ଦାଶ, ମଞ୍ଚ ଅଭିନେତା ଉମାକାନ୍ତ ତ୍ରିପାଠୀ ଓ ସଙ୍ଗୀତ ଗୁରୁ କୃପାସିନ୍ଧୁ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଚଣ୍ଡିଆଗଡି କଳାକାରମାନେ ଘୋଡା ନାଚ ପ୍ରଦର୍ଶନ କରିଥିଲେ। ଶେଷରେ ପ୍ରମୋଦ ସାହୁ ଧନ୍ୟବାଦ ଦେଇଥିଲେ। ଏଥିରେ କେନ୍ଦ୍ରାପଡ଼ା ଜିଲାର ବିଭିନ୍ନ ବ୍ଲକର ବହୁ କବି ସାହିତ୍ୟିକ, କଳାକାର ଓ ସଂସ୍କୃତିପ୍ରେମୀ ଜନସାଧାରଣ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ଛାତ ସେଣ୍ଟ୍ରିଂ ପଡି ଶ୍ରମିକ ମୃତ, ୪ ଗୁରୁତର



ଗୋପାଳପୁର,୧୬।୪ (ନବୀନ ରାଜ ଆଚାରୀ)

ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ଅନ୍ତର୍ଗତ ସୋରଳ ଗ୍ରାମରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ଛାତ ସେଣ୍ଟ୍ରିଂ ଉପରେ ପଡିବାରୁ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିବାବେଳେ ୪ଜଣ ଗୁରୁତର ହୋଇଛନ୍ତି। ମୃତ ଶ୍ରମିକ ହେଲେ ସୋରଳ ଗ୍ରାମର ଦେବରାଜ ଜାନି (୫୫)। ଗୁରୁତର ଆହତ କୋଇଠା ଗ୍ରାମର ଭରତ ବେହେରା, ସୁକାନ୍ତ ବେହେରା, କମଳାକାନ୍ତ ବେହେରା ଓ ନରସିଂହ ବେହେରାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ସୋରଳ କାଶୀନଗର ସାହିର କେ. ସାରଥି ରେଡ୍ଡୀ ତାଙ୍କ ଘର ନିର୍ମାଣ ପାଇଁ ଠିକାରେ ଦେଇଦେଇଥିଲେ। ମଙ୍ଗଳବାର ସକାଳେ ଦେବରାଜ, ଭରତ, ସୁକାନ୍ତ, ନରସିଂହ ଓ କମଳାକାନ୍ତ ପାଇଖାନା ସ୍ଲାପ ସେଣ୍ଟ୍ରିଂ କାଢୁଥିଲେ। ଏହି ସମୟରେ ହଠାତ ଏକ ଛାତର ସେଣ୍ଟ୍ରିଂ ଖସିଯାଇ ସେମାନଙ୍କ ଉପରେ ପଡିଥିଲା। ଦେବରାଜଙ୍କ ମୁଣ୍ଡରୁ ଅଧିକ ରକ୍ତସ୍ରାବ ହେବାରୁ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ସନ୍ଧ୍ୟା ସୁଦ୍ଧା ଏ ନେଇ ଥାନାରେ ଅଭିଯୋଗ ହୋଇ ନ ଥିଲା।

### ତାଲା ବନ୍ଦ ଘରୁ ଚୋରି

ବ୍ରହ୍ମପୁର,୧୬।୪ (ସୁବାସ ଚନ୍ଦ୍ର ପାଢ଼ୀ)

ଗୋସାଣିନୂଆଗାଁ ଥାନା ଓମ୍ ବିହାରର ଏକ ତାଲାବନ୍ଦ ଘରୁ ଦିନ ଦ୍ୱିପ୍ରହରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ତାଲା ଭାଙ୍ଗି ଘରେ ପଶିବା ପରେ ଲକ୍ଷାଧିକ ଟଙ୍କାର ସୁନା ଗହଣା ଓ ସାମଗ୍ରୀ ଚୋରାଇ ନେଇଛନ୍ତି। ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ ଜାରି ରଖିଛି। ଓମବିହାର ୯ମ ଲାଇନରେ ରହୁଥିବା ଗୀତାଞ୍ଜଳି ରାଉତ ଓ ତାଙ୍କ ପରିବାର ଲୋକେ କୌଣସି କାମରେ ଆଙ୍କୁଶପୁର ଯାଇଥିଲେ । ଘରେ ତାଲା ପଡ଼ିଥିଲା। ଏହାର ସୁଯୋଗ ନେଇ ଗତ ୧୪ ତାରିଖ ଦିନ ଦ୍ୱିପ୍ରହରେ କେତେଜଣ ଦୁର୍ବୃତ୍ତ ତାଲା ଭାଙ୍ଗି ଘରୁ ସୁନା ଅଳଙ୍କାର, କିଛି ନଗଦ ଟଙ୍କା, ଏକ ଲାପଟପ ଆଦି ଚୋରି କରି ନେଇଯାଇଥିଲେ । ଗିତାଞ୍ଜଳୀଙ୍କ ପରିବାର ଲୋକେ ସନ୍ଧ୍ୟାରେ ଘରକୁ ଫେରିବା ପରେ ତାଲା ଭଙ୍ଗାଯାଇଥିବା ଦେଖିଥିଲେ।

### ଚଣ୍ଡୀ ମନ୍ଦିରରେ ବାସନ୍ତିକ ପୂଜା ସରିଲା

ବ୍ରହ୍ମପୁର,୧୬।୪(ଅଶୋକ କୁମାର ସାହୁ):

ଗୋସାଣିନୂଆଗାଁ ଶ୍ରୀ ସିଦ୍ଧଚଣ୍ଡୀ ମନ୍ଦିରରେ ନବଦିନାତ୍ମକ ବାସନ୍ତିକ ପୂଜା ମଙ୍ଗଳବାର ଉଦଯାପିତ ହୋଇଛି। ଏହି ପୂଜା ଗତ ୮ ତାରିଖରୁ ଆରମ୍ଭ ହୋଇଥିଲା। ତେବେ ପ୍ରାତଃରୁ ସୂର୍ଯ୍ୟପୂଜା, ଗ୍ରହପୂଜା, ଚଣ୍ଡୀପାଠ ଇତ୍ୟାଦି ହୋଇଥିଲା। ରାତିରେ ମା'ଙ୍କ ଘଟ ପଟୁଆରରେ ସାହି ପରିକ୍ରମା କରାଯାଇଥିଲା। ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ସିଦ୍ଧଚଣ୍ଡୀ ମନ୍ଦିର ଉନ୍ନୟନ କମିଟି ସଭାପତି ଓ ଗ୍ରାମବାସୀ ସହଯୋଗ କରିଥିଲେ।

### ଟ୍ରେନରୁ ଖସି ଯୁବକ ମୃତ

ବ୍ରହ୍ମପୁର,୧୬।୪(ସୁବାସ ଚନ୍ଦ୍ର ପାଢ଼ୀ)

ଚଳନ୍ତା ଟ୍ରେନରୁ ଖସି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ବ୍ରହ୍ମପୁର ରେଳ ଷ୍ଟେଶନ ୨ ନଂ. ପ୍ଲାଟଫର୍ମରେ ସୋମବାର ବିଳମ୍ବିତ ରାତିରେ ଏହି ଅଘଟଣ ଘଟିଛି । ମୃତକ ହେଲେ କେନ୍ଦ୍ରାପଡା ଗୋବିନ୍ଦପୁରର ପୂର୍ଣ୍ଣଚନ୍ଦ୍ର ଖିଲାର(୨୭)। ଏ ନେଇ ବ୍ରହ୍ମପୁର ସରକାରୀ ରେଳବାଇ ଥାନାରେ ନଂ.୩୦/୨୪ ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି । ସୋମବାର ରାତି ପ୍ରାୟ ୧ଟାରେ ଇଷ୍ଟକୋଷ୍ଟ ଟ୍ରେନଟି ବ୍ରହ୍ମପୁର ଷ୍ଟେସନର ୨ ନଂ ପ୍ଲାଟଫର୍ମରେ ପହଞ୍ଚିଥିଲା। ଏହି ସମୟରେ ଉପରୋକ୍ତ ଯୁବକ ଟ୍ରେନରୁ କୌଣସି କାରଣରୁ ଓହ୍ଲାଇବାକୁ ଚେଷ୍ଟା କରିବା ବେଳେ ଟ୍ରେନ ଚକାତଳେ ପଡିଯାଇଥିଲେ । ଟ୍ରେନଟି ତାଙ୍କ ଉପରେ ମାଡି ଯାଇଥିଲା ରେଳବାଇ ଥାନା ପୋଲିସ ଯୁବକଙ୍କୁ ଉଦ୍ଧାର କରି ଏମକେସିଜି ମେଡିକାଲ ପଠାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ସ୍ୱାସ୍ଥ୍ୟ ଆରୋଗ୍ୟ ଉପକେନ୍ଦ୍ର ନିର୍ମାଣକୁ ନେଇ ଅସନ୍ତୋଷ



ନିର୍ମାଣ ହେଉଥିବା ସ୍ୱାସ୍ଥ୍ୟ ଆରୋଗ୍ୟ ଉପକେନ୍ଦ୍ର ।

ଖଣ୍ଡପଡ଼ା,୧୬।୪(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅନ୍ତର୍ଗତ ବେଣାଗାଡ଼ିଆ ପଞ୍ଚାୟତର ବରକୋଳି ଗ୍ରାମରେ ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ଜରିଆରେ ଏକ ସ୍ୱାସ୍ଥ୍ୟ ଆରୋଗ୍ୟ ଉପକେନ୍ଦ୍ର ନିର୍ମାଣ ନିମନ୍ତେ ଅନୁଦାନ ଅର୍ଥ ମଞ୍ଜୁର ହୋଇଛି। ହେଲେ ଜମିର ଅଭାବକୁ ଆଳ କରି ଏହି କେନ୍ଦ୍ରକୁ ଅନ୍ୟତ୍ର ତଥା ସଂପୃକ୍ତ ପଞ୍ଚାୟତର ମାଧବେରେଣୀ ଗ୍ରାମରେ ନିର୍ମାଣ କରାଯାଉଥିବାରୁ ଏ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି।

ବରକୋଳି ଗ୍ରାମରେ ଉକ୍ତ ସ୍ୱାସ୍ଥ୍ୟ ଉପକେନ୍ଦ୍ର ନିର୍ମାଣ ନିମନ୍ତେ ଆବଶ୍ୟକ ସରକାରୀ ଜାଗା ନ ଥିବା ନେଇ ତହସିଲର ରିପୋର୍ଟ ଆଧାରରେ ନିକଟସ୍ଥ ମାଧବେରେଣୀ ଗ୍ରାମରେ ଏହି ସ୍ୱାସ୍ଥ୍ୟ ଉପକେନ୍ଦ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି । ତେବେ ବରକୋଳି ଗ୍ରାମର ବିଭିନ୍ନ ସ୍ଥାନରେ ସରକାରୀ ଜାଗା ମହଜୁଦ ଥିବା ସତ୍ତ୍ୱେ କାହା ସ୍ୱାର୍ଥରେ ବରକୋଳି ଗ୍ରାମ ପରିବର୍ତ୍ତେ ମାଧବେରେଣୀ ଗ୍ରାମରେ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ଆରମ୍ଭ ହେଲା ବୋଲି ତେନ୍ତୁଳିଆପଲ୍ଲୀ, ମୁରାରୀପୁର, ପଥରଦ୍ୱାର ଓ ବରକୋଳି ଆଦି ୪ ଗ୍ରାମର ବାସିନ୍ଦାଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏ ସମ୍ପର୍କରେ ଗ୍ରାମବାସୀ ନୟାଗଡ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଜିଲାପାଳ ଘଟଣାର ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷେ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ବନ୍ଦ ରଖିବାକୁ କହିଥିଲେ । ମାତ୍ର ନୟାଗଡ଼ ଜିଲାପାଳଙ୍କ ନିର୍ଦ୍ଦେଶକୁ ଅଣଦେଖା କରି କାର୍ଯ୍ୟରେ ନିୟୋଜିତ ଠିକାଦାର ପୂର୍ବପରି ସ୍ୱାସ୍ଥ୍ୟ ଉପକେନ୍ଦ୍ର ନିର୍ମାଣ କାର୍ଯ୍ୟ ଚାଲୁ ରଖିଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଅପରପକ୍ଷେ ଉପ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ କାର୍ଯ୍ୟ ବନ୍ଦ କରା ନ ଗଲେ ଆଗାମୀ ଦିନରେ ବରକୋଳି, ତେନ୍ତୁଳିଆପଲ୍ଲୀ, ମୁରାରୀପୁର ଓ ପଥରଦ୍ୱାର ଗ୍ରାମର ବାସିନ୍ଦା ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି । ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ପ୍ରଶନ୍ତ ଖଟୁଆଙ୍କ ସହ ଯୋଗାଯୋଗ କରାଯାଇଥିଲା । ସମସ୍ୟା ସମ୍ପର୍କରେ ସେ ଅବଗତ ଥିବା ସୂଚନା ଦେଇଛନ୍ତି। ଲୋକଙ୍କ ଅଭିଯୋଗ ପ୍ରତି ଦୃଷ୍ଟି ଦିଆଯିବ ବୋଲି ଖଣ୍ଡପଡ଼ା ତହସିଲଦାର ଧୋବେଇ ନାଏକ କହିଛନ୍ତି। ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ଉଚ୍ଚ କର୍ତ୍ତୃପକ୍ଷ ଉପରୋକ୍ତ ଅଭିଯୋଗ ପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

# ଖଣ୍ଡପଡ଼ାରେ ଇଟାଭାଟି ସଂଖ୍ୟା ବୃଦ୍ଧି

## ଗ୍ରୀଷ୍ମ ପ୍ରବାହ ସମୟରେ ତତଲା ଧୂଆଁ କରୁଛି ଅସ୍ତବ୍ୟସ୍ତ

ଖଣ୍ଡପଡ଼ା,୧୬।୪(ଅଜୟ କୁମାର ମହାରଣା)



ଇଟା ଭାଟିରୁ ତତଲା ଧୂଆଁ ବାହାରୁଛି ।

ସଂପ୍ରତି ଟାଣ ଖରା ସମୟରେ ଖଣ୍ଡପଡ଼ା ଅଞ୍ଚଳରେ ଇଟାଭାଟି ସଂଖ୍ୟା ବୃଦ୍ଧି ପାଉଥିବା ଲକ୍ଷ୍ୟ କରାଯାଉଛି । ଭାଟିରୁ ନିର୍ଗତ ଉତ୍ତପ୍ତ ଧୂଆଁ ପରିବେଶ ପ୍ରତି ବିପଦ ସୃଷ୍ଟି କରୁଥିବା ବେଳେ ଏଥିଯୋଗୁ ଜନ ଜୀବନ ଅସ୍ତବ୍ୟସ୍ତ ହୋଇ ପଡୁଛି । ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ନିର୍ମାଣ ଆବଶ୍ୟକତା ମେଣ୍ଟାଇବା ପାଇଁ ବ୍ୟବସାୟିକ ଭିତ୍ତିରେ ଇଟାଭାଟି ସଂଖ୍ୟା କ୍ରମଶଃ ବଢି ଚାଲିଥିବାରୁ ଏହା ଏକ ଗୁରୁତର ସମସ୍ୟା ଭାବେ ମୁଣ୍ଡ ଟେକିଛି । ଖଣ୍ଡପଡ଼ା ଅଞ୍ଚଳର ବିଭିନ୍ନ ନଦୀ ତଟବର୍ତ୍ତୀ ଏବଂ ବିଭିନ୍ନ ଜମିରେ ବ୍ୟବସାୟ ଲକ୍ଷ୍ୟରେ ଭାଟି ପ୍ରତିଷ୍ଠା କରାଯାଇ ଇଟା ପ୍ରସ୍ତୁତ କରାଯାଉଛି । ଫଳରେ ସଂପୃକ୍ତ ଅଞ୍ଚଳର ଚାଷ ଜମି ପରିମାଣ ହ୍ରାସ ପାଇବା ସହ ଆଖପାଖ ଅଞ୍ଚଳର ବୃକ୍ଷ ସମ୍ପଦର ଦ୍ରୁତ ଅବକ୍ଷୟ ହୋଇ ସବୁଜିମା ଉଭେଇ ଯାଉଛି । ଏହା ଛଡା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଇଟା ପ୍ରସ୍ତୁତ ଓ ଭାଟି ନିର୍ମାଣ ପାଇଁ ଚାଷ ଜମିର ଉପରସ୍ତର ମାଟି ଉଠାଇ ଦିଆଯାଉଥିବାରୁ ମୃତ୍ତିକା କ୍ଷୟ ବୃଦ୍ଧି ପାଉଛି । ଫଳରେ ଇଟା ଭାଟି ଯୋଗୁ ଶହ ଶହ ଏକର ଚାଷ ଉପଯୋଗୀ ଜମି ବିଗତ ବର୍ଷରେ ଅଣ ଚାଷ ଜମିରେ ପରିଣତ ହୋଇଛି । ଅପରପକ୍ଷେ ଇଟାଭାଟିଗୁଡିକରୁ ନିର୍ଗତ ତତଲା ଧୂଆଁ ପରିବେଶକୁ ଅଧିକ ଉତ୍ତପ୍ତ କରୁଥିବା ବେଳେ ଯାତାୟତରେ ସମସ୍ୟା ସୃଷ୍ଟି କରୁଛି । ସଂପ୍ରତି ରୌଦ୍ରତାପ ସାଙ୍ଗକୁ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇଥିବା ବେଳେ ଇଟା ଭାଟିର ନିର୍ଗତ ତତଲା ଧୂଆଁ ଜନଜୀବନକୁ ଅଧିକ ବିପଦ ସଙ୍କୁଳ କରିଛି । ପ୍ରକାଶ ଥାଉକି, ରାଜ୍ୟ ସରକାର ମାଟି ଇଟା ପ୍ରସ୍ତୁତ ଉପରେ ଅଙ୍କୁଶ ଲଗାଇଥିବା ବେଳେ ସ୍ଥାନୀୟ ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଉ ନ ଥିବାରୁ ପରିବେଶବିତ୍‌ମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି । ଜିଲା ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବାକୁ ଦାବି ହେଉଛି ।

# ପୋଲିସ ପକ୍ଷରୁ ଯାନବାହନ ଯାଞ୍ଚ

ଦଶପଲ୍ଲା,୧୬।୪(ପ୍ରକାଶ କୁମାର ପାଣି)

ସାଧାରଣ ନିର୍ବାଚନକୁ ନେଇ ପୋଲିସ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି । ଗାଁ ଗହଳିରେ ଦିନକୁ ଦିନ ରାଜନୈତିକ ଗୋଷ୍ଠୀ କନ୍ଦଳ ବଢ଼ିବାରେ ଲାଗିଛି। ବିଭିନ୍ନ ସ୍ଥାନରେ ରାଜନୈତିକ ହିଂସାକାଣ୍ଡ ନ ଘଟିବା ପାଇଁ ଗାଁ ଗହଳିରେ ପୋଲିସ ପକ୍ଷରୁ ପାଟ୍ରୋଲିଂ କରାଯାଉଛି । ସେହିଭଳି ନୟାଗଡ଼ ଏବଂ ବୌଦ୍ଧ ସୀମାନ୍ତରେ ଯାନବାହାନ ଚଳାଚଳ ଉପରେ ପୋଲିସ ପକ୍ଷରୁ କଡ଼ା ନଜର ରଖାଯାଇଛି । ସୀମାନ୍ତକୁ ସିଲ୍ କରାଯିବା ସହ ଦୈନିକ ବାଇକ୍, କାର୍, ବସ୍ ଓ ଟ୍ରକ ଆଦି ଯାନବାହାନକୁ ଯାଞ୍ଚ କରାଯାଉଛି। ବିଶେଷକରି ଯାନବାହାନରେ ନିଶା କାରବାର ଏବଂ ଟଙ୍କା ଚାଲାଣ ଉପରେ ତୀକ୍ଷ୍ଣ ନଜର ରଖାଯାଉଛି ବୋଲି ଦଶପଲ୍ଲା ଥାନା ଅଧିକାରୀ ଲକ୍ଷ୍ମଣ ଦଣ୍ଡସେନା କହିଛନ୍ତି ।

# ବିଶ୍ୱଶାନ୍ତି ଗୀତା ମହାଯଜ୍ଞ ଆରମ୍ଭ

ଖଣ୍ଡପଡ଼ା,୧୬।୪(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ସିଧାମୂଳା ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ବୈଦିକ ବ୍ରାହ୍ମଣ ସମାଜ ଆନୁକୂଲ୍ୟରେ ତ୍ରିଦିନାତ୍ମକ ଗୀତା ମହାଯଜ୍ଞ ମଙ୍ଗଳବାର ଅଶୋକାଷ୍ଟମୀ ତିଥିରେ ଆରମ୍ଭ ହୋଇଛି । ଏହି ଅବସରରେ ଅଧିବାସ କର୍ମ ଓ ପରେ ଗ୍ରାମର ମହିଳା ଓ ପୁରୁଷମାନେ ମହାନଦୀ ଘାଟରୁ କଳସୀରେ ଜଳ ସଂଗ୍ରହ କରି ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ଯଜ୍ଞବେଦୀ ସ୍ଥଳରେ ସ୍ଥାପନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସମାଜର ସଭାପତି ଆଚାର୍ଯ୍ୟ କାର୍ଯ୍ୟ ସମ୍ପନ୍ନ କରିଥିବା ବେଳେ ପଣ୍ଡିତ ଉଦୟନାଥ ମିଶ୍ର ଶର୍ମା ଓ ବନମାଳୀ ମିଶ୍ରଙ୍କ ସମେତ ବ୍ରାହ୍ମଣ ସମାଜ ସଦସ୍ୟମାନେ ସାକଲ୍ୟ ଓ ସମିଧ କାର୍ଯ୍ୟ ସମ୍ପାଦନ କରିଥିଲେ । ବୁଧବାର ଶ୍ରୀରାମ ଜନ୍ମ ଓ ଗୁରୁବାର ଦଶମୀ ତିଥିରେ ପୂର୍ଣ୍ଣାହୁତି କାର୍ଯ୍ୟ ସମ୍ପନ୍ନ ହେବ ବୋଲି ବ୍ରାହ୍ମଣ ସମାଜ ପକ୍ଷରୁ ସୂଚନା ମିଳିଛି ।



ଗୀତାଯଜ୍ଞ ମଣ୍ଡପରେ ଘଟ ସ୍ଥାପନ କରାଯାଇଛି ।

### କ୍ୟାନସର ନିବାରଣ ବକ୍ତୃତା କାର୍ଯ୍ୟକ୍ରମ

ବ୍ରହ୍ମପୁର,୧୬।୪ (ତନୁଶ୍ରୀ ନାହାକ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ବାୟୋଟେକ୍ନୋଲୋଜି ବିଭାଗ ପକ୍ଷରୁ ବିଭାଗୀୟ ସେମିନାର କକ୍ଷରେ ମଙ୍ଗଳବାର କ୍ୟାନସର ନିବାରଣ ସମ୍ପର୍କିତ ବକ୍ତୃତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆୟୁର୍ବେଦ, ଯୋଗ ଓ ପ୍ରାଣାୟମ ଦ୍ୱାରା କ୍ୟାନସରକୁ କିଭଳି ଦୂରିଭୂତ କରାଯାଇପାରିବ ସେ ନେଇ ଅତିଥିମାନେ ମତ ରଖିଥିଲେ। ବିଭାଗୀୟ ମୁଖ୍ୟ ପ୍ରଫେସର ଯୋଗେଶ୍ୱର ପାଣିଗ୍ରାହୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କର୍ଯ୍ୟକ୍ରମକୁ ବିଭାଗର ସହକାରୀ ଅଧ୍ୟାପକ ଡ଼.ଆଦିତ୍ୟ କୁମାର ପଣ୍ଡା ପରିଚାଳନା କରିଥିଲେ। ମୁଖ୍ୟବକ୍ତା ଭାବେ ଝାଡଖଣ୍ଡ ରାଞ୍ଚି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ମାଇକ୍ରୋବାୟୋଲୋଜି ବିଭାଗର ଡ଼.ରାଜ କିଶୋର ସାହୁ ଯୋଗଦେଇ ପ୍ରାଣାୟାମ ଓ ଯୋଗ ମାଧ୍ୟମରେ ଶରୀରକୁ ବିଭିନ୍ନ ରୋଗରୁ କିପରି ମୁକ୍ତ କରିହେବ ଏହାର ବୈଜ୍ଞାନିକ କାରଣ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏହି ସ୍ୱତନ୍ତ୍ର ବକ୍ତୃତା କାର୍ଯ୍ୟକ୍ରମରେ ବିଭାଗର ଅଧାପକ ଡ଼.ସୁଶୀଲ କୁମାର ପାତ୍ର, ଡ଼.ମନୋଜ କୁମାର ପଣ୍ଡା, ଡ଼. ସାସ୍ୱତ ସୌରଭ ମହାପାତ୍ର, ଡ଼.ଅନୀଲ ବେହେରା ଓ ତପନ କୁମାର ନାୟକ ପ୍ରମୁଖଙ୍କ ସମେତ ୧୪ ଗବେଷିକା ଗବେଷକ ଓ ୪୬ ଛାତ୍ରୀଛାତ୍ର ଯୋଗଦେଇଥିଲେ।

### ପୁଅ ପାଇଁ ଭୋଟ ଭିକ୍ଷା କଲେ ଉଷାଦେବୀ

ପାତ୍ରପୁର,୧୬।୪(ଉମା ଚରଣ ନେପାକ)

ଚିକିଟି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପାତ୍ରପୁର ବ୍ଲକର ଆଦିବାସୀ ଅଞ୍ଚଳରୁ ବିଜେଡି ପ୍ରଚାର ଆରମ୍ଭ କରିଛି। ମଙ୍ଗଳବାର ବୁରାତାଲ ପଞ୍ଚାୟତରେ ମନ୍ତ୍ରୀ ଉଷା ଦେବୀ ପହଞ୍ଚି ଚଳିତ ନିର୍ବାଚନରେ ପ୍ରାର୍ଥୀ ହୋଇଥିବା ତାଙ୍କ ପୁଅ ଚିନ୍ମୟାନନ୍ଦ ଶ୍ରୀରୂପ ଦେବଙ୍କ ପାଇଁ ଭୋଟ ଭିକ୍ଷା କରିଛନ୍ତି। ଉଷା ଦେବୀ ଓ ତାଙ୍କ ପୁଅ ଦଳୀୟ କର୍ମୀମାନଙ୍କ ସହ ତଳ ବୁରାତାଲଠାରେ ପହଞ୍ଚିବା ପରେ ଆଦିବାସୀମାନେ ପାରମ୍ପରିକ ରୀତିରେ ସ୍ୱାଗତ କରିଥିଲେ। ଏହାପରେ ସେମାନେ ଅଣ୍ଡଅଣ୍ଡା ଗ୍ରାମ ପରିକ୍ରମା କରିବା ସହ ଭୋଟ ଭିକ୍ଷା କରିଥିଲେ। ପରେ ଆୟୋଜିତ ଏକ ସଭାରେ ଉଭୟେ ଭାଷଣ ଦେଇ ଅଞ୍ଚଳରେ ନବୀନ ସରକାର ଲୋକଙ୍କୁ ଯୋଗାଇଥିବା ବିଭିନ୍ନ ସହାୟତା ସହିତ ଉନ୍ନୟନ ସମ୍ପର୍କରେ କହି ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାପରିଷଦ ସଭ୍ୟା ଯଶୋଦା ଶବର, ବରିଷ୍ଠ ବିଜେଡି ନେତା ସଚ୍ଚିଦାନନ୍ଦ ରାଜଗୁରୁ, ଉଦୟ ନାଥ ପ୍ରଧାନ, ପ୍ରଦୀପ ପାତ୍ର, ବାପୁଜୀ ବିଷୋୟୀ ପ୍ରମୁଖ ମଞ୍ଚାସିନ ଥିଲେ। ପରେ ଜରଡା ରଥ ଦାଣ୍ଡଠାରେ ମଧ୍ୟ ସଭା ହୋଇଥିଲା।

# କିଶୋରପ୍ରସାଦ କ୍ରିକେଟ୍ କ୍ଲବ୍ ଚାମ୍ପିୟନ

## ବାଣପୁରରେ ରାତ୍ରକାଳୀନ କ୍ରିକେଟ୍ ଟୁର୍ନାମେଣ୍ଟ



ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇଥିବା ଅତିଥି ।

ଖଣ୍ଡପଡ଼ା,୧୬।୪(ଅଜୟ କୁମାର ମହାରଣା)–ଖଣ୍ଡପଡ଼ା ବ୍ଲକ୍ ଅଧୀନ ବଡ଼ବାଣପୁର ପଞ୍ଚାୟତସ୍ଥିତ ମହାଦେବ ସାହିରେ ସୋମବାରରେ ଏକ ରାତ୍ରକାଳୀନ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୮ଟି ଟିମ୍ ଅଂଶ ଗ୍ରହଣ କରିଥିଲେ । ଗୌରୀଶଙ୍କର ଯୁବ କ୍ଲବ୍ ଆନୁକୂଲ୍ୟରେ ସ୍ଥାନୀୟ ରାମଚଣ୍ଡୀ ଖେଳପଡ଼ିଆରେ ଅନୁଷ୍ଠିତ ଏହି ଗ୍ରାମାଞ୍ଚଳ କ୍ରିକେଟ୍ ଟୁର୍ନାମେଣ୍ଟରେ କିଶୋରପ୍ରସାଦ କ୍ରିକେଟ୍ କ୍ଲବ ଅକୁରାବନ୍ଧ କ୍ରିକେଟ୍ ଟିମ୍‌କୁ ପରାସ୍ତ କରି ଚାମ୍ପିୟନ ହୋଇଛି । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବାଣପୁର ପୂର୍ବତନ ସରପଞ୍ଚ ପ୍ରଦୀପ କୁମାର କର ଓ ସମ୍ମାନୀତ ଅତିଥି ଯୋଗିଆ ପ୍ରଧାନ ଯୋଗଦେଇ ଖେଳାଳୀ ଓ ଆୟୋଜକଙ୍କୁ ଉତ୍ସାହିତ କରିଥିବା ବେଳେ ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ଚନ୍ଦ୍ରମଣି ପ୍ରଧାନ ଓ ଶ୍ୱେତାମ୍ବର ପ୍ରଧାନ ଖେଳକୁ ପରିଚାଳନା କରିଥିଲେ ।

# ଦରଦାଠାରେ ବାସନ୍ତିକ ଦୁର୍ଗାପୂଜା ଆରମ୍ଭ



ମହିଷାଶୁଣୀ ପୀଠ ।

ଖଣ୍ଡପଡ଼ା,୧୬।୪(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଜଗନ୍ନାଥପ୍ରସାଦ ପଞ୍ଚାୟତ ଅଧୀନ ଦରଦା ଗ୍ରାମସ୍ଥିତ ମହିଷାଷୁଣୀ ପୀଠରେ ମଙ୍ଗଳବାର ଚୈତ୍ର ଅଷ୍ଟମୀଠାରୁ ୩ ଦିନ ବ୍ୟାପୀ ବାସନ୍ତୀକ ଦୁର୍ଗାପୂଜା ପାରମ୍ପରିକ ରୀତିରେ ଆରମ୍ଭ ହୋଇଛି । ଏହି ଅବସରରେ ଦରଦା ଗ୍ରାମବାସୀଙ୍କ ପକ୍ଷରୁ ୩ଦିନ ବ୍ୟାପୀ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ । ପ୍ରଥମ ଦିନ ଠାକୁରାଣୀଙ୍କୁ ଗ୍ରାମ ପରିକ୍ରମା କରାଯାଇଥିଲା । ଏ ଉତ୍ସବ ପାଇଁ ମେଳା ପଡ଼ିଆରେ ବିଭିନ୍ନ ଦୋକାନ ବଜାର ଖୋଲିଛି । ବ୍ୟବସାୟୀମାନେ ଏଠାରେ ଦୋକାନ ଖୋଲିଛନ୍ତି । ଚଳିତ ବର୍ଷ ଭଲ ବ୍ୟବସାୟ ହେବ ବୋଲି ବ୍ୟବସାୟୀମାନେ କହିଛନ୍ତି ।

# କାଠରେ ରାମଲାଲା ପ୍ରତିମୂର୍ତ୍ତି

ବ୍ରହ୍ମପୁର,୧୬।୪(ସ୍ମୃତି ରଂଜନ ମହାଲିକ)

ରାମନବମୀ ଅବସରରେ ବାଲୁକା ଶିଳ୍ପୀ ସତ୍ୟ ନାରାୟଣ ମହାରଣା କାଠରେ ରାମଲାଲାଙ୍କ କ୍ଷୁଦ୍ର ପ୍ରତିମୂର୍ତ୍ତି ନିର୍ମାଣ କରିଛନ୍ତି। ଯାହାକି ଅଯୋଧ୍ୟାରେ ସ୍ଥାପିତ ରାମଲାଲାଙ୍କ ଅବିକଳ ପ୍ରତିମୂର୍ତ୍ତି ଭଳି ଶୋଭା ପାଉଛି । ଯାହାକୁ ନିର୍ମାଣ କରିବାକୁ ୪ ଦିନ ସମୟ ଲାଗିଥିବା ସତ୍ୟ କହିଛନ୍ତି। ପ୍ରତିମୂର୍ତ୍ତିର ଉଚ୍ଚତା ୫.୫ ଇଞ୍ଚ ଓ ଓସାର ୪ ଇଞ୍ଚ ରହିଛି। ଏହି ପ୍ରତିମୂର୍ତ୍ତି ଚତୁଃପାର୍ଶ୍ୱରେ ଦଶ ଅବତାର ଓ ହନୁମାନ, ଗରୁଡ଼, ଓମ, ସ୍ୱସ୍ତିକ, ଶଙ୍ଖ, ଚକ୍ର ଶୋଭା ପାଉଛି ।



ସତ୍ୟ ନିର୍ମାଣ କରିଥିବା ରାମ ଲାଲାଙ୍କ ପ୍ରତିମୂର୍ତ୍ତି ।

# ମେଡିକାଲ ଶୌଚାଳୟରୁ ରୋଗୀଙ୍କ ଝୁଲନ୍ତା ମୃତଦେହ ଜବତ

କଟକ,୧୬।୪ (କାର୍ତ୍ତିକ ସାହୁ)

କଟକସ୍ଥିତ ଆଚାର୍ଯ୍ୟ ହରିହରି ସ୍ନାତକୋତ୍ତର କର୍କଟ ରୋଗ ପ୍ରତିଷ୍ଠାନର ଶୌଚାଳୟରୁ ମଙ୍ଗଳବାର ସନ୍ଧ୍ୟାରେ ଜଣେ ରୋଗୀଙ୍କ ଝୁଲନ୍ତା ମୃତଦେହ ମଙ୍ଗଳାବାଗ ପୋଲିସ ଜବତ କରିଛି। ମୃତା ମହିଳା ହେଲେ ନୟାଗଡ଼ ଜିଲା ଓଡ଼ଗାଁର ଲଳିତା ପଡ଼ିହାରୀ(୪୪)। ପୋଲିସ ସୂଚନା ଅନୁଯାୟୀ, ଓଡ଼ଗାଁର ପଦ୍ମନାଭ ପଡ଼ିହାରୀଙ୍କ ସ୍ତ୍ରୀ ଲଳିତା ଦୀର୍ଘଦିନ ଧରି ଯକୃତ କର୍କଟ ରୋଗରେ ଆକ୍ରାନ୍ତ ଥିଲେ। ସେ ବିଭିନ୍ନ ଡାକ୍ତରଖାନାରେ ପୂର୍ବରୁ ଚିକିତ୍ସିତ ହେଉଥିଲେ। ସେ ପେଟରେ ଅସହ୍ୟ ଯନ୍ତ୍ରଣା ଅନୁଭବ କରିବାରୁ ପ୍ରଥମଥର ପାଇଁ ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ପ୍ରତିଷ୍ଠାନକୁ ଚିକିତ୍ସା ପାଇଁ ଆସିଥିଲେ। ତାଙ୍କ ସ୍ୱାମୀ ଓ ଭଉଣୀ ମଧ୍ୟ ତାଙ୍କ ସହିତ ଆସିଥିଲେ। ତାଙ୍କୁ କର୍କଟ ରୋଗ ପ୍ରତିଷ୍ଠାନର ଜରୁରିକାଳୀନ ୱାର୍ଡରେ ପ୍ରଥମେ ଭର୍ତ୍ତି କରାଯାଇଥିଲା। ସନ୍ଧ୍ୟାରେ ଡାକ୍ତର ତାଙ୍କୁ କର୍କଟ ୱାର୍ଡକୁ ସ୍ଥାନାନ୍ତର କରିବାକୁ ପରାମର୍ଶ ଦେଇଥିଲେ। ସନ୍ଧ୍ୟା ପ୍ରାୟ ୬ଟାରେ ସେ ଶୌଚ ଯିବାକୁ କହି ଶୌଚାଳୟକୁ ଯାଇଥିଲେ। ହେଲେ ଦୀର୍ଘ ସମୟ ଧରି ସେ ଶୌଚାଳୟରୁ ଫେରି ନ ଥିଲେ। ଫେରିବା ଡେରି ହେବାରୁ ଶୌଚାଳୟ କବାଟ ଭାଙ୍ଗି ଦେଖିବାରୁ ସେ ନିଜ ପିନ୍ଧା ଲୁଗା ବାନ୍ଧି ଝୁଲି ପଡ଼ିଥିଲେ। ଖବରପାଇ ମଙ୍ଗଳାବାଗ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ବୈଦ୍ୟୁତିକ ବିଜ୍ଞାନ କର୍ମଶାଳା

ବ୍ରହ୍ମପୁର,୧୬।୪(ତନୁଶ୍ରୀ ନାହାକ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ବୈଦ୍ୟୁତିକ ବିଜ୍ଞାନ ବିଭାଗ ସେମିନାର ହଲ ଠାରେ ମଙ୍ଗଳବାର ଆଭାସୀ ମାଧ୍ୟମରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। କୁଳପତି ପ୍ରଫେସର ଗୀତାଜଂଳି ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ କୋଲକାତା ଆଇଆରପିଇ ୟୁନିଭର୍ସିଟି ଅବସରପ୍ରାପ୍ତ ଅଧ୍ୟାପକ ଡ଼. ପି.କେ. ବାସୁ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ବୈଦ୍ୟୁତିକ ବିଜ୍ଞାନ ବିଭାଗର ଅବସରପ୍ରାପ୍ତ ଅଧ୍ୟାପକ ପ୍ରଫେସର ଆର.କେ. ମିଶ୍ର ଉପସ୍ଥିତ ଥିଲେ। ଭାରତୀୟ ବୈଦ୍ୟୁତିକ ପ୍ରଯୁକ୍ତିବିଦ୍ୟାର ବିକାଶ ଓ ବର୍ତ୍ତମାନ ବିଶ୍ୱ ସ୍ତରରେ ଭାରତର ପ୍ରଦର୍ଶନ ଉପରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମକୁ ପିଜି କାଉନସିଲ ଅଧକ୍ଷ ପ୍ରଫେସର ସୁଶାନ୍ତ କୁମାର ବରାଳ ପରିଚାଳନା କରିଥିଲେ।

# ବସ୍ ଦୁର୍ଘଟଣାର ୪ ମୃତକଙ୍କ ପରିଚୟ ମିଳିଲା

- ମୃତଦେହ ନେଲେ ସମ୍ପର୍କୀୟ
- ଜଣକ ପରିଚୟ ମିଳି ପାରିନାହିଁ
- ଧର୍ମଶାଳା ମେଡିକାଲ ପରିସରରେ ଶୋକାକୁଳ ପରିବେଶ

**ଧର୍ମଶାଳା/କାଏମା,୧୬।୪(ବଟକୃଷ୍ଣ ପରିଡ଼ା/ଶିବପ୍ରସାଦ ମହାନ୍ତି):**

ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥର ବାରବାଟୀ ଛକରେ ବସ୍ ଦୁର୍ଘଟଣାରେ ପ୍ରାଣ ହରାଇଥିବା ୫ ଯାତ୍ରୀଙ୍କ ମଧ୍ୟରୁ ୪ଜଣଙ୍କ ପରିଚୟ ମିଳିଛି। ଜଣକ ପରିଚୟ ମିଳିପାରିନାହିଁ। ମଙ୍ଗଳବାର ଧର୍ମଶାଳା ଡାକ୍ତରଖାନାରେ ସମସ୍ତ ୫ଜଣଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ୪ଜଣଙ୍କ ମୃତଦେହ ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପରିଚୟ ମିଳି ନ ଥିବା ମୃତଦେହକୁ ଶବାଗାରରେ ରଖାଯାଇଛି। ମୃତଦେହଟି ଚିହ୍ନଟ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଧର୍ମଶାଳା ଥାନା ଅଧିକାରୀ ସୂଚନା ଦେଇଛନ୍ତି। ଡାକ୍ତରଖାନାରେ ଧର୍ମଶାଳା ଥାନା ଏସ୍‌ଆଇ ଅସିତ ବଳବନ୍ତରାୟ ଓ ଅନିତା ଜେନା ଏବଂ ପଶ୍ଚିମବଙ୍ଗ ପୋଲିସ ଏଏସ୍‌ଆଇ ତାପସ ଦାସଙ୍କ ସହଯୋଗରେ ମୃତକଙ୍କ ପରିବାର ଲୋକଙ୍କ ଆଧାର କାର୍ଡରୁ ପରିଚୟ ଯାଞ୍ଚ କରାଯାଇଥିଲା। ମୃତକଙ୍କ ଆତ୍ମୀୟ ଲୋକଙ୍କଠାରୁ ପରିଚୟ ମିଳିବାପରେ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା।

ଚିହ୍ନଟ ହୋଇଥିବା ୪ ମୃତଦେହ ପଶ୍ଚିମବଙ୍ଗର ବୋଲି ଜଣାପଡ଼ିଛି। ସେମାନେ ହେଲେ ଉତ୍ତମ ମାଇତି (୪୫), ଅଚିନ୍ତା ମାଇତି (୬୩), ବର୍ଣ୍ଣାଳୀ ଦାସ (୩୮) ଓ ମନୋଜ ଘୋଷ(୪୭)। ଏହି ଦୁର୍ଘଟଣାରେ ଆହତମାନେ ଗୌର ଦାସ, ନିଳିମା ମାଟି, ଚନ୍ଦନ ଦାସ, ମନିଷା ମଣ୍ଡଳ, ଏବୋ ବିବି, ରୀନା ବିବି, ପୂର୍ଣ୍ଣଚନ୍ଦ୍ର ଦାସ, ଅର୍ଚ୍ଚନା ଭୋଇ, ସୁହାନା ବିବି, ଅର୍ଜ୍ଜୁନ ସେଠୀ, ଦିପି, ଅଶୋକ ଜେନା, କାହ୍ନୁ ଘୋଷ, ପାପା ସିଂ, ରାଜେନ୍ଦ୍ର ଦାସ, ଅନାଦି ଜେନା, ଗୌତମ ମଣ୍ଡଳ, ଗୁକୁଲ ଆଚାର୍ଯ୍ୟ, ଭାରତ ମଣ୍ଡଳ, ସୁଶାନ୍ତ ପାତ୍ର, ଅବସୁଦ ଖାଁ ଓ ଶୁଭମ ଜେନା ବୋଲି ଜଣାଯାଇଛି।

ଅନ୍ୟପକ୍ଷରେ ବସରେ ରହିଯାଇଥିବା ଆସବାବପତ୍ରଗୁଡ଼ିକୁ ପୋଲିସ ଉଦ୍ଧାର କରିଥାନାକୁ ଆଣିଥିବାବେଳେ ଅଧିକାଂଶ ଲୋକେ ଥାନାରେ ପହଞ୍ଚି ସେମାନଙ୍କ ଆସବାବପତ୍ର ନେଇଛନ୍ତି। ସୋମବାର ଦୁର୍ଘଟଣା ସମ୍ପର୍କରେ ବାରବାଟୀ ସରପଞ୍ଚ ଧର୍ମଶାଳା ପୋଲିସକୁ ଜଣାଇଥିଲେ। ଏହାକୁ ଭିତ୍ତିକରି ପୋଲିସ ନଂ.୨୮୩।୨୪ରେ ଏକ ମାମଲା ରୁଜୁ କରିଛି। ବାଲେଶ୍ୱର ଅଞ୍ଚଳର ସମ୍ପୃକ୍ତ ଦୁର୍ଘଟଣାଗ୍ରସ୍ତ ବସ୍ ଓଡି-୦୨-ବିଜେ-୮୫୯୯ର ମାଲିକ ଥାନାରେ ପହଞ୍ଚି ପୋଲିସକୁ ସହାୟତା କରିଥିବା ଜଣାଯାଇଛି। ଦୁର୍ଘଟଣା ପରେ ପରିବହନ ଅତିରିକ୍ତ ସଚିବ ଲାଲମୋହନ ସେଠୀ ପହଞ୍ଚି ଦୁର୍ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯିବ ବୋଲି କହିଥିଲେ। ଦୁର୍ଘଟଣାଗ୍ରସ୍ତ ବସଟିକୁ ପୋଲିସ ଜବତ କରି ଜାରକା ବିଟ ହାଉସ ନିକଟରେ ରଖିଥିବାବେଳେ ମଙ୍ଗଳବାର ଚଣ୍ଡିଖୋଲ ଆରଟିଓ ସମିତ କୁମାର ଓ କଟକ ଏସଟିଏ ଟିମ୍ ଆସି ବସକୁ ଯାଞ୍ଚ କରିବା ସହିତ ସ୍ଥାନୀୟ ଲୋକମାନଙ୍କୁ ପଚରାଉଚରା କରିଛନ୍ତି।

ସୂଚନା ମୁତାବକ, ପୁରୀରୁ ପଶ୍ଚିମବଙ୍ଗର ହଳଦିଆକୁ ଯାଉଥିବା 'କାଳିଆନନା' ନାମକ ଘରୋଇ ବସ୍ ବାରବାଟୀ ଛକ ଓଭର ବ୍ରିଜ୍‌ରୁ ୨୦ ଫୁଟ୍ ତଳକୁ ଖସି ପଡ଼ିଥିଲା। ଫଳରେ ଘଟଣାସ୍ଥଳରେ ୫ଜଣଙ୍କ ମୃତ୍ୟୁ ହୋଇଥିଲା। ୪୦ ଜଣ ଯାତ୍ରୀ ଆହତ ହୋଇଥିଲେ।



ଜାରକା ପୋଲିସ ଫାଣ୍ଡି ନିକଟରେ ଦୁର୍ଘଟଣାଗ୍ରସ୍ତ ବସ୍ ରଖାଯାଇଛି।

## ଯାଜପୁର ବସ୍ ଦୁର୍ଘଟଣାକୁ ନେଇ ଏନ୍ଏଚ୍ଆର୍‌ସିରେ ପିଟିଶନ ଦାଏର

### ମୃତକଙ୍କ ପରିବାକରୁ ୩୦ ଲକ୍ଷ କ୍ଷତିପୂରଣ ପ୍ରଦାନ ଦାବି

**କଟକ,୧୬।୪ (କାର୍ତ୍ତିକ ସାହୁ)**

ଯାଜପୁର ଜିଲା ବାରବାଟୀ ଛକ ନିକଟ ଓଭରବ୍ରିଜଠାରେ ସୋମବାର ରାତିରେ ଘଟିଥିବା ଯାତ୍ରୀବାହୀ ବସ୍ ଦୁର୍ଘଟଣାକୁ ନେଇ ଜାତୀୟ ମାନବାଧିକାର କମିଶନ (ଏନ୍ଏଚ୍ଆର୍‌ସି)ଙ୍କ ନିକଟରେ ପିଟିଶନ୍ ଦାଏର ହୋଇଛି। ନ୍ୟାୟ ପାଇଁ ଲଢେଇ ପରିବାର ଅନୁଷ୍ଠାନର ରାଜ୍ୟ ସଭାପତି ସୁବ୍ରତ କୁମାର ଦାଶ ଏହି ପିଟିଶନ୍ ଦାଏର କରି ମୃତାହତଙ୍କୁ କ୍ଷତିପୂରଣ ଯୋଗାଇ ଦେବା ପାଇଁ ଆବେଦନ କରିଛନ୍ତି। ଏହି ଦୁର୍ଘଟଣାରେ ମୃତକଙ୍କ ପରିବାରକୁ ୩୦ ଲକ୍ଷ ଟଙ୍କା ଲେଖାଏ ଓ ଆହତମାନଙ୍କୁ ଉପଯୁକ୍ତ ଚିକିତ୍ସାସେବା ଯୋଗାଇଦେବା ସହ ୧୦ ହଜାର ଟଙ୍କା ଲେଖାଏ କ୍ଷତିପୂରଣ ପ୍ରଦାନ ନିମନ୍ତେ ସେ ପିଟିଶନ୍‌ରେ ଦର୍ଶାଇଛନ୍ତି। ଏଭଳି ସମ୍ବେଦନଶୀଳ ଘଟଣାରେ କମିଶନ ହସ୍ତକ୍ଷେପ କରି ଉଚ୍ଚସ୍ତରୀୟ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ନେବାକୁ ମଧ୍ୟ ସେ ପିଟିଶନ୍‌ରେ ଦର୍ଶାଇଛନ୍ତି। ଏଥିରେ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଯାଜପୁର ଜିଲାପାଳ ଓ ପରିବହନ ବିଭାଗ କର୍ତ୍ତୃପକ୍ଷଙ୍କୁ ପକ୍ଷଭୁକ୍ତ କରାଯାଇଛି।

### ଛୁଟି ପକାଇବାକୁ ପୁରୀ ଆସିଥିଲେ

ମୃତକ ଅଚିନ୍ତା ମାଇତିଙ୍କ ଶାଳକ ସମରେଶ ମଣ୍ଡଳ କହିଛନ୍ତି, ମେଦିନପୁରରୁ ଅଚିନ୍ତା ଓ ତାଙ୍କ ପରିବାରର ୭ ଜଣ ନାତିର ଛୁଟି ପକାଇବା ପାଇଁ ଧଉଳି ଟ୍ରେନ ଯୋଗେ ପୁରୀ ଆସିଥିଲେ। ସେଠାରେ କାମ ସାରି ସୋମବାର ଘରକୁ ଯିବା ପାଇଁ କାଳିଆନନା ବସରେ ବସିଥିଲେ। ପରେ ସମରେଶଙ୍କ ପାଖକୁ ଅଚିନ୍ତାଙ୍କ ନମ୍ବରରୁ କଲ ଆସିଥିଲା। ବସଟି ଦୁର୍ଘଟଣା ହୋଇଥିବା ଶୁଣି ସେମାନେ ରାତାରାତି ଆସି ପ୍ରଥମେ କଟକ ମେଡିକାଲରେ ପହଞ୍ଚିଥିଲେ। ସେଠାରେ ୬ ଜଣଙ୍କୁ ପାଇଥିଲେ। ଆଉ ଦୁଇ ଜଣଙ୍କ ନ ପାଇ ଧର୍ମଶାଳା ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ। ପୋଲିସ ସହ ଯୋଗାଯୋଗ ପରେ ଫୋଟୋ ମାଧ୍ୟମରେ ତାଙ୍କ ଭିଣୋଇ ଅଚିନ୍ତାଙ୍କ ମୃତ୍ୟୁ ହୋଇଥିବା ଜାଣିବାକୁ ପାଇଥିଲେ। ଆଉ ଜଣେ ବୃଦ୍ଧ ମଧ୍ୟ କଟକ ଆଇସିୟୁରେ ଥିବା ଖବର ପାଇଥିଲେ।

ସେହିପରି ଆଉ ଜଣେ ମୃତ ମହିଳା ବର୍ଣ୍ଣାଳୀ ଦାସଙ୍କ ସମ୍ପର୍କୀୟ ରବୀନ୍ଦ୍ର ନାଥ ଗିରି କହିଛନ୍ତି, ବର୍ଣ୍ଣାଳୀ ତାଙ୍କ ସ୍ୱାମୀଙ୍କ ସହ କଟକ ମେଡିକାଲ ଆସିଥିଲେ ଏକ ଟ୍ୟୁମର ଅପରେସନ ଲାଗି। ଅନ୍ୟ ତାରିଖସ୍ଥିର ହେବାରୁ ସେ ଓ ତାଙ୍କ ସ୍ୱାମୀ ଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ପୁରୀ ଯାଇଥିଲେ। ସମାନ ଭାବେ ସେ ମଧ୍ୟ ବସରେ ବସି ଘରକୁ ଫେରୁଥିଲେ। କିନ୍ତୁ କିଏ ବା ଜାଣିଥିଲା ବାରବାଟି ଛକରେ ଯମ ତାଙ୍କୁ ନେବା ପାଇଁ ଅପେକ୍ଷା କରିଛି। ଦୁର୍ଘଟଣାରେ ବର୍ଣ୍ଣାଳୀଙ୍କ ମୃତ୍ୟୁ ହୋଇଥିବା ବେଳେ ତାଙ୍କ ସ୍ୱାମୀଙ୍କ ଅବସ୍ଥା ଗୁରୁତର ଅଛି। ସେ ମଧ୍ୟ ଆଇସିୟୁରେ ଅଛନ୍ତି। ଅନ୍ୟ ସମ୍ପର୍କୀୟମାନଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ। କାନ୍ଦବୋବାଳିରେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଚନ୍ଦ୍ରଶେଖର


@ ପ୍ରଶାନ୍ତ


@ ତାପସ


@ ତିଳୋତ୍ତମା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


ପାଣିକୋଇଲିରେ ମା' ବାସନ୍ତୀ ଦୁର୍ଗା।

## ଷଠିପୁର, ପାଣିକୋଇଲିରେ ବାସନ୍ତୀ ଦୁର୍ଗାପୂଜା

**ପାଣିକୋଇଲି,୧୬।୪(ବିକାଶ ମଲ୍ଲିକ):**

କୋରେଇ ବ୍ଲକ୍ ଅଧୀନ ଷଠିପୁର ଓ ପାଣିକୋଇଲିର ବିଭିନ୍ନସ୍ଥାନରେ ବାସନ୍ତୀ ଦୁର୍ଗାପୂଜା ଆରମ୍ଭ ହୋଇଛି। ଷଠିପୁର ବଜାର ସମେତ ପାଣିକୋଇଲି ପଞ୍ଚାୟତର ଶର୍ମା ଟାଙ୍ଗି ନିକଟରେ ସ୍ୱତନ୍ତ୍ର ମଣ୍ଡପରେ ମା'ଙ୍କ ପୂଜା କରାଯାଉଛି। ଷଠିପୁରଠାରେ ପୀଠ ପୂଜକ ନାରାୟଣ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୂଜା କରାଯାଉଛି। ସେହିପରି ପାଣିକୋଇଲିଠାରେ ଅକ୍ଷୟ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ପୂଜା କରାଯାଉଛି। କର୍ତ୍ତାଭାବେ ଆନନ୍ଦ ଚନ୍ଦ୍ର ଓଝା ଓ ନୀଳମଣୀ ସ୍ୱାଇଁ କାର୍ଯ୍ୟ ତୁଲାଉଛନ୍ତି। ଷଠିପୁର ଓ ପାଣିକୋଇଲି ଅଞ୍ଚଳର ବହୁ ବ୍ୟବସାୟୀକ ପ୍ରତିଷ୍ଠାନ ଏବଂ ସ୍ଥାନୀୟ ବାସିନ୍ଦା ପୂଜାର୍ଚ୍ଚନାରେ ସହଯୋଗ କରୁଛନ୍ତି।


ଗୁମ୍ଫା ଛକରେ ମା' ବାସନ୍ତୀ ଦୁର୍ଗାଙ୍କୁ ପୂଜାର୍ଚ୍ଚନା।


ଷଠିପୁରରେ ବାସନ୍ତୀ ଦୁର୍ଗା।

## ଗୁମ୍ଫାଛକରେ ବାସନ୍ତୀ ଦୁର୍ଗା ପୂଜା

**ବିଞ୍ଝାରପୁର,୧୬।୪(ରାମକୃଷ୍ଣ ଦାସ):**

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ମାଁସଡ଼ା ପଞ୍ଚାୟତ ଗୁମ୍ଫା ଛକରେ ବଜାର କମିଟି ପକ୍ଷରୁ ବାସନ୍ତୀ ଦୁର୍ଗାପୂଜା ଅନୁଷ୍ଠିତ ହେଉଛି। କମିଟି ସମ୍ପାଦକ ସୁରଥ କର ସଙ୍କଳ୍ପ କରିଛନ୍ତି। ପୀଠରେ ମୁଖ୍ୟପୂଜକ ପଣ୍ଡିତ ଚନ୍ଦନ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗଜାନନ ପତି, ପର୍ଶୁରାମ ପଣ୍ଡାଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଉଛି। ଏହି କାର୍ଯ୍ୟକ୍ରମ ୪ ଦିନ ବ୍ୟାପୀ ଅନୁଷ୍ଠିତ ହେବ। ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। କାର୍ଯ୍ୟକ୍ରମକୁ କମିଟି ପକ୍ଷରୁ ରାମଚନ୍ଦ୍ର ସ୍ୱାଇଁ, ପରମେଶର ପାଣିଗ୍ରାହୀ, ଅନନ୍ତ କୁମାର ସାହୁ, ଜୟପ୍ରକାଶ ପଣ୍ଡା, ଅକ୍ଷୟ ବିଶ୍ୱାଳ, ଆଲୋକ ବାରିକ, ଲୋକନାଥ ଦାଶ, ଅମରେଶ ପଣ୍ଡା, ସୁବାସ ସାହୁ, ନକୁଳ ପଣ୍ଡା, ବିଶ୍ୱନାଥ ଦାସ, ସତ୍ୟାନନ୍ଦ ଦାଶ, କମଳଲୋଚନ ପଣ୍ଡା, ଅଜିତ ଜେନା, ମନୋଜ ସାହୁ, ଅଶୋକ ଜେନା, ଧୀରେନ୍ଦ୍ର ଦାସ, ସୁବାସ ପଣ୍ଡା, ସଞ୍ଜୟ ଦାସ ଓ ଦିନବନ୍ଧୁ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରୁଛନ୍ତି।

## ବଡ଼ତଇଳାରେ ମା' ବାସନ୍ତୀ ଦୁର୍ଗାପୂଜା



**ରାଜକନିକା,୧୬।୪(ସଞ୍ଜୟ କୁମାର ଦାଶ):** ରାଜକନିକା ବ୍ଲକ ବାଘବୁଦା ପଞ୍ଚାୟତର ବଡ଼ତଇଳା ଗାଁରେ ମା' ବାସନ୍ତୀ ଦୁର୍ଗାପୂଜା ଚାଲିଛି। ରବିବାର ମହାବିଷୁବ ସଂକ୍ରାନ୍ତିରେ ବିଲ୍ୱାଧିବାସ ଷଷ୍ଠୀ ପୂଜାରୁ ଆରମ୍ଭ ହୋଇଥିବା ଏହି ପୂଜା ସୋମବାର ସପ୍ତମୀ ପୂଜା, ମଙ୍ଗଳବାର ଅଷ୍ଟମୀ ପୂଜା (ଅଶୋକାଷ୍ଟମୀ), ବୁଧବାର ନବମୀ ପୂଜା(ଶ୍ରୀରାମ ନବମୀ) ଓ ଗୁରୁବାର ଦଶମୀ ପୂଜା ହେବ। ପ୍ରଚଣ୍ଡ ରୌଦ୍ରତାପ ସତ୍ତ୍ୱେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା।

## ଜଗଦମ୍ବା ମଠରେ ବାସନ୍ତିକ ଦୁର୍ଗାପୂଜା

**ଡେରାବିଶ,୧୬।୪ (ବେବର୍ତ୍ତା ଅଜୟ ଦାସ)**



ଡେରାବିଶ ବ୍ଲକ ପଲେଇ ପଞ୍ଚାୟତ ଅନ୍ତର୍ଗତ ଜଗଦମ୍ବା ମଠ ପରିସରରେ ବାସନ୍ତିକ ଦୁର୍ଗାପୂଜା ଅନୁଷ୍ଠିତ ହେଉଛି। ଆଶ୍ରମ ପରିସରରେ ୧୪ ତାରିଖ ମହାଷଷ୍ଠୀ ତିଥିଠାରୁ ମା' ବାସନ୍ତିକ ପୂଜା ଆରମ୍ଭ ହୋଇଛି। ଏହି ଅବସରରେ ୧୫ତାରିଖ ମହାସପ୍ତମୀ ତିଥିରେ ଆଶ୍ରମ ପରିସରରେ ଥିବା ମା' ଦକ୍ଷିଣ କାଳୀଙ୍କ ମନ୍ଦିର ପ୍ରାଙ୍ଗଣରେ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ଏହି ଉପଲକ୍ଷେ ସୋମବାର ପୂର୍ବାହ୍ନରୁ ସ୍ଥାନୀୟ ଅଞ୍ଚଳର ମହିଳାମାନେ ନିକଟସ୍ଥ ଜଳାଶୟରୁ ଶୁଭ କଳସ ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ପରେ ଘଟ ସ୍ଥାପନ, ଚକ୍ଷୁଦାନ, ପ୍ରାଣ ପ୍ରତିଷ୍ଠା, ମହାସ୍ନାନ ଏବଂ ମହାସପ୍ତମୀ ପୂଜା ଓ ଯଜ୍ଞକୁଣ୍ଡରେ ଅଗ୍ନିସ୍ଥାପନ କରାଯାଇଥିଲା। ଏହି ଅବସରରେ ସନ୍ଧ୍ୟାରେ ଭାଇଲପୁରର ମା' ବାଇଦେଇ ଦୃଷ୍ଟିହୀନ ସେବା ସଂଘର ଦୃଷ୍ଟିହୀନ କଳାକାରମାନଙ୍କ ଦ୍ୱାରା ଭାବପୂର୍ଣ୍ଣ ଭଜନ ପରିବେଶଣ ଉପସ୍ଥିତ ଶ୍ରଦ୍ଧାଳୁଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ମଙ୍ଗଳବାର ବିଶ୍ୱଶାନ୍ତି ମହାଯଜ୍ଞର ଦ୍ୱିତୀୟ ଦିବସ ଥିବା ବେଳେ ମା'ଙ୍କ ମହାଷ୍ଟମୀ ପୂଜା ଓ ସନ୍ଧି ପୂଜା ଦେଖିବା ପାଇଁ ସ୍ଥାନୀୟ ଅଞ୍ଚଳରୁ ଶ୍ରଦ୍ଧାଳୁମାନଙ୍କ ଗହଳି ପରିଲକ୍ଷିତ ହୋଇଥିଲା।

## ଛକାପଞ୍ଝାରେ କେନ୍ଦ୍ରାପଡ଼ା ବିଧାନସଭା ପ୍ରାର୍ଥୀତ୍ୱ

### ଜିଲାରେ ନବାଗତଙ୍କୁ ସୁଯୋଗ ଦେଇଛି ବିରୋଧୀ

**କେନ୍ଦ୍ରାପଡ଼ା, ୧୬।୪ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ଜିଲାର ୫ ବିଧାନସଭା କ୍ଷେତ୍ର। ଏଥିରୁ ୪ଟିରେ ଚଳିତ ସାଧାରଣ ନିର୍ବାଚନ ପାଇଁ ରାଜ୍ୟର ପ୍ରମୁଖ ରାଜନୈତିକ ଦଳ ପକ୍ଷରୁ ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇଛି। ମାତ୍ର କେନ୍ଦ୍ରାପଡ଼ା ବିଧାନସଭା କ୍ଷେତ୍ର ପାଇଁ ଅଦ୍ୟାବଧି ରାଜ୍ୟର ପ୍ରମୁଖ ୩ ରାଜନୈତିକ ଦଳ ପକ୍ଷରୁ କୌଣସି ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇନାହିଁ। ତେବେ ଶାସକ ଓ ବିରୋଧୀ ଦଳ ପକ୍ଷରୁ ପ୍ରାର୍ଥୀତ୍ୱକୁ ନେଇ ଛକାପଞ୍ଝା ଚାଲିଛି। ବିଧାୟକ ପ୍ରାର୍ଥୀ ଚୟନ ଶେଷ ମୁହୂର୍ତ୍ତରେ ନିଷ୍ପତ୍ତି ନିଆଯାଉଥିବାରୁ ସମସ୍ୟା ଅଧିକ କରିବ ବୋଲି ରାଜନୈତିକ ବିଶ୍ଳେଷକମାନେ ମତ ରଖିଛନ୍ତି। ଅପରପକ୍ଷରେ ଶାସକ ବିଜେଡି ପାଟକୁରା ବ୍ୟତୀତ ଜିଲାର ମହାକାଳପଡ଼ା, ରାଜନଗର ଓ ଆଳି କ୍ଷେତ୍ରରେ ପୁରୁଣା ବିଧାୟକଙ୍କୁ ପୁନର୍ବାର ସୁଯୋଗ ଦେଇଛି। ବିରୋଧୀ କଂଗ୍ରେସ ଓ ଭାଜପା ନବାଗତଙ୍କୁ ନିର୍ବାଚନ ମଇଦାନରେ ଓହ୍ଲାଇ ଜିଲାର ସମସ୍ୟାକୁ ଶାଣିତ ଭାବେ ଉଠାଇବାକୁ ରଣନୀତି କରିଛନ୍ତି, ଯାହା ଚଳିତ ନିର୍ବାଚନରେ ଜିଲା ରାଜନୀତିକୁ ସରଗରମ କରିଛି। ୨୦୦୯ ମସିହାରେ କେନ୍ଦ୍ରାପଡ଼ା ନିର୍ବାଚନମଣ୍ଡଳୀ କ୍ଷେତ୍ରକୁ ସଂରକ୍ଷିତ ଆସନ ଘୋଷଣା କରାଯାଇଥିଲା। ଏହା ପରଠାରୁ ବିଜେଡିର ଡ. ସିପ୍ରା ମଲ୍ଲିକ, କିଶୋର ଚନ୍ଦ୍ର ତରାଇ ଓ ପୂର୍ବତନ ମନ୍ତ୍ରୀ ଶଶିଭୂଷଣ ବେହେରା ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ନିର୍ବାଚନମଣ୍ଡଳୀରେ ଏବେ ଭୋଟରଙ୍କ ସଂଖ୍ୟା ୨,୨୮,୫୯୬। ପୁରୁଷଙ୍କ ସଂଖ୍ୟା ୧,୧୭,୯୪୧ ହୋଇଥିବା ବେଳେ ମହିଳାଙ୍କ ସଂଖ୍ୟା ୧,୧୦,୬୪୬। ୨୦୧୯ ନିର୍ବାଚନରେ ମହିଳାଙ୍କ ଭୋଟଦାନ ହାର ପୁରୁଷଙ୍କଠାରୁ ଅଧିକ ଥିଲା। ପଟ୍ଟାମୁଣ୍ଡାଇର ୧୨ ଓ କେନ୍ଦ୍ରାପଡ଼ା ବ୍ଲକ ଅଞ୍ଚଳର ୨୭ ପଞ୍ଚାୟତ ଓ ପୌରାଞ୍ଚଳକୁ ନେଇ ଗଠିତ ଏହି ନିର୍ବାଚନମଣ୍ଡଳୀରେ ଏବେ ଆଶାୟୀ ପ୍ରାର୍ଥୀଙ୍କ ମଧ୍ୟରେ କେତେବେଳେ ବିଭାଜିତ ତ କେତେବେଳେ ଏକାଠି ହୋଇ ସ୍ୱର ଉଠାଇବା କ୍ଷେତ୍ରୀୟ ରାଜନୀତିରେ ପ୍ରାର୍ଥୀତ୍ୱକୁ ବିଳମ୍ବିତ କରିଛି। ଶାସକ ଦଳର ପୂର୍ବତନ ବିଧାୟକ ଶଶିଭୂଷଣ ବେହେରା, ପୂର୍ବତନ ବିଧାୟିକା ଡ. ସିପ୍ରା ମଲ୍ଲିକ, ପୂର୍ବତନ ବିଧାୟକ କିଶୋର ଚନ୍ଦ୍ର ତରାଇ ପୁନର୍ବାର ଟିକେଟ ଆଶାୟୀ ଅଛନ୍ତି। ସେହିପରି ଜିଲା ଯୁବବିଜେଡି ସଭାପତି



ରାଜେଶ ଦାସ, ଜିଲା ପରିଷଦ ଅଧକ୍ଷା ଗୀତାଞ୍ଜଳି ସେଠୀ, ଇଂ. ମୁରଲୀଧର ସେଠୀ, ଦୁଷ୍ମନ୍ତ ମଲ୍ଲିକ ପ୍ରମୁଖ ଏହି ରେସ୍‌ରେ ରହିଛନ୍ତି। ତେବେ ନିକଟରେ କଂଗ୍ରେସର ବରିଷ୍ଠ ନେତା ଗଣେଶ୍ୱର ବେହେରା ଦଳ ବଦଳ କରି ବିଜେଡିରେ ଯୋଗଦେବା ପରେ ବିଜେଡିର ଆଶାୟୀ ପ୍ରାର୍ଥୀଙ୍କ ଆଶା ଧୀରେ ଧୀରେ ମିଳାଇ ଯାଇଛି। ଶାସକ ଦଳରୁ ଗଣେଶ୍ୱରଙ୍କୁ ବିଧାୟକ ପ୍ରାର୍ଥୀ ନ କରିବା ଦାବିରେ ଦଳୀୟ ଆଶାୟୀ ପ୍ରାର୍ଥୀ ଏକାଠି ହୋଇ ସଭାପତି ନବୀନ ପଟ୍ଟନାୟକଙ୍କୁ ସ୍ମାରକପତ୍ର ଦେଇଛନ୍ତି। ବିଜେଡି ଏଠାରେ ଗଣେଶ୍ୱରଙ୍କୁ ପ୍ରାର୍ଥୀ ଭାବେ ଟିକେଟ ଦେଲେ ବିଜେଡିରୁ ଏକ ବଡ ଅଂଶ ଭାଜପା ଓ କଂଗ୍ରେସ ଆଡକୁ ମୁହାଁଇବ ବୋଲି ସଜବାଜ ଚାଲିଛି। ଏଥିପାଇଁ ଭାଜପାର ସୁନାକର ବେହେରା, କଳ୍ପନା ମଲ୍ଲିକ ପ୍ରମୁଖ ଆଶାୟୀ ପ୍ରାର୍ଥୀ ଥିଲେ ମଧ୍ୟ ନାମ ଘୋଷଣା ହୋଇପାରୁନାହିଁ। ଅପରପକ୍ଷରେ ଗଣେଶ୍ୱରଙ୍କ ଦଳ ବଦଳ ପରେ କଂଗ୍ରେସ ସଙ୍ଗଠନ ଏହି ବିଧାନସଭା କ୍ଷେତ୍ରରେ ଦୁର୍ବଳ ହୋଇଛି। ଫଳରେ ଏହି ରାଜନୈତିକ ଦଳ ଶେଷ ମୁହୂର୍ତ୍ତରେ ପ୍ରାର୍ଥୀ ଘୋଷଣା କରିବ ବୋଲି ଆକଳନ କରାଯାଉଛି। ଅପରପକ୍ଷରେ ଭାଜପା ପକ୍ଷରୁ ଆଳିରୁ କୃଷ୍ଣଚନ୍ଦ୍ର ପଣ୍ଡା, ରାଜନଗରରୁ ଲଳିତ ବେହେରା, ମହାକାଳପଡ଼ାରୁ ଦୁର୍ଗା ପ୍ରସନ୍ନ ନାୟକ, ପାଟକୁରାରୁ ତେଜେଶ୍ୱର ପରିଡ଼ା ନବାଗତ ପ୍ରାର୍ଥୀ ହୋଇଛନ୍ତି। ସେହିପରି କଂଗ୍ରେସର ପାଟକୁରାରୁ ରତିକାନ୍ତ କାନୁନ୍‌ଗୋ, ଆଳିରୁ ଡ. ଦେବସ୍ମିତା ଶର୍ମା ପ୍ରଥମଥର ପାଇଁ ସାଧାରଣ ନିର୍ବାଚନରେ ଅଂଶ ଗ୍ରହଣ କରିବେ। ଏମାନଙ୍କ ବିରୋଧରେ ପୁରୁଖା ନେତା ଥିବାରୁ ନିର୍ବାଚନ ଏକ ରୋଚକ ମୋଡ ନେବ ବୋଲି ବିଶ୍ଳେଷକମାନେ ମତ ରଖିଛନ୍ତି।

# ଆଜିଠୁ ଦଶପଲ୍ଲା ଲଙ୍କାପୋଡ଼ି ଯାତ୍ରା

**ରାମାୟଣର କଥାବସ୍ତୁକୁ ନେଇ ଗୀତ ଓ ନୃତ୍ୟରେ ପରିବେଷଣ ହୁଏ ରାମ ନାଟକ। ଆଧୁନିକ ବାଦ୍ୟଯନ୍ତ୍ର ଓ ମହିଳା କଳାକାରଙ୍କୁ ନାଟକରେ ବାରଣ ରହିଛି। ପୁରୁଷମାନେ ହିଁ ପୁରୁଷ ଓ ମହିଳା କଳାକାର ଭାବେ ଅଭିନୟ କରିଥାନ୍ତି। ଦଶହରାରେ ପୋଥି ପୂଜା ହୁଏ। ଭଲ ଦିବସ ଦେଖି ରାମ ନାଟକର ଆଖଡା ଆରମ୍ଭ ହେଉଥିବାବେଳେ ଅଶୋକଷ୍ଟମୀରେ ଏହା ଶେଷ ହୁଏ। ୩୫ ଫୁଟର ରାବଣ ଓ ପୁଷ୍ପକ ବିମାନ ଦଶପଲ୍ଲା ଲଙ୍କାପୋଡି ଯାତ୍ରାର ମୁଖ୍ୟ ଆକର୍ଷଣ ସାଜିଥାଏ।**





- ଗୀତ ଓ ନୃତ୍ୟରେ ପରିବେଷଣ ହୁଏ ରାମ ନାଟକ
- ୩୫ ଫୁଟର କାଠ ରାବଣ ଓ ପୁଷ୍ପକ ବିମାନ ଆକର୍ଷଣ

ନୟାଗଡ଼/ଦଶପଲ୍ଲା,୧୬।୪ ଲୋକନାଥ ମିଶ୍ର/ପ୍ରକାଶ କୁମାର ପାଣି)

ରାମନବମୀରୁ ଆରମ୍ଭ ହେଉଛି ଭାରତ ପ୍ରସିଦ୍ଧ ଲଙ୍କାପୋଡ଼ି ଯାତ୍ରା। ଏହି ଅବସରରେ ଦଶପଲ୍ଲାର ମହାବୀର ପୀଠ ଚଳଚଞ୍ଚଳ ହୋଇ ଉଠିଛି। ରାମାୟଣର ବିଭିନ୍ନ ପ୍ରସଙ୍ଗକୁ ନେଇ ୧୪ଦିନ ଧରି ଏହା ମଙ୍ଗଳରାତି ବୁଧ ପାହାନ୍ତିରେ ରାବଣ ବଧ ପରେ ଲଙ୍କାପୋଡ଼ି ଯାତ୍ରା ଉଦ୍‌ଯାପିତ ହେବ। ୧୮୦୨ରୁ ଏହି ଯାତ୍ରା ଓ କାଷ୍ଠମୁଖାଧାରୀ ରାମଲୀଳା ମହାବୀର କ୍ଷେତ୍ର ଦଶପଲ୍ଲାରେ ହୋଇ ଆସୁଛି। ଦଶହରାରେ ପୋଥି ପୂଜାରୁ ଆରମ୍ଭ ହୁଏ ଲଙ୍କାପୋଡ଼ି ଯାତ୍ରାର ଶୁଭାରମ୍ଭ। ଭଲ ଦିବସ ଅଥବା ଦୋଳପୂର୍ଣ୍ଣିମାରୁ ଆରମ୍ଭ ହୁଏ ରାମ ନାଟକର ଆଖଡ଼ା। ଅଶୋକାଷ୍ଟମୀରେ ଆଖଡ଼ା ଶେଷ ପରେ ରାମନବମୀରେ ଆରମ୍ଭ ହୁଏ ରାମ ନାଟକ। ଶ୍ରୀରାମ ଜନ୍ମ ଠାରୁ ଆରମ୍ଭ କରି ଶ୍ରୀରାମ ଅଭିଷେକ ପର୍ଯ୍ୟନ୍ତ ବିଷୟବସ୍ତୁକୁ ନେଇ ମଞ୍ଚରେ ଅଭିନୟ ଓ ନୃତ୍ୟ ଆକାରରେ କଳାକାରମାନେ ପରିବେଷଣ କରି ଲୋକଙ୍କ ମନ ବିମୋହିତ କରିଥାନ୍ତି। ହନୁମାନ, ବାଳି, ସୁଗ୍ରୀବ, ଅଙ୍ଗଦ, ଜାମ୍ବବାନ, ରାବଣ, କୁମ୍ଭକର୍ଣ୍ଣ, ବିଭିଷଣ, ଇନ୍ଦ୍ରଜିତ, ତାଡକା, ସୁପର୍ଣ୍ଣଖା, ମାୟାମୃଗ ପରି ୨୧ ଚରିତ୍ର କାଷ୍ଠମୁଖା ପରିଧାନ କରି ନିଖୁଣ ଅଭିନୟ କରିଥାନ୍ତି। ନାଟକର ବିଭିନ୍ନ ଚରିତ୍ର ମୁଣ୍ଡ(କାଷ୍ଠମୁଖା ) ପରିଧାନ କରୁଥିବାରୁ ନାଟକକୁ କାଷ୍ଠମୁଖାଧାରୀ ରାମାୟଣ କୁହାଯାଉଛି। କିଛି ପାଳିଆ ଓ କଳାକାର ରାମାୟଣର ପୁରାଣ ପୋଥିକୁ ସଙ୍ଗୀତ ଅକାରରେ ରାମ ନାଟକର ତାଳେ ତାଳେ ପରିବେଷଣ କରିଥାନ୍ତି। ରାମ ପର୍ଶୁରାମ ଭେଟରେ ନୃତ୍ୟ,ଗୀତ ସହିତ ସଂଳାପ ଦେଖିବାକୁ ମିଳେ। ବାଣଯୁକ୍ତ ଧନୁ ନାଟକରେ ଅଭିନୟ କରୁଥିବା ଚରିତ୍ରମାନେ ବ୍ୟବହାର କରିଥାନ୍ତି। ପରମ୍ପରା ଅନୁସାରେ ସଂକ୍ରାନ୍ତି, ଗୁରୁବାର ରାମ ନାଟକ ବନ୍ଦ ଥିବାରୁ ଯାତ୍ରାର ଦିନ ବଢ଼ି ଯାଇଥାଏ। ସୀତାହରଣ ଠାରୁ ଗହଳି ବଢ଼େ। ସୀତା ହରଣ ଦିବସରେ ପୁଷ୍ପକଯାନ ଓ ୩୫ ଫୁଟର କାଷ୍ଠର ରାବଣ ଦେଖିବାକୁ ମିଳେ। ଯାତ୍ରାର ଅନ୍ତିମ ରଜନୀରେ ମହାବୀରଙ୍କ ପୀଠାରୁ ବାସ୍ତବ ଅଭିନୟ କରୁଥବା ରାମ, ଲକ୍ଷ୍ମଣ କାଷ୍ଠ ରାବଣଙ୍କ ସହ ଯୁଦ୍ଧ କରି ୧କି.ମି.ପର୍ଯ୍ୟନ୍ତ ରାସ୍ତା ଅତିକ୍ରମ କରନ୍ତି। ପୁଷ୍ପକ ବିମାନର ବ୍ୟବହାର ଦେଖିବାକୁ ମିଳେ। ପୁଣି ମାନସିକ ବାଣ ରାତି ତମାମ ଫୁଟିବା କାରଣରୁ ପରିବେଶ ଧୁମାୟିତ ହୋଇ ପଡେ। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଭକ୍ତ ଆସି ଏଠାରେ ମାନସିକ କରି ନିଜର ମନସ୍କାମନା ପୂରଣ କରୁଥିବାର ନଜିର ରହିଛି। ରାମଙ୍କ ଅଭିଷେକ ଦଶପଲ୍ଲାରେ ଅଯୋଧାର ଭ୍ରମ ସୃଷ୍ଟି କରେ।



### ଗୁରୁବାର ନାଟକ ବନ୍ଦ

ଲଙ୍କାପୋଡ଼ି ଯାତ୍ରା ୧୪ଦିନ ହେଉଥିବାବେଳେ ଗୁରୁବାର ପାଇଁ କେବଳ ଏପ୍ରିଲ ୧୮ ଓ ୨୫ ତାରିଖ ରାମ ନାଟକ ବନ୍ଦ ରହିବ। ୧୩ ଦିନ କେବଳ ରାମ ନାଟକ ଦେଖିବାକୁ ମିଳିବ। ଏପ୍ରିଲ ୧୭ରେ ଶ୍ରୀରାମ ଜନ୍ମ, ୧୯ରେ ଜାଗ ରକ୍ଷା, ତାଡକା ବଧ ଓ ଶବ ଧନୁ ଭଗ୍ନ, ୨୦ରେ ସୀତା ବିବାହ ଓ ପର୍ଶୁରାମ ଭେଟ, ୨୧ରେ ଗଣ୍ଡା ବଧ, ୨୨ରେ ଶ୍ରୀରାମ ବନବାସ ଓ ଭରତ ମିଳନ, ୨୩ରେ ବିରାୟୁଧ ବଧ, ବେଢ଼ା ପରିକ୍ରମା ଦେଖିବାକୁ ମିଳେ। ପରେ ପଞ୍ଚବଟିକୁ ପ୍ରବେଶ କରନ୍ତି ରାମଚନ୍ଦ୍ର। ୨୪ରେ ସୀତା ହରଣ, ୨୬ରେ ଶ୍ରୀରାମ ବିଳାପ, ଶବରୀ ମୋକ୍ଷ, ୨୭ରେ ବାଳି ବଧ, ସୁଗ୍ରୀବ ରାଜ୍ୟ ଅଭିଷେକ, ୨୮ରେ ସୀତା ଠାବ, ରାବଣ ଛତ୍ର ଛେଦନ(ପ୍ରଥମ ଗଡବେଢ଼), ୨୯ରେ ୨ୟ ଗଡବେଢ଼ରେ କୁମ୍ଭକର୍ଣ୍ଣ ବଧ ଓ ନାଗ ଫାଶ, ୩୦ରେ ରାବଣ ବଧ ସହ ଲଙ୍କାପୋଡି ଯାତ୍ରାର ମୁଖ୍ୟଉତ୍ସବ, ମେ ୧ରେ ଶ୍ରୀରାମ ଚନ୍ଦ୍ରଙ୍କ ରାଜ୍ୟାଭିଷେକ ହେବ। ଅନ୍ୟପକ୍ଷେ ଏପ୍ରିଲ ୨୧ ଓ ୩୦ ଏବଂ ମେ ୧ ରେ ମେଲୋଡି କାର୍ଯ୍ୟକ୍ରମ ରହିଛି। ମେ ୨ରୁ ୬ ତାରିଖ ପର୍ଯ୍ୟନ୍ତ ମାଗଣା ଅପେରା ପରିବେଷଣ କରାଯିବ ବୋଲି ଅନୁଷ୍ଠାନର କର୍ମକର୍ତ୍ତା ସୂଚନା ଦେଇଛନ୍ତି।

### ବାମମୁଖା ନୁହେଁ ଦକ୍ଷିଣମୁଖା ହନୁମାନ

ଦଶପଲ୍ଲାର ଅଧିଷ୍ଠିତ ପ୍ରଭୁରୂପେ ମହାବୀର (ହନୁମାନ) ବିରାଜିତ। ବିଭିନ୍ନ ସ୍ଥାନରେ ପୂଜା ପାଉଥିବା ହନୁମାନଙ୍କ ଅପେକ୍ଷା ଦଶପଲ୍ଲାର ମହାବୀର ସ୍ୱତନ୍ତ୍ର ଓ ବ୍ୟତିକ୍ରମ। ସବୁ ସ୍ଥାନରେ ହନୁମାନ ରାମଚନ୍ଦ୍ରଙ୍କ ପାର୍ଶ୍ୱ ଦେବତା ରୂପେ ପୂଜିତ। ମାତ୍ର ଦଶପଲ୍ଲାର ମହାବୀର କ୍ଷେତ୍ରରେ ବିପରିତ। ଏଠାରେ ପ୍ରଥମେ ମହାବୀର ଓ ପରେ ରଘୁନାଥ ଓ ସୀତା ସ୍ଥାପିତ। ମହାବୀର ଏଠାରେ ପାର୍ଶ୍ୱ ଦେବତା ରୂପେ ପୂଜିତ ହେଉଥିଲେ ମଧ୍ୟ ରଘୁନାଥଙ୍କଠାରୁ ଉନ୍ନତ ମନ୍ଦିରରେ ଅବସ୍ଥାପିତ। ସେହିଭଳି ସାଧାରଣତଃ ମହାବୀର ବାମମୁଖା ହୋଇଥିବାବେଳେ ଦଶପଲ୍ଲାର ମହାବୀର ଗଦା ହସ୍ତ ଦକ୍ଷିଣମୁଖା। ପୁଣି ରଘୁନାଥ ଓ ସୀତା ଠାକୁରାଣୀଙ୍କୁ ଦୂରରୁ ଦେଖିଲେ କୃଷ୍ଣ ରାଧାଙ୍କ ପରି ଦେଖା ଯାଇଥାନ୍ତି। ରାଧାକୃଷ୍ଣଙ୍କ ପରି ଏଠାରେ ରାମସୀତା ବଙ୍କିମ ଠାଣିରେ ପ୍ରତିଷ୍ଠିତ। ମହାବୀର କ୍ଷେତ୍ରର ପରମ୍ପରା ଓ ରୀତିନୀତି ନିଆରା।

## ଗ୍ରୀଷ୍ମ ପ୍ରବାହ ବେଳେ କାମ କରୁଛନ୍ତି ଶ୍ରମିକ



ଓଡ଼ଗାଁ,୧୬।୪
(ଆଦର୍ଶ କୁମାର ପଟ୍ଟନାୟକ)

ତାତିରୁ ନିସ୍ତାର ନାହିଁ। ସକାଳ ୮ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ତାତଲା କଡ଼େଇରେ ସିଝୁଛି ଓଡ଼ଗାଁ ସହର। ସାରା ରାଜ୍ୟ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରେ ତ୍ରାହି ତ୍ରାହି ଡାକୁଥିବା ବେଳେ ସରକାର ଶ୍ରମିକମାନଙ୍କ ପାଇଁ ସର୍କୁଲାର ଜାରି କରିଛନ୍ତି। ଦିନ ୧୧ଟାରୁ ୩ଟା ପର୍ଯ୍ୟନ୍ତ ଶ୍ରମିକମାନଙ୍କୁ କାର୍ଯ୍ୟରେ ନିୟୋଜିତ ନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କିନ୍ତୁ ଏହି ନିର୍ଦ୍ଦେଶକୁ ଫୁ କରି ଦେଇଛନ୍ତି କେତେଜଣ ଠିକାଦାର। ଏବେ ଓଡ଼ଗାଁ ଏନଏସି ନୂତନ କାର୍ଯ୍ୟାଳୟରେ ଶ୍ରମିକମାନଙ୍କୁ ନିୟୋଜିତ କରି କାମ କରାଯାଉଥିବା ଦେଖିବାକୁ ମିଳିଛି। ସରକରଙ୍କ ନିର୍ଦ୍ଦେଶ ଏଠାରେ କାମ କରୁନାହିଁ । ମଙ୍ଗଳବାର ଜାରିଙ୍ଗିଠାରେ ଏନଏସି ନୂତନ କୋଠା ନିର୍ମାଣରେ ଶ୍ରମିକଙ୍କୁ ଖରାରେ ନିୟୋଜିତ କରାଯାଇଥିଲା । ଜଣେ କି ୨ଜଣ ନୁହନ୍ତି, ୧୦ରୁ ୧୫ଜଣ ଶ୍ରମିକ ଛାତ ଉପରେ କାମ କରୁଥିବା ଦେଖିବାକୁ ମିଳିଥିଲା । ଖରାରେ ଝାଳନାଳ ହୋଇ କାମ କରୁଥିବା ଏହି ଶ୍ରମିକମାନଙ୍କ ପାଇଁ କୌଣସି ଆନୁଷଙ୍ଗିକ ବ୍ୟବସ୍ଥା ନ ଥିଲା । ଏ ସଂକ୍ରାନ୍ତରେ ଅଭିଯୋଗ ହେବା ପରେ ଉପଜିଲାପାଳ କର୍ଣ୍ଣଦେବ ସମାଦାର କହିଛନ୍ତି, ଏହାର ତଦନ୍ତ କରାଯିବ।

## ଭାଇରାଲ ଅଡିଓକୁ ନେଇ ଚିନ୍ତା

ନୟାଗଡ଼/ରଣପୁର,୧୬।୪ (ଲୋକନାଥ ମିଶ୍ର/ ସୁକାନ୍ତ କିଶୋର ଡାକୁଆ)

ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନ ଓ ଭାଜପା ନେତା ସନ୍ୟାସୀ ପ୍ରଧାନଙ୍କ ବାର୍ତ୍ତାଳପର ଭାଇରାଲ ଅଡିଓ ଏବେ ଚିନ୍ତାର କାରଣ ପାଲଟିଛି। ଏହି ଅଡିଓର ଖବର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ରଣପୁର ବିଜେଡିର ନିଦ ହଜାଇ ଦେଇଛି। ବିଜେଡିରୁ ସତ୍ୟ ନାରାୟଣ ପ୍ରଧାନ ପ୍ରାର୍ଥୀ ହେବା ପରେ ରଣପୁର ନିର୍ବାଚନ ମଣ୍ଡଳୀରେ ଗୋଷ୍ଠୀକନ୍ଦଳ ବଢ଼ିବାରେ ଲାଗିଛି। ଭାଇରାଲ ଅଡିଓ ଓ ଗୋଷ୍ଠୀକନ୍ଦଳକୁ ନେଇ ରାଜ୍ୟ ନେତୃତ୍ୱ ଚିନ୍ତା ପ୍ରକଟ କରି ସମାଧାନର ମାର୍ଗ ଖୋଜୁଛନ୍ତି। କେତେଜଣ ନେତା ଓ କର୍ମୀ ନିଜ ନାମ ଗୋପନ ରଖି ପ୍ରକାଶ କରିଛନ୍ତି ସତ୍ୟ ନାରାୟଣଙ୍କୁ ହଟାଇ ନୂଆ ମୁହଁ ଦିଆଯାଉ। ଆମେ ତଳସ୍ତରରେ ଭାଜପା ଓ ବିଜେଡି ମଧ୍ୟରେ ଲଢ଼େଇ କରୁଥିବାବେଳେ ଆମ ନେତା ବିଜେଡି ନେତାଙ୍କୁ ଭାଜପାରେ ମିଶାଇ ଫାଇଦା ନେବାରେ ଲାଗି ପଡିଛନ୍ତି। ନିଜ ଟିକେଟ୍‌କୁ ହାତେଇବା ପାଇଁ ଏଭଳିଆ ପଦକ୍ଷେପ ଦଳ ପାଇଁ କ୍ଷତି କରୁଛି ବୋଲି କହିଛନ୍ତି।

## ନୟାଗଡ଼ରେ ୪୧.୭ ଡିଗ୍ରୀ ତାପମାତ୍ରା

ନୟାଗଡ଼,୧୬।୪(ଲୋକନାଥ ମିଶ୍ର)

ବଣ ପାହାଡ ଘେରା ନୟାଗଡ଼ ଜିଲାରେ ଗ୍ରୀଷ୍ମର ପ୍ରକୋପ ବଢ଼ିବାରୁ ଅଗ୍ନି ବର୍ଷା ହେଉଛି। ନୟାଗଡ଼ର ତାପମାତ୍ରା ୪୧. ୭ ଡିଗ୍ରୀ ମଙ୍ଗଳବାର ରେକର୍ଡ କରାଯାଇଛି। ସ୍ଥିତି ଏଭଳି ହେଲାଣି ସକାଳ ୧୦ଟାରେ ଛାତ୍ରୀଛାତ୍ର ସ୍କୁଲରୁ ଘରକୁ ଫେରିବାରେ ସମସ୍ୟା ହେଲାଣି। ସକାଳ ୮ଟା ପରେ ଘରୁ ବାହାରିବା କଷ୍ଟକର ହୋଇ ପଡିଛି। ସନ୍ଧ୍ୟାରେ ମଧ୍ୟ ଗୁଳଗୁଳି ଅସହ୍ୟ ହେଲାଣି।

## ୭.୪୦ କେଜି ଗଞ୍ଜେଇ ଜବତ, ୨ ଜେଲ ଗଲେ

ନୟାଗଡ଼,୧୬।୪
(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଅବକାରୀ ମୋବାଇଲ ସ୍କ୍ୱାର୍ଡ ଓ ପକ୍ଷରୁ ପୃଥକ୍ ପୃଥକ୍ ଭାବେ ଚଢ଼ାଉ କରାଯାଇ ୭ କେଜି ୪୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଯାହାର ଦାମ ୮୦ ହଜାର ଟଙ୍କାରୁ ଉର୍ଦ୍ଧ ହେବ। ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ପରେ ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ପାଟିଲା ଆମ୍ବସାହି ସିକୋର ପ୍ରତାପ ମହାରଣା (୪୨)ଓ ନୂଆଗାଁ ଥାନା ନଇତଇଲା ଗାଁର ଗୁନେନ୍ଦ୍ର କୁମାର ଜଟି(୫୭)ଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି। ନୟାଗଡ଼ ଜିଲା ଅବକାରୀ ମୋବାଇଲ ସ୍କ୍ୱାର୍ଡ ପକ୍ଷରୁ ସୋମବାର ନୟାଗଡ଼ ଟାଉନ ଥାନାର ତୁଳସୀପୁର ସାଇ ବାବା ମନ୍ଦିର ନିକଟରୁ ପାଟିଲା ଆମ୍ବସାହି ସିକୋର ପ୍ରତାପ ମହାରଣାଙ୍କୁ ଗିରଫ କରାଯାଇଛି। ପ୍ରତାପଙ୍କଠାରୁ ୪ କେଜି ଗଞ୍ଜେଇ ଜବତ କରାଯାଇଛି। ଏନେଇ ୧୪/୨୪ରେ ମାମଲା ହୋଇଛି। ଅନ୍ୟପକ୍ଷେ ନୟାଗଡ଼ ଅବକାରୀ ବିଭାଗର କର୍ମଚାରୀମାନେ ନୂଆଗାଁ ଥାନାର ଉଦୟପୁର ଛକରେ ନଇତଇଲା ଗାଁର ଗୁନେନ୍ଦ୍ର କୁମାର ଜଟିଙ୍କୁ ଗିରଫ କରି ତାଙ୍କଠାରୁ ୩ କେଜି ୪୦ ଗ୍ରାମ ଗଞ୍ଜେଇ ଜବତ କରିଥିଲେ। ଏନେଇ ୯/୨୪ରେ ମାମଲା ରୁଜୁ ହୋଇଛି।

## ୩ ଜଙ୍ଗଲରେ ନିଆଁ

**ଜଙ୍ଗଲ କମିଟି ସଦସ୍ୟ ନିଆଁ ଲିଭାଇଲେ**



ନୟାଗଡ଼,୧୬।୪(ଲୋକନାଥ ମିଶ୍ର)

ନୟାଗଡ଼ ବନଖଣ୍ଡ ଦଶପଲ୍ଲା ରେଞ୍ଜର ଭୋଗବାଡି ପଞ୍ଚାୟତ ବଡ଼ ଓଷା, ବାଘଦାଣ୍ଡି, ଗଦଗଦି ଜଙ୍ଗଲରେ ସୋମବାର ନିଆଁ ଲାଗିଥିଲା । ପୁଟୁବାରୀ ଡାଞ୍ଜୁରାଣୀ ଗୋଷ୍ଠୀ ଜଙ୍ଗଲ ସମ୍ବଳ ଅଧିକାର କମିଟିର ୧୫ଜଣ ସଦସ୍ୟା ସଦସ୍ୟ ଜଙ୍ଗଲରେ ପହଞ୍ଚି ନିଆଁକୁ ଆୟତ କରିଥିଲେ । ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ହାରାବତୀ ଜେନା, ସରସ୍ୱତୀ ଜାନୀ, ମଥୁରା ଜାନୀ, ପ୍ରମିଳା ଜାନୀ ପ୍ରମୁଖ ୨୦ରୁ ଉର୍ଦ୍ଧ୍ୱ ପୁରୁଷ ମହିଳା ନିଆଁ ଲିଭାଇଥିଲେ । ପୁଟୁବାରୀ ଗ୍ରାମବାସୀ ବିନା ସରକାରୀ ସହାୟତାରେ ଜଙ୍ଗଲ ଜଗି ସୁରକ୍ଷା ଦେଇ ଆସୁଛନ୍ତି ।

### ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଚନ୍ଦ୍ରଶେଖର



@ ପ୍ରଶାନ୍ତ



@ ତାପସ



@ ତିଳୋତ୍ତମା



@ ଗୁଡ୍ଡୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ରଘୁନାଥଙ୍କୁ ଦର୍ଶନ କଲେ କଂଗ୍ରେସ ପ୍ରାର୍ଥୀ

ଓଡ଼ଗାଁ,୧୬।୪
(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ କଂଗ୍ରେସ ପ୍ରାର୍ଥୀ ତଥା ଜିଲା କଂଗ୍ରେସ ସଭାପତି ବରିଷ୍ଠ ଆଇନଜୀବୀ ରଣଜିତ ଦାଶଙ୍କୁ ଟିକେଟ୍ ମିଳିବା ପରେ ସେ ମଙ୍ଗଳବାର ରଘୁନାଥଜୀଉଙ୍କୁ ଦର୍ଶନ କରିଛନ୍ତି । ଏହି ଅବସରରେ ଓଡ଼ଗାଁ ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମ ପଞ୍ଚାୟତ ଏବଂ ଏନ୍‌ଏସିର ଦଳୀୟ କାର୍ଯ୍ୟକର୍ତ୍ତା ଓଡ଼ଗାଁ ରଘୁନାଥ ମନ୍ଦିରରେ ତାଙ୍କୁ ପୁଷ୍ପମାଲ୍ୟ ଦେଇ ସ୍ୱାଗତ କରିଥିଲେ । କର୍ମୀମାନେ ବାଣ ଫୁଟାଇ, ପରସ୍ପର ମିଠା ଖୁଆଇ ଦାଶଙ୍କୁ ବିଜୟ କରିବା ପାଇଁ ସଂକଳ୍ପ ନେଇଥିଲେ । ଏହି ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ପିସିସି ସାଧାରଣ ସମ୍ପାଦକ ହୁସେନ ଖାନ, ବରିଷ୍ଠ ନେତା ଲକ୍ଷ୍ମୀଧର ତ୍ରିପାଠୀ, ନୟାଗଡ଼ ବ୍ଲକ ସଭାପତି ଫକୀର ଚରଣ ମଲ, ଓଡ଼ଗାଁ ବ୍ଲକ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ, ଜିଲା ସୋସିଆଲ ମିଡ଼ିଆ ସେଲ୍ ଅଧ୍ୟକ୍ଷ ଦିଲୀପ କୁମାର ବିଶୋଇ, କଂଗ୍ରେସ ନେତା ପଡିଆ ପଲେଇ ପ୍ରମୁଖ କଂଗ୍ରେସ ନେତାଙ୍କ ସମେତ ପ୍ରାୟ ୩ଶହରୁ ଉର୍ଦ୍ଧ୍ୱ ଦଳୀୟ କର୍ମୀ ଯୋଗ ଦେଇଥିଲେ ।



ଦଳୀୟ କର୍ମୀଙ୍କ ସହ ରଣଜିତ ଦାଶ ରଘୁନାଥଜୀଉଙ୍କ ଦର୍ଶନ କରି ଫେରୁଛନ୍ତି ।

